

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୧୨ ଜାନୁଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 12 JANUARY 2026

Vol.No. 36 ■ No.12 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍‌ଶୀଘ୍ର ପ୍ରକାଶ ପାଇବ

ସାଗରିକା

(ନୂଆବର୍ଷ ସଂଖ୍ୟା)

ଡିଜିଟାଲ୍ ଫର୍ମାଟରେ ମଧ୍ୟ ଉପଲବ୍ଧ...

website : sagarika.in.net


## 'ଅନ୍ୱେଷା' ସାଟେଲାଇଟ୍ ଉତ୍‌କ୍ଷେପଣ କରିବ ଇସ୍ରୋ

ନୂଆଦିଲ୍ଲୀ,୧୧।୧: ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଏହାର ଶକ୍ତିଶାଳୀ ରକେଟ୍ PSLV-C62 ଜରିଆରେ 'ଅନ୍ୱେଷା' ନାମକ ଏକ ଅତ୍ୟାଧୁନିକ ସାଟେଲାଇଟ୍ ଉତ୍‌କ୍ଷେପଣ କରିବାକୁ ଯାଉଛି। ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ ଦ୍ୱାରା ପ୍ରସ୍ତୁତ ଏହି ସାଟେଲାଇଟ୍ ଭାରତର ପ୍ରତିରକ୍ଷା କ୍ଷେତ୍ରରେ ଏକ 'ସୁପର ପାୱାର' ଭାବେ କାର୍ଯ୍ୟ କରିବ। ଏହି ସାଟେଲାଇଟ୍‌ରେ ହାଇପର ସ୍ପେକ୍ଟ୍ରାଲ୍ ରିମୋଟ୍ ସେନ୍ସିଂ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଇଛି। ସାଧାରଣ କ୍ୟାମେରା କେବଳ ରଙ୍ଗ ଓ ଆକୃତି ଦେଖିପାରୁଥିବା ବେଳେ 'ଅନ୍ୱେଷା' ବସ୍ତୁର ମଲିକ୍ୟୁଲାର ଗଠନ ବା ତାର ପ୍ରକୃତିକୁ ଚିହ୍ନଟ କରିପାରିବ। ଏହାର ଅର୍ଥ ହେଉଛି, ଯଦି ଶତ୍ରୁ ପକ୍ଷ ଜଙ୍ଗଲରେ କୌଣସି ଗାଡ଼ି ବା



ଟ୍ୟାଙ୍କକୁ ଜାଲ କିମ୍ବା ପତ୍ର ଦ୍ୱାରା ଲୁଚାଇ ରଖିଛନ୍ତି, ତେବେ ଏହି ସାଟେଲାଇଟ୍ ସେହି ଛଳନାକୁ ଧରିପାରିବ। ପୃଥିବୀର ପ୍ରତିଟି ବସ୍ତୁ ଆଲୋକର ପ୍ରତିଫଳନରେ ନିଜର ଏକ ସ୍ୱତନ୍ତ୍ର ସଂକେତ ଛାଡ଼ିଥାଏ। ଅନ୍ୱେଷା ଶହ ଶହ ପ୍ରକାରର ଆଲୋକ ତରଙ୍ଗକୁ ବିଶ୍ଳେଷଣ କରି ଜଳ, ମାଟି, ପତ୍ର ଏବଂ କୃତ୍ରିମ ବସ୍ତୁ ମଧ୍ୟରେ ଥିବା ସୂକ୍ଷ୍ମ ପାର୍ଥକ୍ୟକୁ ଚିହ୍ନଟ କରିଥାଏ। ଏହା ମାଧ୍ୟମରେ ଯୁଦ୍ଧକ୍ଷେତ୍ରର ୩-ଡି ମଡେଲ ପ୍ରସ୍ତୁତ କରାଯାଇପାରିବ, ଯାହା ସେନାକୁ ସଠିକ୍ ରଣନୀତି ପ୍ରସ୍ତୁତ କରିବାରେ ସାହାଯ୍ୟ କରିବ। ଶତ୍ରୁର ଗତିବିଧି ଉପରେ ନଜର: ସୀମାରେ କୌଣସି ଅନୁପ୍ରବେଶ ବା ଲୁଚି ରହିଥିବା ଶତ୍ରୁ ସେନାକୁ ଏହା ସହଜରେ ଧରିପାରିବ। ଯୁଦ୍ଧ କ୍ଷେତ୍ରର ମାଟି ପରୀକ୍ଷା: କେଉଁ ରାସ୍ତାରେ ଭାରୀ ଟ୍ୟାଙ୍କ ଯାଇପାରିବ ଏବଂ କେଉଁଠି କାଦୁଅରେ ଫସିଯିବାର ଭୟ ରହିଛି, ତାହା ଏହି ସାଟେଲାଇଟ୍ ପୂର୍ବରୁ ଜଣାଇଦେବ। ବିପର୍ଯ୍ୟୟ ପରିଚାଳନା: ବନ୍ୟା ବା ଭୂକମ୍ପ ପରେ କେଉଁ ଅଞ୍ଚଳରେ ଅଧିକ କ୍ଷୟକ୍ଷତି ହୋଇଛି, ତାହା ଅନ୍ୱେଷା ସଠିକ ଭାବେ ଚିହ୍ନଟ କରିପାରିବ। କୃଷି କ୍ଷେତ୍ର: ଚାଷ ଜମିରେ ରୋଗ ଲାଗିବା ପୂର୍ବରୁ ଏହି ସେନ୍ସର ଗଛର ଶକ୍ତି ହ୍ରାସକୁ ଧରିପାରିବ, ଯାହାଦ୍ୱାରା ଚାଷୀମାନେ ସତର୍କ ହୋଇପାରିବେ। ଗତ ବର୍ଷ PSLV-C61 ର ବିଫଳତା ପରେ, ଇସ୍ରୋ ପାଇଁ ଏହି ମିଶନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିରେ ଅନ୍ୱେଷା ସହିତ ଅନ୍ୟ ୧୮ଟି ଛୋଟ ସାଟେଲାଇଟ୍ ମଧ୍ୟ ମହାକାଶକୁ ଯାଉଛି। ଏହି ସଫଳ ଉତ୍‌କ୍ଷେପଣ ଭାରତର ମହାକାଶ କ୍ଷମତାକୁ ବିଶ୍ୱ ଦରବାରରେ ଆହୁରି ମଜବୁତ କରିବ।

## ଇରାନରେ ଯେ କୌଣସି ସମୟରେ ହୋଇପାରେ ଆମେରିକାର ଆକ୍ରମଣ

ନୂଆଦିଲ୍ଲୀ,୧୧/୧ : ଇରାନ ଉପରେ ଆମେରିକାର ଆକ୍ରମଣ ସମ୍ଭାବନାକୁ ନେଇ ଇସ୍ରାଏଲ ହାଇ ଆଲର୍ଟରେ ଅଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତ କିଛି ଦିନ ମଧ୍ୟରେ ବାରମ୍ବାର ଇରାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ କରିବାକୁ ଧମକ ଦେଇଛନ୍ତି ଏବଂ ବିକ୍ଷୋଭ ପ୍ରଦର୍ଶନକାରୀଙ୍କ ବିରୋଧରେ ବଳ ପ୍ରୟୋଗ ନ କରିବାକୁ ଇରାନର ଶାସକମାନଙ୍କୁ ଚେତାବନୀ ଦେଇଛନ୍ତି। ଟ୍ରମ୍ପ କହିଛନ୍ତି ଯେ, ବିକ୍ଷୋଭକାରୀଙ୍କ ଉପରେ ବଳ ପ୍ରୟୋଗ କରାଗଲେ ଆମେରିକା ସେମାନଙ୍କୁ ସାହାଯ୍ୟ କରିବାକୁ ପ୍ରସ୍ତୁତ ଅଛି। ତେଣେ ଇରାନ ଧମକ ଦେଇଛି, ଯଦି ଟ୍ରମ୍ପ ହସ୍ତକ୍ଷେପ କରନ୍ତି, ତେବେ ଇରାନ, ଆମେରିକାର ସୈନ୍ୟ ଏବଂ ଆମେରିକା ଓ ଇସ୍ରାଏଲ ସହ ଜଡ଼ିତ ଘାଟିଗୁଡ଼ିକ ଉପରେ ଆକ୍ରମଣ



କରିବ। ଗତରାତିରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଓ ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓ ଇରାନରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନ ସମ୍ଭାବନା ବିଷୟରେ ଆଲୋଚନା କରିଥିଲେ। ଜଣେ ଆମେରିକୀୟ ଅଧିକାରୀ ନିଶ୍ଚିତ କରିଛନ୍ତି ଯେ, ଉଭୟେ କଥା ହୋଇଥିଲେ କିନ୍ତୁ ସେମାନେ କେଉଁ ବିଷୟ ଉପରେ ଆଲୋଚନା କରିଥିଲେ ତାହା କହି ନାହାନ୍ତି। ଇରାନର ଆଣବିକ ଓ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ବିଷୟରେ ଇସ୍ରାଏଲର ଚିନ୍ତାକୁ ନେଇ ଦୁଇ ଚିରଶତ୍ରୁଙ୍କ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଥିବାରୁ ଇସ୍ରାଏଲ ଇରାନରେ ଆକ୍ରମଣ କରିବାକୁ ଇଚ୍ଛା ପ୍ରକାଶ କରିନାହିଁ। ଏକ ସାକ୍ଷାତ୍‌କାରରେ ନେତାନ୍ୟାହୁ କହିଛନ୍ତି ଯେ, ଯଦି ଇରାନ ଇସ୍ରାଏଲ ଉପରେ ଆକ୍ରମଣ କରେ ତେବେ ଏହାର ଭୟଙ୍କର ପରିଣାମ ହେବ।

## ଆଜି ନୂଆ ରାଜନୈତିକ ଦଳର ପଡିବ ମୂଳଦୁଆ: ସମାବେଶରେ ଯୋଗଦେବେ ଯୁବ ବର୍ଗ

ଭୁବନେଶ୍ୱର, ୧୧/୧ (ନି.ପ୍ର): ଜାତୀୟ ଯୁବ ଦିବସରେ ବରିଷ୍ଠ ନେତା ମହମ୍ମଦ ମୋକିମଙ୍କ ନୂଆ ରାଜନୈତିକ ଦଳର ପଡିବ ମୂଳଦୁଆ । ମାର୍ଚ୍ଚରେ ନୂଆ ରାଜନୈତିକ ଦଳ ଗଠନ ପୂର୍ବରୁ ଭୁବନେଶ୍ୱରରେ ହେବାକୁ ଥିବା ଯୁବ ସମାବେଶରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଯୋଗଦେବେ ଯୁବବର୍ଗ। ଓଡିଶାର ଗୌରବ ଫେରି ପାଇବା ପାଇଁ ବିପ୍ଳବର ଆବଶ୍ୟକତା ଥିବା ମୋକିମ କହିଥିବା ବେଳେ



ରାଜନୀତି ସମୀକ୍ଷକଙ୍କ କହିବା କଥା ବିରୋଧୀ କଂଗ୍ରେସ ଓ ବିଜେଡିର ହୋଇପାରେ ବଡ କ୍ଷତି । ଜାତୀୟ ଯୁବ ଦିବସରେ ଯୁବ ସମାବେଶ । ପଡିବ ନୂଆ ରାଜନୈତିକ ଦଳର ମୂଳଦୂଆ । ଶକ୍ତି ପ୍ରଦର୍ଶନ କରିବେ ମୋକିମ୍ । ଆରମ୍ଭ ହେଲାଣି ସଜବାଜ। ଭୁବନେଶ୍ୱର ସତ୍ୟନଗର ଅଞ୍ଚଳରେ ଚାଲିଛି ପ୍ରସ୍ତୁତି । ଆସନ୍ତାକାଲି ରାଜଧାନୀରେ ଜାତୀୟ ଯୁବ ଦିବସ ପାଳିବେ ବରିଷ୍ଠ ନେତା ମହମ୍ମଦ ମୋକିମ । ଉପକୂଳ ଓଡିଶାର ଯୁବ ନେତୃତ୍ୱଙ୍କୁ ନେଇ ଓଡିଶାର ବିକାଶ ଉପରେ ହେବ ମାନସମନ୍ଥନ । ◆◆

ପୃଷ୍ଠା ୭

## ରାଉରକେଲା ବିମାନ ଦୁର୍ଘଟଣାର ତନାଘନା: ବ୍ଲାକ୍‌ବକ୍ସରେ ଦୁର୍ଘଟଣା ରହସ୍ୟ

ରାଉରକେଲା, ୧୧/୧ (ନି.ପ୍ର): ରାଉରକେଲା ବିମାନ ଦୁର୍ଘଟଣାକୁ ଏହା ଭିତରେ ୨୪ ଘଣ୍ଟା ବିତିଛି। କିନ୍ତୁ କେମିତି ଓ କାହିଁକି ବିମାନଟି ଦୁର୍ଘଟଣାଗ୍ରସ୍ତ ହେଲା ତାର କାରଣ ସ୍ପଷ୍ଟ ହୋଇନାହିଁ । କାରଣ ଜାଣିବା ପାଇଁ ଜାରି ରହିଛି ତଦନ୍ତ । କେନ୍ଦ୍ରୀୟ ଟିମ୍ ଦୁର୍ଘଟଣାସ୍ଥଳରେ ପହଁଚି ଛାନଭିନ୍ କରିଛନ୍ତି । ଅନ୍ୟପଟେ ସୌଭାଗ୍ୟ ବସତଃ ୬ଜଣଙ୍କ ଜୀବନ ବଂଚି ଯାଇଥିଲେ ବି ଦୁଇ ଗୁରୁତରଙ୍କୁ ମୁମ୍ବାଇର ଏକ ହସ୍ପିଟାଲକୁ ଏୟାରଲିଫ୍ଟ କରାଯାଇଛି । ରାଉରକେଲାରେ ଚାର୍ଟର ବିମାନ କେମିତି





ଦୁର୍ଘଟଣାଗ୍ରସ୍ତ ହେଲା, ଆରମ୍ଭ ହୋଇଛି କାରଣ ଖୋଜା । ଦୁର୍ଘଟଣାସ୍ଥଳ ଜଲଦାରେ ପହଁଚି ତଦନ୍ତ କରିଛନ୍ତି ଡିଜିସିଏର ୫ଜଣିଆ ଟିମ୍ । ବିମାନ ପଡିଥିବା ସ୍ଥାନ ଓ ଆଖପାଖର ଫଟୋ ଓ ଭିଡିଓଗ୍ରାଫି କରିଛନ୍ତି । ବିମାନଟି ବାଜିଥିବା ଗଛ ପାଖରେ ମାପଚୁପ କରିଛନ୍ତି। ଅନୁଧ୍ୟାନ ପରେ ଡିଜିସିଏ ଟିମ୍ ବିମାନର ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରାଂଶକୁ ସାଙ୍ଗରେ ନେଇଯାଇଛନ୍ତି। ଯାଂଚ ପରେ ପଦାକୁ ଆସିବ ଦୁର୍ଘଟଣାର କାରଣ । ବ୍ଲାକ୍ ବକ୍ସ ଅନୁଧ୍ୟାନ ପରେ ବିମାନ ଦୁର୍ଘଟଣାର ରହସ୍ୟ ଖୋଲିବ (ଏଏଆଇବି) ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ ବ୍ୟୁରୋର ୪ଜଣିଆ ଟିମ୍ ବି ଦୁର୍ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି । ବାଣିଜ୍ୟ ଏବଂ ପରିବହନ ବିଭାଗ ◆◆

ପୃଷ୍ଠା ୭

## କଟକରେ ଯୁବକଙ୍କୁ ପଥରରେ ଛେଚି ହତ୍ୟା

କଟକ, ୧୧/୧ (ନି.ପ୍ର): ଜଣେ ଯୁବକଙ୍କୁ ପଥରରେ ଛେଚି ହତ୍ୟା କରିବା ଭଳି ସଙ୍ଗୀନ ଅପରାଧିକ ଘଟଣା ବାଦାମବାଡ଼ି ଥାନା ଅଞ୍ଚଳରେ ଘଟିଛି। କାଠଯୋଡ଼ି ରିଂବନ୍ଧ ପାର୍ଶ୍ୱ ଖାନନଗର ଦୁର୍ଗା ମଣ୍ଡପ ନିକଟରୁ ଜଣେ ଯୁବକଙ୍କ କ୍ଷତାକ୍ତ ମୃତଦେହକୁ ପୋଲିସ ରବିବାର ଉଦ୍ଧାର କରିଛି। ମୃତକ ଜଣକ ହେଲେ ପୁରୀଘାଟ ଥାନା ଅନ୍ତର୍ଗତ ହଜାରୀଲେନର ପପୁ ଓରଫ ପ୍ରକାଶ ଦାସ(୪୫)। ପଥରରେ ତାଙ୍କ ମୁଣ୍ଡକୁ ଛେଚି ହତ୍ୟା କରାଯାଇଥିବା ବାଦାମବାଡି ଥାନା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ପୋଲିସ ମୃତଦେହ ଜବତ କରି ଏସ୍‌ସିବି ମେଡିକାଲକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ହତ୍ୟା ମାମଲା ରୁଜୁ କରିଛି। ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସାହାଯ୍ୟରେ ପୋଲିସ ତଥ୍ୟ ପ୍ରମାଣ ସଂଗ୍ରହ କରିଛି। ପୋଲିସ ତଦନ୍ତ ଆରମ୍ଭ କରି ହତ୍ୟାକାଣ୍ଡର କାରଣ ଜାଣିବାକୁ ପ୍ରୟାସ କରୁଛି। ମିଳିଥିବା ସୂଚନା ମୁତାବକ, ଖାନନଗର ଦୁର୍ଗା ମଣ୍ଡପ ନିକଟସ୍ଥ ଏକ ହୋଟେଲ ସମ୍ମୁଖରେ ଜଣେ ଯୁବକଙ୍କ କ୍ଷତାକ୍ତ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ରବିବାର ଦେଖିଥିଲେ। ସ୍ଥାନୀୟ ଲୋକେ ଏନେଇ ପୋଲିସକୁ ଖବର ଦେଇଥିଲେ। ସୂଚନା ପାଇବା ପରେ ବାଦାମବାଡ଼ି ଥାନା ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଥିଲା। ମୃତଦେହ ଯାଞ୍ଚ କରିବା ସମୟରେ ମୃତକଙ୍କ ମୁଣ୍ଡର ପଛ ପାର୍ଶ୍ୱକୁ ଶକ୍ତ ଆଘାତ ଲାଗିଥିବା ଦେଖିବାକୁ ମିଳିଥିଲା। ପାଖରେ ରକ୍ତ ଦାଗ ଲାଗିଥିବା ଏକ ପଥର ଖଣ୍ଡ ପଡ଼ିଥିଲା। ଉକ୍ତ ପଥରରେ ମୁଣ୍ଡକୁ ଛେଚି ପ୍ରକାଶଙ୍କୁ ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଆକଳନ କରିଛି।

## ଦଳ ପରିଚାଳନା ବିରୋଧରେ ମୁହଁ ଖୋଲିଲେ ଲତିକା

ଭୁବନେଶ୍ୱର, ୧୧/୧ (ନି.ପ୍ର): ମୁହଁ ଖୋଲିଛନ୍ତି ବିଜେଡିର କବିସୂର୍ଯ୍ୟନଗରର ପୂର୍ବତନ ବିଧାୟିକା ଲତିକା ପ୍ରଧାନ। ଦଳର ପରିଚାଳନା ନେଇ ଖୋଲାଖୋଲି ସେ ଜାହିର କରିଛନ୍ତି ଅସନ୍ତୋଷ। ଗଞ୍ଜାମ ଜିଲ୍ଲାରେ ବିଜେଡି ଦିନକୁ ଦିନ ଦୁର୍ବଳ ହୋଇଯାଉଛି ବୋଲି ସେ କହିବା ସହ ଗତ ନିର୍ବାଚନରେ ସେଠାରେ ଦଳର ପରାଜୟ ପାଇଁ ନାଁ ନେଇ ମାନସ ମଙ୍ଗରାଜଙ୍କୁ କରିଛନ୍ତି ଦାୟୀ। ଲତିକା କହିଛନ୍ତି, ଗଞ୍ଜାମ ଜିଲ୍ଲାରେ ଯଦିଓ ଆମେ ହାରିଥିଲୁ, କିନ୍ତୁ ସ୍ଥିତି ଭଲ ଥିଲା। ବିକ୍ରମ ପଣ୍ଡା ଦାୟିତ୍ୱ ନେଇଥିଲେ। ଧୀରେ ଧୀରେ ଆମ ସ୍ଥିତିରେ ସୁଧାର ଆସୁଥିଲା। କିନ୍ତୁ ଏହି ଘଟଣା (ପୀତବାସ ହତ୍ୟାକାଣ୍ଡରେ ବିକ୍ରମ ପଣ୍ଡା ଗିରଫ ହେବା) ଘଟିବା ପରେ ସମସ୍ତେ ମର୍ମାହତ ହୋଇଛନ୍ତି। ଆଜି ଯଦି ଆମେ ଗଞ୍ଜାମ ଜିଲ୍ଲାର ସଂଗଠନ କଥା କହିବୁ, ତା'ହେଲେ ଏହା ଗୋଟିଏ ଦିନରେ ଭାଙ୍ଗିଯାଇନି। ନିରନ୍ତର ଭାବେ ଗଞ୍ଜାମ ଜିଲ୍ଲା ନେତାଙ୍କୁ ଦାୟିତ୍ୱ ନଦେବା ଫଳରେ ଦଳର ସଂଗଠନ ଅତି ଦୁର୍ବଳ ହୋଇପଡ଼ିଛି। ଏବେ ଗଞ୍ଜାମ ଜିଲ୍ଲାର ମୁରବି ହେଉଛନ୍ତି ଆମ ଦଳର ସଭାପତି। ସେ ହିଞ୍ଜିଳିରୁ ବିଧାୟକ ଅଛନ୍ତି। କିନ୍ତୁ ସେ ମଧ୍ୟ ଜିଲ୍ଲା ପାଇଁ ସମୟ ଦେଇପାରି ନାହାନ୍ତି। ଆମେ ତାଙ୍କୁ ଅନୁରୋଧ କରୁଛୁ ଯେ ସେ ଗଞ୍ଜାମ ଜିଲ୍ଲାର ନେତାଙ୍କୁ ସ୍ୱତନ୍ତ୍ର ଭାବେ ଡାକି ଆଲୋଚନା କରନ୍ତୁ। ଗଞ୍ଜାମ ଜିଲ୍ଲାର ଦାୟିତ୍ୱ ସେ ନିଅନ୍ତୁ। ଜିଲ୍ଲାରେ ବିଜେଡି କେମିତି ସୁଦୃଢ଼ ହେବ, ସେଥିପାଇଁ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉ। ସେ କହିଛନ୍ତି, ଗଞ୍ଜାମ ଜିଲ୍ଲା ପାଇଁ ନିରନ୍ତର ଭାବେ ପାତରଅନ୍ତର ନୀତି ଆପଣାଯାଉଛି। ◆◆

ପୃଷ୍ଠା ୭

## ସୋମନାଥରେ 'ଶୌର୍ଯ୍ୟ ଯାତ୍ରା'ରେ ଭାଗ ନେଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୧୧/୧ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଗୁଜରାଟର 'ସୋମନାଥ ସ୍ୱାଭିମାନ ପର୍ବ'ର ଏକ ଅଂଶ ଭାବରେ ସୋମନାଥ ମନ୍ଦିରରେ 'ଶୌର୍ଯ୍ୟ ଯାତ୍ରା'ରେ ଅଂଶଗ୍ରହଣ କରିଥିଲେ। ସେ ସାରା ଦେଶର କଳାକାରମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିଥିଲେ। ସୋମନାଥ ମନ୍ଦିରର ସୁରକ୍ଷା ପାଇଁ ପ୍ରାଣବଳି ଦେଇଥିବା ଅଗଣିତ ଯୋଦ୍ଧାଙ୍କୁ ସମ୍ମାନ ଜଣାଇବା ପାଇଁ 'ଶୌର୍ଯ୍ୟ ଯାତ୍ରା' ହେଉଛି ଏକ ଆନୁଷ୍ଠାନିକ ଶୋଭାଯାତ୍ରା। ସ୍ୱାଧୀନତା ପରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ନେତୃତ୍ୱରେ ୧୯୫୧ ମସିହାରେ ତତ୍କାଳୀନ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିବା ମନ୍ଦିରର ଆଧୁନିକ ପୁନଃର୍ନିର୍ମାଣର ୭୫ ବର୍ଷ ପୂରଣ ଅବସରରେ ମଧ୍ୟ ସ୍ୱାଭିମାନ ପର୍ବ ପାଳନ ହେଉଛି। ଡମ୍ବରୁ ନିନାଦରେ ଗଗନପବନ ମୁଖରିତ ହେବା ଭିତରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ରାସ୍ତାକଡ଼ରେ ଧାଡ଼ି ବାନ୍ଧି ବିପୁଳ ସଂଖ୍ୟାରେ ◆◆

ପୃଷ୍ଠା ୭

## ଆଜି ଭାରତ ଆସିବେ ଜର୍ମାନ ଚାନସ୍ଲେର ମର୍ଜ: ମୋଦୀଙ୍କ ସହିତ ଅହମଦାବାଦରେ ଗୁରୁତ୍ୱପୂର୍ଣ୍ଣ ବୈଠକ

ନୂଆଦିଲ୍ଲୀ,୧୧/୧ : ଜର୍ମାନ ଚାନସ୍ଲେର ଫ୍ରେଡ୍ରିଚ୍ ମର୍ଜ ଆସନ୍ତାକାଲି (ସୋମବାର)ଠାରୁ ଦୁଇଦିନିଆ ଭାରତ ଗସ୍ତରେ ଆସୁଛନ୍ତି। ନାଟୋ ଏବଂ ୟୁରୋପୀୟ ସଂଘ (ଇୟୁ) ବାଦ୍ ଚାନସ୍ଲେର ମର୍ଜଙ୍କର ଏହା ପ୍ରଥମ ଦ୍ୱିପାକ୍ଷିକ ଗସ୍ତ। ଜାନୁଆରି ୧୨-୧୩ ରେ ଅହମଦାବାଦଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜର୍ମାନ ଚାନସ୍ଲେର ମର୍ଜଙ୍କ ସହିତ ବାଣିଜ୍ୟ, ନିବେଶ, ପ୍ରଯୁକ୍ତିବିଦ୍ୟା ଏବଂ ପ୍ରତିରକ୍ଷା ସମେତ ଭାରତ-ଜର୍ମାନୀ ରଣନୈତିକ ସହଭାଗିତାକୁ ମଜବୁତ କରିବା ଦିଗରେ ଆଲୋଚନା କରିବେ । ବିଶ୍ୱସ୍ତରରେ ବଢୁଥିବା ଭୂରାଜନୈତିକ ଉତ୍ତେଜନାର ପୃଷ୍ଠଭୂମିରେ ଏହି ଆଲୋଚନା ହେବ। ଜର୍ମାନ ଚାନସ୍ଲେର ହେବା ପରେ ମର୍ଜଙ୍କ ଦୁଇ ଦିନିଆ ଯାତ୍ରା



ତାଙ୍କର ପ୍ରଥମ ସରକାରୀ ଏସିଆ ଗସ୍ତ। ମର୍ଜଙ୍କ ପ୍ରତିନିଧି ଦଳରେ ୨୫ଟି କମ୍ପାନିର ସିଇଓ ସାମିଲ ହୋଇଥିବାବେଳେ ସେମାନେ ଭାରତ ଆସିବେ ବୋଲି ଜଣାପଡ଼ିଛି। ଜର୍ମାନ ଚାନସ୍ଲେର ଅହମଦାବାଦରେ ଆନ୍ତର୍ଜାତୀୟ ଗୁଡ଼ି ମହୋତ୍ସବ ପରି ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସାବରମତି ଆଶ୍ରମ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଜାନୁଆରି ୧୩ରେ ମର୍ଜ ବେଙ୍ଗାଲୁରୁ ଗସ୍ତ କରି ସେ ଭାରତୀୟ ବିଜ୍ଞାନ ସଂସ୍ଥାନ ଏବଂ ଜର୍ମାନ ଫାର୍ମ 'ବୋସ୍'ର କ୍ୟାମ୍ପସ ପରିଦର୍ଶନ କରିବେ। ଭେନେଜୁଏଲାରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନ ଭଳି ସାମ୍ପ୍ରତିକ ଉତ୍ତେଜନା ପରେ ଏହି ଗସ୍ତ ରହିଛି। ଏହି ପରିପ୍ରେକ୍ଷୀରେ ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜ ଏବଂ ସମାନ ରଣନୈତିକ ସ୍ୱାର୍ଥକୁ ମଧ୍ୟ ନେଇ ମର୍ଜ ଓ ମୋଦୀଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହେବ ବୋଲି ଆଶା କରାଯାଉଛି।

## 'ଭିବି-ଜି-ରାମ-ଜି'କୁ ଦେଶବ୍ୟାପି କଂଗ୍ରେସର ବିରୋଧ: ଓଡ଼ିଶାର ବିଭିନ୍ନ ସ୍ଥାନରେ କଂଗ୍ରେସର ଧାରଣା

ଭୁବନେଶ୍ୱର, ୧୧/୧ (ନି.ପ୍ର): ତେଜିଲା 'ଭିବି ଜି ରାମ୍ ଜି' ରାଜନୀତି । ମହାତ୍ମା ଗାନ୍ଧୀ ନରେଗା ବଞ୍ଚାଅ ଦାବିରେ ଆଜି ଦେଶବ୍ୟାପୀ ପ୍ରତିବାଦ ପ୍ରଦର୍ଶନ କରିଛି କଂଗ୍ରେସ । ଦିନିକିଆ ଅନଶନରେ ବସି ଶାନ୍ତିପୂର୍ଣ୍ଣ ବିରୋଧ କରିଛନ୍ତି କଂଗ୍ରେସ କର୍ମୀ। ଓଡ଼ିଶାରେ ମଧ୍ୟ ବିଭିନ୍ନ ସ୍ଥାନରେ କଂଗ୍ରେସ ପକ୍ଷରୁ ପ୍ରତିବାଦ ପ୍ରଦର୍ଶନ କରାଯାଇଥିବା ବେଳେ, ବିଜେପି କହିଛି ମନରେଗା ଏକ ବିଫଳ ଯୋଜନା ଥିଲା, କିନ୍ତୁ ଭିବି ଜି ରାମ୍ ଜି ସଫଳ ହେବ । ମହାତ୍ମା ଗାନ୍ଧୀ ନରେଗା ବଦଳରେ କେନ୍ଦ୍ର ସରକାର ଆଣିଥିବା 'ଭିବି ଜି ରାମ୍ ଜି'କୁ ବିରୋଧ ଜୋରଦାର କରିଛି କଂଗ୍ରେସ । ଦଳ ପକ୍ଷରୁ ଦେଶବ୍ୟାପୀ ଦିନିକିଆ ଅନଶନ ପାଳନ କରାଯାଇଥିବା ବେଳେ, ରାଜ୍ୟରେ ବି ଦେଖିବାକୁ ମିଳିଛି ଏହାର ପ୍ରଭାବ । ବିଭିନ୍ନ ଜିଲ୍ଲାରେ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି ସ୍ଥାନୀୟ କଂଗ୍ରେସ ନେତା ଓ କର୍ମୀ। ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଯିବାକୁ ନିନ୍ଦା କରିବା ସହ, ମନରେଗା ତୁଳନାରେ ଭିବି ଜି ରାମ୍ ଜିରେ ◆◆

ପୃଷ୍ଠା ୭

# ସ୍ପାନିସ ସମେତ ୧୩ଟି ଭାଷାରେ ପ୍ରକାଶିତ କୁଦୋପାଲି ପୁସ୍ତକ ବିଶ୍ୱ ଦରବାରରେ ଓଡ଼ିଶାର ବୀରତ୍ୱକୁ ନୂତନ ପରିଚୟ ଦେବ: ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ,୧୧/୧ (ନି.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଭାରତ ମଣ୍ଡପମ୍ ଠାରେ 'ନୂଆଦିଲ୍ଲୀ ବିଶ୍ୱ ପୁସ୍ତକ ମେଳା (ଏନଡିଡବ୍ଲୁବିଏଫ) ୨୦୨୬'ର ଉଦଘାଟନ କରିଛନ୍ତି । ଏହି ବର୍ଷର ମେଳାରେ ଓଡ଼ିଶାର ୧୮୫୭ ସଂଗ୍ରାମର ଅନାଲୋଚିତ ଅଧ୍ୟାୟ 'କୁଦୋପାଲି'କୁ ବିଶେଷ ପ୍ରାଧାନ୍ୟ ଦିଆଯାଇଛି ।




ଏହି ଅବସରରେ କୁଦୋପାଲିର ସଂଘର୍ଷ ଉପରେ ଆଧାରିତ ଏକ ସ୍ୱତନ୍ତ୍ର ଭିଡିଓ ପ୍ରଦର୍ଶିତ ହେବା ସହ ' 'ଦି ସାଗା ଅଫ୍ କୁଦୋପାଲି : ଦ ଅନସଙ୍ଗ୍ ଷ୍ଟୋରି ଅଫ୍ ୧୮୫୭" ପୁସ୍ତକଟିକୁ ସ୍ପାନିସ ସମେତ ୧୦ଟି ଆଞ୍ଚଳିକ ଭାଷାରେ ଉନ୍ମୋଚନ କରାଯାଇଛି । ଶ୍ରୀ ପ୍ରଧାନ ଏବଂ ଅନ୍ୟ ଅତିଥିମାନେ ପୁସ୍ତକଟିକୁ ସ୍ପାନିସ୍, ବଙ୍ଗାଳି, ପଞ୍ଜାବୀ, ଅସମୀୟା, ମାଲାୟାଲମ, ଉର୍ଦ୍ଦୁ, ମରାଠୀ, ତାମିଲ, କନ୍ନଡ଼ ଏବଂ ତେଲୁଗୁ ଭଳି ମୋଟ ୧୦ଟି ଭାଷାରେ ଉନ୍ମୋଚନ କରିଥିଲେ । ପୂର୍ବରୁ ଓଡ଼ିଆ, ଇଂରାଜୀ ଏବଂ ହିନ୍ଦୀ ଭାଷାରେ ଲୋକାର୍ପିତ ହୋଇସାରିଥିବା ଏହି ପୁସ୍ତକଟି ବର୍ତ୍ତମାନ ମୋଟ ୧୩ଟି ଭାଷାରେ ଉପଲବ୍ଧ । ବିଶେଷ ଭାବରେ ସ୍ପାନିସ ଭଳି ଆନ୍ତର୍ଜାତିକ ଭାଷାରେ ପୁସ୍ତକଟିର ଉନ୍ମୋଚନ ଓଡ଼ିଶାର ଇତିହାସକୁ ୟୁରୋପୀୟ ପାଠକଙ୍କ ପାଖରେ ପହଞ୍ଚାଇବାରେ ଏକ ବଡ଼ ସଫଳତା । ଶ୍ରୀ ପ୍ରଧାନ କହିଛନ୍ତି ୧୮୫୭ ମସିହା ଡିସେମ୍ବର ମାସ ୩୦ ତାରିଖ ଦିନ କୁଦୋପାଲିର ରଣଭୂମିରେ ୫୩ ଜଣ ସଂଗ୍ରାମୀ ଶହୀଦ ହୋଇଥିଲେ । ପରେ ଆଉ ୪ ଜଣ ସଂଗ୍ରାମୀଙ୍କୁ ଫାଶୀ ଦିଆଯାଇଥିଲା । ଏହିପରି ୫୭ ଜଣ ସଂଗ୍ରାମୀ ଶହୀଦ ହୋଇଥିଲେ । ଆଜିର ପଦକ୍ଷେପ ମାଧ୍ୟମରେ କୁଦୋପାଲିର ଅନାଲୋଚିତ ଇତିହାସ ଏବଂ ବୀର ସଂଗ୍ରାମୀଙ୍କ ବଳିଦାନକୁ ସର୍ବଭାରତୀୟ ତଥା ଆନ୍ତର୍ଜାତିକ ସ୍ତରରେ ପହଞ୍ଚାଇବା ପାଇଁ ଏକ ବଳିଷ୍ଠ ପ୍ରୟାସ କରାଯାଇଛି । ଏହି ପୁସ୍ତକ ଉନ୍ମୋଚନ ଭାରତର ସଂଗ୍ରାମୀ ଇତିହାସକୁ ବିଶ୍ୱ ଦରବାରରେ ଏକ ନୂତନ ପରିଚୟ ପ୍ରଦାନ କରିବ । ଏହି ପଦକ୍ଷେପ ଦ୍ୱାରା ନୂଆପିଢ଼ିର ପିଲାମାନେ ନିଜ ମାଟିର ବୀରତ୍ୱ ଓ ସଂଘର୍ଷ ବିଷୟରେ ଜାଣିବାକୁ ସୁଯୋଗ ପାଇବେ ବୋଲି ସେ କହିଛନ୍ତି । ସମ୍ବଲପୁରର କୁଦୋପାଲି କେବଳ ଏକ ସ୍ଥାନ ନୁହେଁ, ବରଂ ଏହା ଭାରତୀୟ ସ୍ୱାଧୀନତା ସଂଗ୍ରାମର ଏକ ଜାଜ୍ୱଲ୍ୟମାନ ପ୍ରତୀକ । ୧୮୫୭ର ସିପାହୀ ବିଦ୍ରୋହ ସମୟରେ ଓଡ଼ିଶାର ଏହି ମାଟି ବ୍ରିଟିଶ ଶାସନ ବିରୋଧରେ ଅପରାଜେୟ ସଂଗ୍ରାମର ସାକ୍ଷୀ ରହିଥିଲା, ଯାହା ଏବେ ବିଶ୍ୱ ଦରବାରରେ ନୂତନ ପରିଚୟ ପାଇବାକୁ ଯାଉଛି । ୧୮୫୭ ଜୁଲାଇ ୩୦ରେ ହଜାରିବାଗ ଜେଲରୁ ମୁକ୍ତ ହେବା ପରେ ବୀର ସୁରେନ୍ଦ୍ର ସାଏ ସମ୍ବଲପୁର ଫେରିଆସିଥିଲେ । ଜନତାଙ୍କ ଅକୁଣ୍ଠ ସମର୍ଥନରେ ସେ ବ୍ରିଟିଶ ବିରୋଧୀ 'ଉଲଗୁଲାନ' (ଗରିଲା ଯୁଦ୍ଧ)ର ରଣନୀତି ପ୍ରସ୍ତୁତ କରିଥିଲେ । ସମ୍ବଲପୁର ଠାରୁ ମାତ୍ର ୪ ମାଇଲ ଦୂରରେ ଥିବା କୁଦୋପାଲିକୁ ସଂଗ୍ରାମୀମାନେ ନିଜର ମୁଖ୍ୟ କେନ୍ଦ୍ର କରିଥିଲେ । ଏହାର ପାହାଡ଼ିଆ ଭୌଗୋଳିକ ଅବସ୍ଥିତି ଯୋଗୁଁ ସେଠାରୁ ଶତ୍ରୁର ଗତିବିଧି ଉପରେ ନଜର ରଖିବା ସହଜ ଥିଲା । ୧୭ ଡିସେମ୍ବର ୧୮୫୭ରେ ବ୍ରିଟିଶ ସେନାର ପ୍ରଥମ ଆକ୍ରମଣକୁ ସଂଗ୍ରାମୀମାନେ ପାହାଡ଼ ଉପରୁ ବିଶାଳ ପଥର ଗଡ଼ାଇ ପରାସ୍ତ କରିଥିଲେ । ଏହି ବିଜୟ ବ୍ରିଟିଶ ଶାସନକୁ ସମ୍ପୂର୍ଣ୍ଣ ଅଥର୍ବ କରିଦେଇଥିଲା । ବ୍ରିଟିଶ ସେନା ଷଡ଼ଯନ୍ତ୍ର କରି ପଛକୁ ଫେରିଯିବାର ଛଳନା କରିଥିଲେ । ସଂଗ୍ରାମୀମାନେ ପାହାଡ଼ ତଳକୁ ଓହ୍ଲାଇବା ମାତ୍ରେ ଅତର୍କିତ ଆକ୍ରମଣର ଶିକାର ହୋଇଥିଲେ । ଏହି ଯୁଦ୍ଧରେ ସୁରେନ୍ଦ୍ର ସାଏଙ୍କ ଚତୁର୍ଥ ଭ୍ରାତା ଛବିଳ ସାଏ ବୀରତ୍ୱର ସହ ଲଢ଼ି ଶହୀଦ ହୋଇଥିଲେ । କୁଦୋପାଲି ମାଟିରେ ସମୁଦାୟ ୫୭ ଜଣ ବୀରପୁତ୍ର ତଥା ୫୩ ଜଣ ଯୁଦ୍ଧରେ ଓ ୪ ଜଣ ଫାଶୀ ଦ୍ୱାରା ଶହୀଦ ହୋଇଥିଲେ । ଏହି ଘଟଣା ସଂଗ୍ରାମକୁ ଦୁର୍ବଳ କରିବା ପରିବର୍ତ୍ତେ ଆହୁରି ତୀବ୍ର କରିଥିଲା, ଯାହାର ପ୍ରତିଶୋଧ ପରବର୍ତ୍ତୀ ସମୟରେ ପାହାଡଶ୍ରୀଗିଡା ଯୁଦ୍ଧରେ ନିଆଯାଇଥିଲା ।

# ଜିଲ୍ଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ

କନ୍ଧମାଳ,୧୧/୧ (ନି.ପ୍ର): ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହରେ ଜିଲ୍ଲାପାଳ ବେଦଭୂଷଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ୨୦୨୬ର ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ ଆୟୋଜନ କରାଯାଇଥିଲା । ପ୍ରତିବର୍ଷ ପରି ଏହି ବର୍ଷ ମଧ ପୋଲିସ୍ ରିଜର୍ଭ ପଡ଼ିଆରେ ଅନୁଷ୍ଠିତ ହେବ । ସାଧାରଣତନ୍ତ୍ର ଦିବସ ଦିନ ସକାଳ ୭ଟା୧୫ ରେ ସମସ୍ତ ଶିକ୍ଷାନୁଷ୍ଠାନ ଏବଂ ୭ଟା ୩୦ରେ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ମାନଙ୍କରେ ଜାତୀୟ ପତାକା ଉତୋଳନ କରାଯିବ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ତରଫରୁ ପ୍ରତ୍ୟୁଷରେ ରାମଧୂନ ପରିବେଷଣ କରାଯିବ ଓ ବରପୁତ୍ରମାନଙ୍କ ପ୍ରତିମୂର୍ତିର ମାଲ୍ୟାର୍ପଣ କରାଯିବ ଏବଂ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରର ଛାତ୍ରଛାତ୍ରୀମାନଙ୍କ ବକ୍ତୃତା, ସାଧାରଣ ଜ୍ଞାନ ଆଦି ପ୍ରତିଯୋଗିତା ଆୟୋଜନ କରାଯିବ । ଏହା ସହିତ ପ୍ୟାରେଡ, ସାମୁହିକ ଗଣ ବ୍ୟାୟାମ, ରକ୍ତଦାନ ଶିବିର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରୋଗୀମାନଙ୍କୁ ଫଳ ବିତରଣ, ଜିଲ୍ଲା କାରାଗାରର କଏଦୀମାନଙ୍କୁ ମିଷ୍ଟାନ୍ନ ବଂଟନ, ଶାନ୍ତି ଶୃଙ୍ଖଳା ରକ୍ଷା ଇତ୍ୟାଦି ବିଭିନ୍ନ କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ଆଲୋଚନା କରାଯାଇଥିଲା । ଏହି ବୈଠକକୁ ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ଗଦାଧର ପାତ୍ର ପରିଚାଳନା କରିଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶମ୍ଭୁନାଥ ନନ୍ଦୀ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡଃ. ସନ୍ତୋଷ କୁମାର ପାଢ଼ୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରମେନ୍ଦ୍ର ପ୍ରସାଦ, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବିଣ ବାଣୁଆ, ଫୁଲବାଣୀର ଉପଜିଲ୍ଲାପାଳ ଭିକାରୀ ସାହୁ, ଫୁଲବାଣୀ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ସୁଭ୍ରଜିତ ବିଶ୍ୱାଳ, ବିଭିନ୍ନ ବିଭାଗୀୟ ଅଧିକାରୀ, ପୋଲିସ ଅଧିକାରୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ଗୁଲନଗର ସମିତିରେ ଧାନ ମଣ୍ଡି ଉଦ୍‌ଘାଟିତ

କେନ୍ଦ୍ରାପଡା,୧୧/୧ (ନି.ପ୍ର): କେନ୍ଦ୍ରାପଡା ସହର ସଂଲଗ୍ନ ଗୁଲନଗର ପ୍ରାଥମିକ କୃଷି ସମବାୟ ସମିତିରେ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ସମବାୟ ସମିତିର ସଭାପତି ବିଷ୍ଣୁ ଚରଣ ମହାପାତ୍ର ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ସଂପାଦକ ନୃସିଂହ ଚରଣ ଦାସ, ନିର୍ଦ୍ଦେଶକ ହରି ନାରାୟଣ ମଲିକ, ଜ୍ଞାନ ରଂଜନ ମହାନ୍ତି, ଉପ ସଭାପତି ମମତା ମହାନ୍ତିଙ୍କ ସମେତ ସରପଂଚଙ୍କ ପ୍ରତିନିଧି ଲୋହିତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଅଂଚଳରୁ ଧାନ ନେଇ ଆସୁଥିବା ଚାଷୀ ମାନଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରିବାକୁ ଆଲୋଚନା କରିଥିଲେ ।

# ମନରେଗାର ନାମ ପରିବର୍ତ୍ତନ ନିନ୍ଦନୀୟ : ଜିଲ୍ଲା କଂଗ୍ରେସ

ପୁରୀ,୧୧/୧ (ନି.ପ୍ର): ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଇନ୍ଦିରା ଭବନ ଠାରେ ଏକ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ଏବଂ ବରିଷ୍ଠ କଂଗ୍ରେସ ନେତା ଜଗନ୍ନାଥ ପଟ୍ଟନାୟକ କହିଲେ, ମହାତ୍ମାଗାନ୍ଧୀ ଗ୍ରାମିଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ମନରେଗା)ର ନାମ ଏବଂ ସଂପୂର୍ଣ୍ଣ ରୂପରେଖ ପରିବର୍ତନ ନିନ୍ଦନୀୟ । ସ୍ପଷ୍ଟ ଦିବାଲୋକରେ ମନରେଗା ଆଇନର ହତ୍ୟା ସେ ଆହୁରି ମଧ କହିଥିଲେ ଭିବି-ଜୀ-ରାମଜୀ ଆଇନ ହେଉଛି କୋଟି କୋଟି ଶ୍ରମିକଙ୍କ ଅଧିକାର ଉପରେ ଡକାୟତି, ମେହନତି ଲୋକଙ୍କର ପେଟରେ ଲାତ ଏବଂ ଗରିବ ମାନଙ୍କର କାମ ମାଗିବାର ଅଧିକାରକୁ ଛଡ଼ାଇ ନିଆଯାଇଛି । ଏସସିଏସଟି ଓବିସି ସମାଜର ମନରେଗା ଶ୍ରମିକମାନଙ୍କୁ ସାମାଜିକ ନ୍ୟାୟରୁ ବଂଚିତ କରିବାର ଚକ୍ରାନ୍ତ । ଏବଂ ଟାଟା ପାୱାରର ନିୟମିତ ଜୁଲମ ବିରୁଦ୍ଧରେ ଆଲୋକପାତ କରିଥିଲେ ଏବଂ ତାହା ସହିତ ବିଭିନ୍ନ ରାଜ୍ୟ ସରକାରଙ୍କ ଦ୍ୱାରା ବିଦ୍ୟୁତ ଉପଭୋକ୍ତାଙ୍କୁ ବିଭିନ୍ନ ବିଦ୍ୟୁତ ରିହାତି ସମ୍ପର୍କରେ ଏକ ତୁଳନାତ୍ମକ ବିବରଣୀ ପ୍ରକାଶ କରିଥିଲେ । ତାହା ସହିତ ରାଜ୍ୟ ସରକାରଙ୍କ ଟାଟା ପାୱାର ସହିତ ଥିବା ମଧୁଚନ୍ଦ୍ରିକା ବିଷୟରେ ବର୍ଣ୍ଣନା କରିଥିଲେ ଏବଂ ରାଜ୍ୟ ସରକାରଙ୍କ ନିକଟରେ ୩୦୦ ୟୁନିଟ ମାଗଣା ବିଦ୍ୟୁତ ଯୋଗାଣ ଓ ଟାଟା ପାୱାରର ଅତିରିକ୍ତ ସିକ୍ୟୁରିଟି ଡିପୋଜିଟ ପ୍ରତ୍ୟାହାର କରିବା ନିମନ୍ତେ ଦାବି ରଖିଥିଲେ । ଶେଷରେ ଧାନ ମଣ୍ଡି ଗୁଡିକ ଉପରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ସଭାରେ ପୁରୀ ଜିଲ୍ଲା କଂଗ୍ରେସ ସଭାପତି ଇଂ. ରାଜେଶ କୁମାର ମିଶ୍ର ସଭାପତିତ୍ୱ କରିଥିଲେ । ବିଶ୍ୱକେସନ ହରିଚନ୍ଦନ ମହାପାତ୍ର, ବିଶ୍ୱନାଥ ଦାଶ, ବିଦ୍ୟୁତଲତା ଆଚାର୍ଯ୍ୟ, ସୁକାନ୍ତ କୁମାର ପ୍ରଧାନ, ସ୍ୱାଧୀନ କୁମାର ପଣ୍ଡା, ନିର୍ମଳ ସାମନ୍ତରାୟ, କାଳୀ ପ୍ରସାଦ ନାୟକ, ଆଶୁତୋଷ ମିଶ୍ର, ଦୁର୍ଗାପ୍ରସାଦ ସାମନ୍ତରାୟ, ଉମାକାନ୍ତ ବେହେରା, ଅମିୟ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ତାମିଲନାଡୁରୁ ପୁଅର ଶବ ଆଣିବା ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ

କେନ୍ଦ୍ରାପଡା,୧୧/୧ (ନି.ପ୍ର): ଯେଉଁ ପୁଅକୁ ଜନ୍ମ ଦେବା ପାଇଁ ଓ ପାଇବା ପାଇଁ ମାଆ ବାପା ଲକ୍ଷେ ଶିବ ପୂଜା କରି ,ରାତି ରାତି ଅନିଦ୍ରା ହୋଇ ପାଇଥିଲେ କୋଳକୁ ଏକମାତ୍ର ପୁଅ ।ସେହି ପୁଅ ବଡ ହେଲା ପରେ ଦାଦନ ଖଟିବା ପାଇଁ ୧୦ବର୍ଷ ହେଲା ସୁଦୁର ତାମିଲନାଡୁ ଯାଇଥିଲା ରୋଜଗାର କରି ମାଆ,ବାପା ଙ୍କ ମୁହଁରେ ଆହାର ଦେଇ ଆସୁଥିଲା ।ଦଇବ କିଛି ଅଲଗା ଲେଖିଥିଲା ।ସେଇ ପୁଅକୁ କେହି ତାମିଲନାଡୁ ରେ ମାରିଦେଇଛି ବୋଲି ପରିବାର ଅଭିଯୋଗ କରିଛନ୍ତି କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ପାଖରେ । ଆଶ୍ଚର୍ଯ୍ୟର କଥା ପୁଅର ମୃତଦେହକୁ ଆଣିବା ପାଇଁ ମାଆ କାନ୍ଦି କାନ୍ଦି ନେତା ,ଜିଲ୍ଲାପାଳ, ଓ ଏସିପି ଙ୍କୁ ଗୁହାରି ହୋଇ ତଳେ ଲୋଟି ପଡୁଛି । ଅନିଦ୍ରା ହୋଇ ଜିଲ୍ଲାପାଳ ଙ୍କ ଅଫିସ ଆଗରେ ରାତି ତମାମ ବସିରହିଛି । ଏକ ମାତ୍ର ପୁଅକୁ କେହି ମାରି ଦେଇଥିବା ଅଭିଯୋଗ କରି କାନି ପତାଇ ନ୍ୟାୟ ଭିକ୍ଷା କରିଛି କୋଳ ସୂନ୍ୟ ହୋଇଥିବା ଅଭାଗ୍ୟ ମାଆଟି । ଏହି ଭଳି ହୃଦୟ ବିଦାରକ ଘଟଣା ଘଟିଛି କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ, ଥାନା ଅନ୍ତର୍ଗତ ଗତାନଇ ପଞ୍ଚାୟତ ନାରାୟଣ ପୁରୁ ଗାଁରେ । ମାର୍ଶାଘାଇ ଥାନା ନାରାୟଣ ପୁରୁ ଗାଁର ଜଣେ ଯୁବକ ଟୁଟୁ ମଲ୍ଲିକ (୨୩)କୁ ତାମିଲନାଡୁରେ ହତ୍ୟା କରାଯାଇଛି ବୋଲି ମାର୍ଶାଘାଇ ଥାନା ରେ ଅଭିଯୋଗ କରିଥିଲେ ପରିବାର । ଥାନା ଅଧିକାରୀ ତପନ ନାୟକ ନିଦା ବିଷ୍ଣୁ ସାଜି ଏପରି ଏହି ସମ୍ବେଦନଶୀଳ ଘଟଣାକୁ ଏଡାଇ ଯିବା ଜଣେ ପୁତ୍ରହରା ମାଆ ପ୍ରତି କିଭଳି ନ୍ୟାୟ ତାହା ମାର୍ଶାଘାଇ ପୋଲିସ ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଛି ।ନ୍ୟାୟ ପାଇବା ନେଇ ମୃତ ଟୁଟୁ ଙ୍କ ମା' ମାଳତୀ ମଲ୍ଲିକ କେନ୍ଦ୍ରାପଡ଼ା ଆରକ୍ଷୀ ଅଧୀକ୍ଷକ ଓ ଜିଲାପାଳଙ୍କ ନିକଟରେ ଗୁହାରି କରିଛନ୍ତି । ମୃତ ଟିଟୁଙ୍କ ମା' ମାଳତୀ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଗତ ୧୦ ବର୍ଷ ହେଲା ପୁଅ ତାମିଲନାଡୁରେ ଶ୍ରମିକ ଭାବେ ସ୍ପିନିଙ୍ଗ୍ ମିଲରେ କାମ କରୁଥିଲା ଓ ହଠାତ୍ ତାଙ୍କ ମୋବାଇଲକୁ ଏକ କଲ ଆସିଲା ଯେ ପୁଅର ମୃତ୍ୟୁ ଘଟିଛି । ଏହା ସହ ତାଙ୍କ ମୋବାଇଲକୁ ପୁଅର କ୍ଷତବେକ୍ଷତ ଫଟୋ ମଧ ଆସିଥିଲା । ପୁଅର ବେକ, ମୁଣ୍ଡ ଓ ଦେହର ବିଭିନ୍ନ ସ୍ଥାନକୁ ହଣା ଯାଇଥିବା ଫଟୋରୁ ଜଣାପଡ଼ିଛି ।ତେଣୁ ପୁଅକୁ କେହି ହତ୍ୟା କରିଦେଇଛି ବୋଲି ମାଆ ମାଳତୀ ମୃତ ପୁଅର ଫଟୋ ସହ ମାର୍ଶାଘାଇ ଥାନାରେ ଅଭିଯୋଗ କରିଥିଲେ । ତୁରନ୍ତ ମୃତ ପୁଅର ମର ଶରୀର ଫେରିବା ଓ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ । କିନ୍ତୁ ମାର୍ଶାଘାଇ ପୋଲିସ ଏହି ଅଭିଯୋଗ ଗ୍ରହଣ ନକରି ମାଳତୀ ଙ୍କୁ ଫେରାଇ ଦେଇଥିଲା । ମାଳତୀ ଙ୍କ ସ୍ୱାମୀ ବାବାଜୀଙ୍କର ପୂର୍ବରୁମୃତ୍ୟୁ ଘଟିଥିଲାବେଳେ ଏବେ ସେ ସମ୍ପୂର୍ଣ୍ଣ ଏକା ହୋଇ ଯାଇଛନ୍ତି ।ମାଳତୀ କହିଛନ୍ତି ତାଙ୍କ ପୁଅର ମୃତ୍ୟୁ ପରେ ସେ ଅସହାୟ ହୋଇ ପଡ଼ିଛନ୍ତି । ମାଳତୀ କହିଛନ୍ତି ତାଙ୍କ ପୁଅକୁ ହତ୍ୟା କରାଯାଇଛି, ଏବଂ ହତ୍ୟାକୁ ଦୁର୍ଘ ଦୁର୍ଘଟଣାର ରୂପ ଦେବା ପାଇଁ ସମ୍ପୃକ୍ତ କମ୍ପାନୀ ଯୋଜନା କରୁଛି । ଅନ୍ୟ ଜଣେ କର୍ମଚାରୀଙ୍କ ଜରିଆରେ ପୁଅର ମୃତ୍ୟୁ ଦୁର୍ଘଟଣାଜନିତ ବୋଲି କୁହାଯାଉଛି । ତେଣୁ ଏହାର ବିଧିବଦ୍ଧ ତଦନ୍ତ କରାଯାଇ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର ?ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମାଳତୀ ଦାବି କରିଛନ୍ତି । ଅନ୍ୟପଟେ ଏ ସଂକ୍ରାନ୍ତରେ ମାଳତୀ ଜିଲ୍ଲାପାଳ ଙ୍କ ଦ୍ୱାରସ୍ଥ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ଏସ୍ପି ସିଦ୍ଧାର୍ଥ କଟାରିଆଙ୍କ ଗୋଡ ତଳ ପଡି ନିବେଦନ କରିଛନ୍ତି ।ତାଙ୍କ ପୁଅର ମୃତ ଦେହ କୁ ତାମିଲନାଡୁରୁ ଫେରାଇ ଆଣିବା ଓ ଅଭିଯୁକ୍ତ ମାନଙ୍କୁ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅନୁରୋଧ କରିଛନ୍ତି ।ଜିଲ୍ଲାପାଳ ଏବଂ ଏସିପି ପ୍ରତିଶ୍ରୁତି ଦେଇଛନ୍ତି ଆମେ ମାଳତୀଙ୍କ ଅଭିଯୋଗ ଗ୍ରହଣ କରିଛୁ । ଏହାସହ ମାଳତୀ କିପରି ନ୍ୟାୟ ପାଇବେ ସେ ନେଇ ତାମିଲନାଡୁ ପୁଲିସ ସହ ଯୋଗାଯୋଗ କରିଛୁ । ଘଟଣାସ୍ଥଳ ତାମିଲନାଡୁ ହୋଇଥିବାରୁ ତାମିଲନାଡୁ ଥାନାରେ ମାମଲା ରୁଜୁ ହେବ ଓ ସେଠାକାର ପୁଲିସ ଏହାର ତଦନ୍ତ କରି କୋର୍ଟକୁ ଚାର୍ଜସିଟ୍ ଦେଲେ ଅଭିଯୁକ୍ତ ଦଣ୍ଡିତ ହୋଇ ପାରିବ । ମାଳତୀଙ୍କ ପରିବାରକୁ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ କେନ୍ଦ୍ରାପଡ଼ା ପ୍ରଶାସନ ପ୍ରସ୍ତୁତ ଅଛି ବୋଲି ଏସ୍ପି ଶ୍ରୀ କଟାରିଆ କହିଛନ୍ତି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମୁତାବକ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ତରଫରୁ ୨୫ ହଜାର ଟଙ୍କା ଦିଆଯାଇ ଶବ ଆଣିବା ପାଇଁ ବ୍ୟବସ୍ଥା କରାଯାଇଛି ।

# ଘର ଭିତରୁ ୮ଫୁଟର ଅଜଗର ସାପ ଉଦ୍ଧାର

ଜୟପୁର,୧୧/୧ (ନି.ପ୍ର): ଜୟପୁର ବନଖଣ୍ଡ ବୋରିଗୁମ୍ମା ବନାଚଂଳ ଅଧିନସ୍ତ ଜାଣିଗୁଡା ଗ୍ରାମର ଏକ ଘରେ ଭିତରୁ ୮ଫୁଟ ଲମ୍ବାର ଏକ ଅଜଗର ସାପ ଉଦ୍ଧାର କରିଛି ବନ ବିଭାଗ । ଉଦ୍ଧାର ପରେ ଅଜଗର ସାପର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି । ସାପଟିର ସ୍ୱାସ୍ଥ୍ୟାବସ୍ଥା ଠିକ ରହିଛି ତାକୁ ୩ଦିନ ପର୍ଯ୍ୟନ୍ତ ବୋରିଗୁମ୍ମା ବନ ବିଭାଗର ନିଘାରେ ରଖା ଯିବ ବୋଲି ବନବିଭାଗ ତରଫରୁ ସୂଚନା ଦିଆଯାଇଛି । ଘଟଣା ଅନୁଯାୟୀ, ଆଜି ଭୋର ସକାଳୁ ବୋରିଗୁମ୍ମା ବ୍ଲକ ପଣ୍ଡସଗୁଡା ପଂଚାୟତର ଜାଣିଗୁଡା ଗ୍ରାମର ଜଣଙ୍କ ଘର ଭିତରେ ପସିଯାଇଥିଲା ୮ଫୁଟର ଏକ ଅଜଗର ସାପ । ସାପକୁ ଦେଖିବା ପରେ ପରିବାର ଲୋକେ ଘର ବାହାରକୁ ଆସି ଘର ତୁରନ୍ତ କବାଟ ବନ୍ଦ କରିଦେଇଥିଲେ । ପରେ ବୋରିଗୁମ୍ମା ବନ ବିଭାଗ କୁ ଖବର ଦେଇଥିଲେ ।

# ତୁଳସୀ ନଗରରେ ରାମାୟଣ ପାରାୟଣ

ବଲାଙ୍ଗିର,୧୧/୧ (ନି.ପ୍ର): ଗତ ଜାନୁୟାରୀ ୪ ତାରିଖରୁ ଆଗାମୀ ୧୩ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ତୁଳସୀ ନଗର ତୁଳସୀ ନିବାସରେ ରାଧାକୃଷ୍ଣ ଭାଗବତ ମନ୍ଦୀର ସଭ୍ୟ ମାନଙ୍କ ସକ୍ରିୟ ସହାୟତାରେ ନବ ଦିନ ବ୍ୟାପି ରାମାୟଣ ପାରାୟଣ ଅନୁଷ୍ଠିତ ହେଉଛି । ବ୍ୟାସ ରୁପରେ ବଲାଙ୍ଗୀର କବାଟ ପଡ଼ା ର ନିରଞ୍ଜନ ମହାପାତ୍ର ଯୋଗଦେଇ କଥା ବ୍ୟାଖ୍ୟା କରି ଶ୍ରୀ ରାମଙ୍କ ଚରିତ୍ର ଓ କଥା ବୁଝାଇ ଛନ୍ତି । ଏଠାରେ ସୀତା ରାମଙ୍କ ଅର୍ଚ୍ଚନା ବନ୍ଦନ ଭଜନ କୀର୍ତନ ଅନୁଷ୍ଠିତ ହେଉଛି । ଶ୍ରୀମତୀ ବୀଣାପାଣି ତ୍ରିପାଠୀ ଓ ସ୍ୱାମୀ ବିପିନ ବିହାରୀ ତ୍ରିପାଠୀ ମୁଖ୍ୟ ଭବାରେ ଅନୁଷ୍ଠାନ କରୁଥିବା ବେଳେ କର୍ତା ରୂପରେ ଶ୍ରୀମତୀ ସୁନୀତା ତ୍ରିପାଠୀ ଓ ସ୍ୱାମୀ ଶ୍ରୀକୁମାର ତ୍ରିପାଠୀ ନବଦିନ ବ୍ୟାପି କର୍ତା ହୋଇ ଅନୁଷ୍ଠାନ କରୁଛନ୍ତି । ପଡ଼ା ବାସି ଶ୍ରୀ ରାମ ରସ ପିପାସୁ ଭକ୍ତ ମହିଳା ପୁରୁଷ ସମେତ ସହର ବିଭିନ୍ନ ଅଂଚଳର ଭକ୍ତ ମାନେ ପ୍ରତିଦିନ ପାରାୟଣ ରେ ଭାଗ ନେଉଛନ୍ତି ।

# ଜିଲ୍ଲା କଳାକାର ସମ୍ମିଳନୀ ଓ ପୁରୀ ଭିଜନ ୨୦୩୬ ଆଲୋଚନାଚକ୍ର

ପୁରୀ,୧୧/୧ (ନି.ପ୍ର): ସ୍ଥାନୀୟ ସଂସ୍କୃତି ଭବନ ସଭାଗୃହରେ ଶନିବାର ଦିନ ପୁରୀ ଭିଜନ ଓ ଭାରତୀୟ ଜନତା ପାର୍ଟି ସାଂସ୍କୃତିକ ପ୍ରକୋଷ୍ଠ ପକ୍ଷରୁ ଜିଲ୍ଲା କଳାକାର ସମ୍ମିଳନୀ ଏବଂ ପୁରୀ ଭିଜନ ୨୦୩୬ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ଶାରଦା ପ୍ରସାଦ ଶତପଥୀ, ସମ୍ମାନିତ ଅତିଥି ଭାବେ ପୂର୍ବତନ ରାଜ୍ୟସଭା ସାଂସଦ ଅମର କୁମାର ପଟ୍ଟନାୟକ ପୂର୍ବତନ, ମୁଖ୍ୟବକ୍ତା ଭାବେ ପୂର୍ବତନ ସୂଚନା କମିଶନର ଜଗଦାନନ୍ଦ, ସମ୍ମାନିତ ଅତିଥ ଭାବେ ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ଡ଼ଃ. କୈଳାଶ ତିକାୟତ ରାୟ, ଡ଼ଃ ଭଗବାନ ଜୟସିଂହ, ପୁରୀ ଭିଜନ ଅଧକ୍ଷ ତଥା ପୁରୀ ଜିଲ୍ଲା ସାଂସ୍କୃତିକ ପ୍ରକୋଷ୍ଠ ସଂଯୋଜକ ଇଂ. ସୂର୍ଯ୍ୟ ନାରାୟଣ ରଥ, ରାଜ୍ୟ ସାଂସ୍କୃତିକ ପ୍ରକୋଷ୍ଠ ସହ ସଂଯୋଜକ କୃତିବାସ ରଥ, ବିଜେପି ପୁରୀ ଜିଲ୍ଲା ସଂପାଦକ ଅନିଲ କୁମାର ସାହୁ ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ । ଏହି ଅବସରରେ ଅତିଥିମାନେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ପୁରୀ ସହରକୁ ପୁରୀ ପୌରସଭାରୁ ପୌରନିଗମ ଭାବେ ଘୋଷଣା କରିଛନ୍ତି । ଏଥିସହିତ ପୁରୀରେ "ଶ୍ରୀ ଜଗନ୍ନାଥ ଆନ୍ତର୍ଜାତୀୟ ଗବେଷଣା ଓ ସାଂସ୍କୃତିକ କେନ୍ଦ୍ର" ସ୍ଥାପନା ପାଇଁ ମଧ ଘୋଷଣା କରାଯାଇଛି, ଯାହା ମାଧ୍ୟମରେ ସାରା ବିଶ୍ୱରେ ଶ୍ରୀ ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ହେବ । ଏହି ବିକାଶ ବିଷୟରେ ଆଲୋଚନା କରିବା ସହିତ ଜିଲ୍ଲାର ଏଗାର ବ୍ଲକରୁ ଆସିଥିବା କଳାକାର ମାନଙ୍କ ବିଭିନ୍ନ ସମସ୍ୟା ଏବଂ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା ଏବଂ ତତ୍ସହିତ ଓଡ଼ିଶାର ମାନନୀୟ ମୁଖ୍ୟ ମନ୍ତ୍ରୀ ରାଜ୍ୟର କଳାକାର ମାନଙ୍କର ଭତା ବୃଦ୍ଧି କରିଥିବାରୁ ପୁରୀ ଜିଲ୍ଲାର କଳାକାର ମାନଙ୍କ ତରଫରୁ ଧନ୍ୟବାଦ୍ ଅର୍ପଣ କରାଯାଇଥିଲା । କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ବରିଷ୍ଠ କଳାକାର କୁଳମଣୀ ବିଶ୍ୱାଳଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ସିଂହାରୀ ଆଲୋକ ଖୁଂଟିଆ ସଂଯୋଜନା କରିଥିବା ବେଳେ ବିଦ୍ରୋହ ସିଂ, ମିନତି ରଥ ପ୍ରମୁଖ ପରିଚାଳନା କରିଥିଲେ ।

# ବାଲି ଚୋରା ଚାଲାଣ ବେଳେ ତିନି ଟ୍ରାକ୍ଟର ଜବତ

ଚମ୍ପୁଆ,୧୧/୧ (ନି.ପ୍ର): ବାଲି ଚୋରା ଚାଲାଣ ଉପରେ ରୋକ ଲଗାଇବା ପାଇଁ ଅଣ୍ଟା ଭିଡିଛି ବାରିଆ ପୋଲିସ । ବାଲି ଚୋରା ଚାଲାଣ କରାଯାଉଥିବା ବେଳେ ଆଜି ଅତର୍କିତ ଚଢ଼ଉ କରାଯାଇ ବାରିଆ ପୋଲିସ ପକ୍ଷରୁ ତିନିଟି ଟ୍ରାକ୍ଟରକୁ ଜବତ କରାଯାଇଛି । ମିଳିଥିବା ଖବର ଅନୁସାରେ, ଆଜି ଭୋର୍ ସକାଳୁ ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା ମେର୍ମେଦା ନାଳରୁ ବାଲି ମାଫିଆ ମାନେ ବାଲି ଚୋରା ଚାଲାଣ କରୁଥିବା ନେଇ ଖବର ପାଇବା ପରେ ବାରିଆ ପୋଲିସ ପକ୍ଷରୁ ଅତର୍କିତ ଚଢ଼ଉ କରାଯାଇଥିଲା । ଏହି ଚଢ଼ଉରେ ତିନିଟି ଟ୍ରାକ୍ଟରକୁ ଜବତ କରି ଥାନାରେ ରଖାଯାଇଛି । ତାଙ୍କ ନାମରେ ମାମଲା ରୁଜୁ ହେବ ବୋଲି ବାରିଆ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ଭଣ୍ଡା ସ୍ଥିତ ମେର୍ମେଦା ନାଳରୁ ନିୟମିତ ଭାବେ ବାଲି ମାଫିଆ ମାନେ ପ୍ରତିଦିନ ପ୍ରଚୁର ମାତ୍ରାରେ ବାଲି ଚୋରା ଚାଲାଣ କରୁଥିବା ନେଇ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରି ଆସୁଥିବା ବେଳେ ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ମଧ ପ୍ରଶାସନ ଓ ବିଭାଗୀୟ ନିରବତାକୁ ନେଇ ଖବର ପ୍ରକାଶ ପାଇ ଆସୁଥିଲା । ଯାହାକୁ ଭିତି କରି ଆଜି ବାରିଆ ପୋଲିସ ପକ୍ଷରୁ ଅତର୍କିତ ଚଢ଼ଉ କରି ତିନିଟି ଟ୍ରାକ୍ଟର ଜବତ କରାଯାଇଛି । ଆଗାମୀ ଦିନରେ ମଧ ନିୟମିତ ଚଢ଼ଉ କରି ବାଲି ମାଫିଆଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସ୍ଥାନୀୟ ଲୋକେ ଦାବୀ କରିଛନ୍ତି ।

# ଓସାଟ ତରଫରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ସାମାଜିକ ସମୀକ୍ଷା

ମାଲକାନଗିରି,୧୧/୧ (ନି.ପ୍ର): ଓଡ଼ିଶା ସାମାଜିକ ସମୀକ୍ଷା, ଉତରଦାୟିତ୍ୱ ଏବଂ ସ୍ୱଚ୍ଛତା ସମିତି(ଓସାଟ) ତରଫରୁ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ (ଏମଓ ଏସ ଜେ ଇ )ବିଭାଗର ଆଦର୍ଶ ଗ୍ରାମ, ଆନ୍ତଃଜାତି ବିବାହ, ବୃଦ୍ଧାଶ୍ରମ, ଆଟ୍ରୋସିଟି କେଶ, ଛାତ୍ରବୃତି ପାଇଥିବା ପିଲାମାନଙ୍କର ଆବାସିକ ବିଦ୍ୟାଳୟର ସାମାଜିକ ସମୀକ୍ଷା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ଅଂଶଗ୍ରହଣ, ବିଭିନ୍ନ ଉନ୍ନୟନ କାର୍ଯ୍ୟର କ୍ଷେତ୍ର ପର୍ଯ୍ୟବେକ୍ଷଣ, ଆର୍ଥିକ/ସରକାରୀ ସ୍ତରରେ ଥିବା ରେକର୍ଡ ଯାଂଚ୍ କରିବା ଏବଂ ଫରକ ଥିବା ଦସ୍ତାବିଜ ଗୁଡିକୁ ରିପୋର୍ଟ କରିବା ଇତ୍ୟାଦି ଅନ୍ତର୍ଭୁକ୍ତ ଥିଲା । କାର୍ଯ୍ୟକ୍ରମରେ ସ୍ୱଚ୍ଛତା ଏବଂ ଦାୟିତ୍ୱ ବୃଦ୍ଧି କରିବା । ପ୍ରଶାସନରେ ସାମିଲ କରି ନାଗରିକମାନଙ୍କୁ ସଶକ୍ତ କରିବା । ସମସ୍ୟାଗୁଡ଼ିକୁ ଚିହ୍ନଟ କରି ଏବଂ ସବୁଠାରୁ ଦୁର୍ବଳ ଲୋକଙ୍କ ପାଖରେ ଲାଭ ପହଂଚିବା ନିଶ୍ଚିତ କରି କାର୍ଯ୍ୟକ୍ରମ ବିତରଣକୁ ଉନ୍ନତ କରିବା । କଲ୍ୟାଣକାରୀ ଯୋଜନା ଯଥା ସ୍କଲାରସିପ୍, ପେନସନ୍, ଆଟ୍ରୋସିଟି କେଶ, ଆନ୍ତଃଜାତି ବିବାହ, ବୃଦ୍ଧାଶ୍ରମର ବ୍ୟକ୍ତି ବିଶେଷ ଇତ୍ୟାଦି ଉଦ୍ଦିଷ୍ଟ ହିତାଧିକାରୀଙ୍କ ପାଖରେ ପହଂଚୁଛି କି ନାହିଁ ତାହା ଯାଂଚ୍ କରିବା, କ୍ଷେତ୍ର ସ୍ତରର ବାସ୍ତବତାକୁ ସରକାରୀ ତଥ୍ୟ ସହିତ ତୁଳନା କରିବା ଇତ୍ୟାଦି ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି କାର୍ଯ୍ୟକ୍ରମରେ ଓସାଟରୁ ଜିଲ୍ଲା ସାମାଜିକ ସମିକ୍ଷକ ପୁରୀରୁ ରାଜକିଶୋର ପରିଡ଼ା, ମାଲକାନଗିରିର ଅନିଲ କୁମାର ମହାରଣା, କାଳିମେଳା ବ୍ଲକରୁ ଟି. ମୁରଲୀ କ୍ରିଷ୍ଣା ଏବଂ ତାଙ୍କ ଟିମ, ନବରଙ୍ଗପୁର ଜିଲ୍ଲାରୁ ଆଦିତ୍ୟ କୁମାର ଭୂୟାଁ ବ୍ଲକ ସାମାଜିକ ସମିକ୍ଷକ ଏବଂ ତାଙ୍କ ଟିମ୍ ଏବଂ କୋରାପୁଟ ଜିଲ୍ଲାରୁ ସୁଶାନ୍ତ ଖିଲ ଆସି ବିଭିନ୍ନ ଅନୁଷ୍ଠାନ ଏବଂ ବ୍ୟକ୍ତି ବିଶେଷଙ୍କୁ ଭେଟି ସୋସିଆଲ ଅଡିଟ କରିଥିଲେ ।

# ଶ୍ୟାମସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

ଧର୍ମଶାଳା,୧୧/୧ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ମିର୍ଜାପୁର ପଂଚାୟତ ଶ୍ୟାମସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ହରିହର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲା ଲେଖକ ସମ୍ମେଳନ ସଭାପତି ଡ଼ା. ରୁଦ୍ରନାରାୟଣ ପୃଷ୍ଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡାର ଉପକାରିତା ଉପରେ ଆଲୋକପାତ କରିଥିଲେ । ବିକ୍ରମାଦିତ୍ୟ ଫାଉଣ୍ଡେସନର ଅଧକ୍ଷ ଡ଼କ୍ଟର ପୁରୁଷୋତମ ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ବରିଷ୍ଠ ଶିକ୍ଷକ ଡ଼କ୍ଟର ଅଜୟ କୁମାର ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ମଣ୍ଡଳ ଅତିତିକ୍ତ ଶିକ୍ଷାଧିକାରୀ ମମିତା ମହାନ୍ତି ଓଷ୍ଟା ଜିଲ୍ଲା ସଂପାଦକ ପବିତ୍ର କୁମାର ପଣ୍ଡା, ଡ଼କ୍ଟର ବିଶ୍ୱଜିତ ମହାନ୍ତି, ଅବସରପ୍ରାପ୍ତ ଅଧାପକ ପ୍ରଦୀପ୍ତ କୁମାର ମହାନ୍ତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଯଶୋବନ୍ତ ଲେଙ୍କା, ଅବସରପ୍ରାପ୍ତ ଶିକ୍ଷକ ବ୍ରଜକିଶୋର ଦାଶ, ଥାନା ଏସଆଇ କୈଳାସ ଚନ୍ଦ୍ର ଭଦ୍ର ଓ ସାମ୍ବାଦିକ ଅଖିଳ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଶିକ୍ଷା ଓ କ୍ରୀଡ଼ା ଉଭୟ ଜୀବନରେ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ଶିକ୍ଷୟିତ୍ରୀ ସୟଦା ଅମ୍ବାରିନ କ୍ୱାଦ୍ରି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଡ଼କ୍ଟର ବିଶ୍ୱଜିତ ମହାନ୍ତି, ପ୍ରଦୀପ୍ତ କୁମାର ମହାନ୍ତି ଓ ଡ଼କ୍ଟର ପୁରୁଷୋତମ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଛାତ୍ର ସୂର୍ଯ୍ୟସେନ ଦାସ ମହାପାତ୍ର ଓ ଛାତ୍ରୀ ସୁଶ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସଙ୍କୁ ପୁରସ୍କୃତ କରାଯାଇଥିଲା ।

# ଚାଉଳ ଚୋରି ଅଭିଯୋଗରେ ୩ ଗିରଫ ଓ କୋର୍ଟଚାଲାଣ

ନୂଆପଡ଼ା,୧୧/୧ (ନି.ପ୍ର): ଛତିଶଗଡ଼ ରାୟପୁରର ଟ୍ରାନ୍ସପୋର୍ଟର ଗୋବିନ୍ଦ ପ୍ରସାଦ ଜିନ୍ଦଲଙ୍କ ଲିଖିତ ଅଭିଯୋଗ ଉପରେ ଖଡ଼ିଆଳ ପୋଲିସ ଚାଉଳ ଚୋରୀ ଘଟଣାର ତଦନ୍ତ କରିଥିଲେ । ମାମଲାରେ ୩ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି । ଅଭିଯୋଗ ଅନୁସାରେ, ୨୦୨୫ ଡିସେମ୍ବର ୩୧ରେ ଗୋବିନ୍ଦ ପ୍ରସାଦ ଜିନ୍ଦଲଙ୍କ ଡ୍ରାଇଭର ବିଶାଖାପଟନମକୁ ବିଗ ବସ ବ୍ରାଣ୍ଡର ୭୦୦ ପ୍ୟାକେଟ ଚାଉଳ ନେଇକି ଯାଉଥିଲେ । ହେଲେ ଖଡ଼ିଆଳ ନିକଟରେ ୨୮୨ ପ୍ୟାକେଟ ଚାଉଳ ଚୋରି ହୋଇଯାଇଥିଲା । ତାଙ୍କ ଅଭିଯୋଗ ଉପରେ ଖଡ଼ିଆଳ ଥାନା ପୋଲିସ ତଦନ୍ତ କରି ଖଡ଼ିଆଳ ଅଂଚଳର ତିନି ଜଣ ଅଭିଯୁକ୍ତଙ୍କୁ ଧରିଥିଲେ ।

## ଚଟପଟା ଫ୍ରାଏଡ୍ ମୋମୋଜ୍



**ଆବଶ୍ୟକ ସାମଗ୍ରୀ:**
ମଇଦା, ବନ୍ଧା କୋବି, ଗାଜର, କ୍ୟାପ୍‌ସିକମ୍, ଧନିଆ ପତ୍ର, ତେଲ, କଞ୍ଚା ଲଙ୍କା, ଅଦା, ଲୁଣ, ଦହି, ବେସନ, ହଳଦୀ ଗୁଣ୍ଡ, ଧନିଆ ଗୁଣ୍ଡ, ଗରମ ମସଲା ଓ ବଟର।

**ପ୍ରସ୍ତୁତି ପ୍ରଣାଳୀ:**
ପ୍ରଥମେ ଏକ ପାତ୍ରରେ ମଇଦାରେ ଅଳ୍ପ ତେଲ ଓ ପାଣି ମିଶାଇ ଭଲକରି ଦଳି ଦିଅନ୍ତୁ। ନରମ ହେବା ଲାଗି ଏହାକୁ ୨୦ ରୁ ୨୫ ମିନିଟ୍ ଓଦା କପଡ଼ାରେ ଘୋଡ଼ାଇ ରଖନ୍ତୁ। ଏବେ ବନ୍ଧା କୋବି, ଗାଜର, କ୍ୟାପ୍‌ସିକମ୍, ଅଦା ଓ ଧନିଆ ପତ୍ରକୁ ଛୋଟ ଛୋଟ କାଟି ଏକ ପାତ୍ରରେ ରଖନ୍ତୁ। ଲୁଣ ଓ କଟା କଞ୍ଚା ଲଙ୍କାକୁ ଏହି ପରିବାରେ ମିଶାନ୍ତୁ।

ଏହାପରେ ଚକଟା ହୋଇ ରଖା ଯାଇଥିବା ମଇଦାରେ ଛୋଟ ଛୋଟ ଗୁଳା ତିଆରି କରି ବେଲନ୍ତୁ ଓ ପରିବାକୁ ଏହା ଭିତରେ ପୂର ଭଳି ଦିଅନ୍ତୁ। ଏହାକୁ ନିଜ ମନ ପସନ୍ଦର ଆକୃତି ଦେଇ ଚାରିପଟୁ ବନ୍ଦ କରି ଦିଅନ୍ତୁ।

ଏବେ ଆଉ ଏକ ପାତ୍ରରେ ଦହି ଓ ବେସନର ଘୋଳ ପ୍ରସ୍ତୁତ କରନ୍ତୁ। ଏହି ଘୋଳରେ ହଳଦୀ ଗୁଣ୍ଡ, ଧନିଆ ଗୁଣ୍ଡ, ଗରମ ମସଲା ଓ ଲହୁଣୀ ପକାଇ ଭଲ ଭାବେ ଗୋଳାନ୍ତୁ। ଏହାପରେ ମୋମୋ ଗୁଡ଼ିକୁ ଏହି ଘୋଳରେ ବୁଡ଼ାନ୍ତୁ ଓ କଡ଼େଇରେ ତେଲ ଗରମ କରି ଛାଣନ୍ତୁ। ଗୋଲଡେନ ବ୍ରାଉନ୍ ହେବା ଯାଏ ମୋମୋଗୁଡ଼ିକୁ ତେଲରେ ରଖନ୍ତୁ। ତା'ପରେ ଛାଣନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଚଟପଟା ଫ୍ରାଏଡ୍ ମୋମୋଜ୍। ଏହାକୁ ଲଙ୍କା ଚଟଣୀ ଓ ମେଓନିଜ୍ ସହିତ ଗରମ ଗରମ ପରଷନ୍ତୁ।



## ଅନ୍ତରୀକ୍ଷ ବିଷୟରେ ରୋଚକ ତଥ୍ୟ



ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଅନ୍ତରୀକ୍ଷରେ ପାଣିର ବିଶାଳ ଭଣ୍ଡାର ଭାସମାନ ଅବସ୍ଥାରେ ଅଛି ଯାହା କି ପୃଥିବୀରେ ଥିବା ସମସ୍ତ ସମୁଦ୍ରରେ ପାଣି ଠାରୁ ଲକ୍ଷ୍ୟାଧିକ ଗୁଣ ଅଧିକ । ଅନ୍ତରୀକ୍ଷକୁ ଯାଉଥିବା ଯାତ୍ରୀଙ୍କର ଗୋଟିଏ ସ୍ପେସ୍ ସୁଟ୍ ତିଆରି କରିବାକୁ ଭାରତୀୟ ମୁଦ୍ରାରେ ଏକ କୋଟି କୋଡ଼ିଏ ଲକ୍ଷ ଟଙ୍କା ଦରକାର ହୁଏ । ଅନ୍ତରୀକ୍ଷ ଯାତ୍ରୀଙ୍କ ଅନୁସାରେ ସ୍ପେସରେ ୱେଲଡିଙ୍ଗର ଧୂଆଁ ଓ ଗରମ ଧାତୁ ପରି ବାସ୍ନା ଥାଏ । ସ୍ପେସରେ ପ୍ରଥମ ସେଲଫି ୧୯୬୬ରେ ବଜ୍ ଏଲଡ୍ରିନଙ୍କ ଦ୍ୱାରା ନିଆଯାଇଥିଲା ଏହାର ଦାମ ୬ଲକ୍ଷ ଟଙ୍କା । ଏମାନଙ୍କ ମତରେ ସେଠାରେ ଦିନରେ ପନ୍ଦର ଥର ସୂର୍ଯ୍ୟ ଉଦୟ ହୁଅନ୍ତି ଓ ଅସ୍ତ ଯାଆନ୍ତି। ଅଧିକାଂଶ ଅନ୍ତରୀକ୍ଷ ଯାତ୍ରୀ ଅନ୍ତରୀକ୍ଷକୁ ଯାଇ ଦୁଇ ଇଞ୍ଚ ଲମ୍ବା ହୋଇଯାନ୍ତି । ଆପଣ ଅନ୍ତରୀକ୍ଷରେ କାନ୍ଦି ପାରିବେ ନାହିଁ କାରଣ ସେଠାରେ ଲୁହ ବାହାରେ ନାହିଁ । ଶନିଗ୍ରହଙ୍କ ଚାରିପଟେ ଦେଖାଯାଉଥିବା ବଳୟ ବରଫ, ଧୂଳି ଓ ପଥର ମିଶି ହୋଇଛି । କାରଣ ସେଠାରେ ସୂର୍ଯ୍ୟ ଧଳାରଙ୍ଗର ଦେଖାଯାଆନ୍ତି। ଅନ୍ତରୀକ୍ଷରେ ଯାତ୍ରୀମାନଙ୍କୁ ବହୁତ ସଂଘର୍ଷ କରିବାକୁ ପଡ଼େ । ସେମାନଙ୍କୁ ଆଖିରେ ପଟି ବାନ୍ଧି ଗୋଟିଏ ବଙ୍କରେ ଶୋଇବାକୁ ପଡ଼େ କାରଣ ପହଁରିବା ବା ଏପଟ ସେପଟ ହୋଇ ବାଡ଼େଇ ହେବାର ସମ୍ଭାବନା ଥାଏ । ଆମେରିକାର ଅନ୍ତରୀକ୍ଷ ଯାତ୍ରୀମାନେ ଅନ୍ତରୀକ୍ଷରୁ ନିର୍ବାଚନରେ ସେମାନଙ୍କର ଭୋଟ୍ ଦେଇପାରନ୍ତି । ସେଠାରେ ରହିବା ବେଳେ ଏହି ଯାତ୍ରୀମାନଙ୍କର ନଖ ଛୋଟ ହୋଇଯାଏ । ପୃଥିବୀରୁ ଆକାଶ ନୀଳ ରଙ୍ଗ ଦେଖାଯାଏ କିନ୍ତୁ ସେଠାରେ ସେମାନଙ୍କୁ ଆକାଶ କଳା ରଙ୍ଗର ଦେଖାଯାଏ ।



## ଶାନ୍ତି ପାଇଁ





ମଣିଷ ନିଜ ଉଦ୍ୟମ, ଦୃଢ଼ ମନୋବଳ, ପ୍ରଚେଷ୍ଟା ଓ ପରିଶ୍ରମ ବଳରେ ଧନ ତ ରୋଜଗାର କରିପାରେ, ହେଲେ ଶାନ୍ତି ପାଇପାରେ ନାହିଁ କି ସୁଖୀ ହୋଇପାରେ ନାହିଁ । ଏହା କୌଣସି ବସ୍ତୁ ବା ଦ୍ରବ୍ୟ ନୁହେଁ ଯେ ବଜାରରୁ କିଣାଯାଇ ପାରିବ । ଏହା ମୁଖ୍ୟତଃ ବ୍ୟକ୍ତିର ମାନସିକତା, ଜୀବନ ଦର୍ଶନ ତଥା ଜୀବନ ପ୍ରତି ତା'ର ପ୍ରାଥମିକତା ଉପରେ ନିର୍ଭର କରେ । ଶାନ୍ତି ଏମିତି ଏକ ଆବଶ୍ୟକତା ଯାହାକୁ ବଶୀଭୂତ କରିବା ପାଇଁ ସମସ୍ତେ ଚାହାନ୍ତି । ଏଥିପାଇଁ ଲୋକେ ଅପର୍ଯ୍ୟାପ୍ତ ଅର୍ଥ ଖର୍ଚ୍ଚ କରିଶାନ୍ତି ପାଇବା ନିମନ୍ତେ ବହୁ ଉପାୟ କରନ୍ତି । ପୂଜାପାଠ ବି କରନ୍ତି, ହେଲେ ସେଥିରୁ ବି ସୁଫଳ ମିଳେ ନାହିଁ । ତେବେ ଏହାର ଉପାୟ ବାସ୍ତୁଶାସ୍ତ୍ରରେ ଅଛି ବୋଲି ବାୟୁ ବିଶେଷଜ୍ଞ ଦାବି କରନ୍ତି । ବାସ୍ତୁଶାସ୍ତ୍ର ଅନୁସାରେ ସୁଖଦୁଃଖ, ଉନ୍ନତିଅବନତି, ଶାନ୍ତି, ରୋଗବଇରାଗ ସବୁ ବାସ୍ତୁ ଦ୍ୱାରା ନିୟନ୍ତ୍ରିତ ହୁଏ । ସବୁ କିଛି ନିର୍ଭର କରେ ସକାରାତ୍ମକ ଓ ନକାରାକତ୍ମକ ଶକ୍ତି ଉପରେ । ସକାରାତ୍ମକ ଶକ୍ତିର ସଠିକ୍ ଉପଯୋଗ ଓ ନକାରାତ୍ମକ ଶକ୍ତିର ବିନାଶ ବାୟୁ ମାଧ୍ୟମରେ କରାଯାଇ ପାରିବ । ପରିବାରର ସୁଖ ଓ ଶାନ୍ତି ପାଇଁ ବାସ୍ତୁଶାସ୍ତ୍ର ଅନୁସାରେ ନିମ୍ନଲିଖିତ ଉପାୟ ଅବଲମ୍ବନ କରାଯାଇପାରେ ।

ଘରର ମୁଖ୍ୟପ୍ରବେଶ ଦ୍ୱାର ପୂର୍ବ ମୁହାଁ ହେବା ଉଚିତ । ଯଦି ଆପଣଙ୍କ ଘରର ପ୍ରବେଶ ପଥ ପୂର୍ବରେ ନଥାଏ, ତା'ହେଲେ ମୁଖ୍ୟ ଦ୍ୱାରର ଠିକ୍ ସମ୍ମୁଖରେ ଏକ ବଡ଼ ଦର୍ପଣ ଲଗାନ୍ତୁ ଏବଂ ସ୍ୱସ୍ତିକ ଚିହ୍ନ ରଖନ୍ତୁ। ତା ସହିତ ପୂର୍ବୋତ୍ତର ଦିଗରେ ଏକ କଳସ ରଖନ୍ତୁ । ଆମ୍ବପତ୍ର ଶୁଖିବା ପୂର୍ବରୁ ପାଣି ସହିତ ତାକୁ ବି ନିୟମିତ ବଦଳାନ୍ତୁ ।

## ପ୍ରାଚୀନ ସଭ୍ୟତାର ସ୍ମାରକୀ: ବିକ୍ରମଖୋଲ



ରାଜ୍ୟର ପର୍ଯ୍ୟଟନ ଇତିହାସରେ ଏକ ପରିଚିତ ନାମ 'ବିକ୍ରମଖୋଲ'। ଏଠାରୁ ଆବିଷ୍କୃତ ଶିଳାଲିପି ଐତିହାସିକ, ଗବେଷକଙ୍କୁ ଆକର୍ଷିତ କରୁଥିବା ବେଳେ ବିକ୍ରମ ପାହାଡ଼ ଓ ଗୁମ୍ଫାର ପ୍ରାକୃତିକ ମନୋରମ ଦୃଶ୍ୟ ପର୍ଯ୍ୟଟନ କେନ୍ଦ୍ରର ବିଶେଷତ୍ୱକୁ ବୃଦ୍ଧି କରୁଛି। ଝାରସୁଗୁଡ଼ା ଜିଲ୍ଲାର ବେଲପାହାଡ଼ ସହରଠାରୁ ମାତ୍ର ୧୨ କିଲୋମିଟର ଦୂରେ ଅବସ୍ଥିତ ବିକ୍ରମ ପାହାଡ଼। ପାହାଡ଼ର ଏକ ଗୁମ୍ଫାରେ ଖୋଦିତ ପ୍ରାଚୀନ ଶିଳାଲିପି ସର୍ବପ୍ରଥମେ ୧୯୨୪ ମସିହାରେ ଆବିଷ୍କୃତ ହୋଇଥିଲା। ପରେ ୧୯୭୨ମସିହାରେ ପ୍ରଖ୍ୟାତ ଭାରତୀୟ ଲିପିତତ୍ତ୍ୱବିତ୍ ଗବେଷକ କେ.ପି ଜୟଶ୍ୱାଲ ଏହାକୁ ଲୋକଲୋଚନକୁ ଆଣିବାରେ ପ୍ରୟାସ କରିଥିଲେ।

■ ପ୍ରସ୍ତର ଦେହରେ ଖୋଦିତ ଏହି ଲିପି କେଉଁ କାଳରୁ, ତାହା ଏଯାଏଁ ସ୍ପଷ୍ଟ ହୋଇନଥିଲେ ହେଁ ଏହା ସିନ୍ଧୁ ସଭ୍ୟତାକାଳୀନ ଲିପି ଏବଂ ପରିବର୍ତ୍ତୀ କାଳରେ ବିକଶିତ ବ୍ରାହ୍ମୀଲିପିର ମଧ୍ୟବର୍ତ୍ତୀ ଯୁଗର ବୋଲି ବିଶ୍ୱାସ କରାଯାଏ। ବେଲପାହାଡ଼ଠାରୁ ଲଖନପୁର ପର୍ଯ୍ୟନ୍ତ ଲମ୍ବିଥିବା ବିକ୍ରମ ପାହାଡ଼ର ମଧ୍ୟବର୍ତ୍ତୀ ସ୍ଥଳରୁ ସୃଷ୍ଟି ହୋଇଥିବା ଶାଖା ପାହାଡ଼ରୁ ବହିଯାଉଛି ଆମ୍ବଝରଣା ନାମକ ଏକ ସୌନ୍ଦର୍ଯ୍ୟଭରା ଝରଣା। ବିକ୍ରମଖୋଲ ଗୁମ୍ଫାର ଦୈର୍ଘ୍ୟ ପ୍ରାୟ ୧୧୫ ମିଟର ଓ ପ୍ରସ୍ଥ ୨୮ ଫୁଟ୍। ଗୁମ୍ଫା ଦେହରେ ଖୋଦିତ ଶିଳାଲିପି ବ୍ୟତୀତ ରହିଛି ବନ୍ୟଜନ୍ତୁଙ୍କ ଅସ୍ପଷ୍ଟ ଚିତ୍ର।

■ ଗୁମ୍ଫାର ଶୀର୍ଷରେ ପ୍ରାୟ ୮ଫୁଟ ଓସାର ଓ ୩୫ଫୁଟ ଲମ୍ବର ବିସ୍ତୃତ ପ୍ରସ୍ତର ଖଣ୍ଡେ ରହିଛି। ଏହା ଗୁମ୍ଫାର ଛାତ ସଦୃଶ ଦୃଶ୍ୟମାନ ହୋଇଥାଏ। ଗୁମ୍ଫାର ଏହି ପ୍ରାକୃତିକ ଛାତ ତଳେ ସେ ସମୟରେ ଲୋକମାନେ ବାସପୋଯୋଗୀ ସୁରକ୍ଷା ପାଉଥିବା ଅନୁମାନ କରାଯାଏ। ଗୁମ୍ଫାର ପ୍ରସ୍ତର ଚଟାଣ ଶଯ୍ୟାରେ ରହିଥିବା କେତେକ ବର୍ଗାକାର ଗର୍ତ୍ତ ଖାଦ୍ୟଶସ୍ୟ ରଖିବା, କୁଟିବା ଆଦିରେ ବ୍ୟବହୃତ ହେଉଥିବା ବିଶ୍ୱାସ କରାଯାଏ।

■ ବିକ୍ରମଖୋଲ ଗୁମ୍ଫାର ଅନିତ ଦୂରରେ ମହେଶ୍ୱର ପାହାଡ଼ରେ 'ଉଷାକୁଟୀ' ନାମକ ପର୍ବତ୍ୟ ଗୁମ୍ଫା ରହିଛି। ଯେଉଁଥିରେ କେତେକ




ପ୍ରାଚୀନ ଶିଳାଲିପି ଓ ଅସ୍ପଷ୍ଟ ଚିତ୍ର ଦୃଶ୍ୟମାନ। ଏହାକୁ ଲାଗି ଉଲାପଗଡ଼ ପ୍ରାଚୀନ ଦୁର୍ଗର ଭଗ୍ନାବଶେଷ ରହିଛି। ମାଲିକଗୁଣ୍ଡା, ଚିତରାଖୋଲ ପ୍ରଭୃତ ଗୁମ୍ଫା ଗୁଡିକରେ ବନ୍ୟଜନ୍ତୁଙ୍କ ଚିତ୍ର ଦେଖିବାକୁ ମିଳେ।

■ ଝାରସୁଗୁଡ଼ା ଜିଲ୍ଲାର ଏହି ବଣପର୍ବତ ଘେରା ଦୁର୍ଗମ ଅଞ୍ଚଳରେ ଅତୀତର କୃଷି କର୍ମ, ପଶୁ ଶିକାର ସହ ଯୁଦ୍ଧ ବିଦ୍ୟାରେ ପାରଙ୍ଗମ ଏକ ସମୃଦ୍ଧ ମଣିଷ ସମାଜ ବସବାସ କରି ରହିଥିବା ଏଠାରୁ ଆବିଷ୍କୃତ ଶିଳାଲିପି ଓ ଚିତ୍ରରୁ ସୁସ୍ପଷ୍ଟ। ଏକ ସ୍ୱତନ୍ତ୍ର ଭାଷା ଓ ଲିପି ସେ ସମୟରେ ବ୍ୟବହୃତ ହେଉଥିଲା, ଯାହାକି ବର୍ତ୍ତମାନ ସୁଦ୍ଧା ଐତିହାସିକ ଓ ଗବେଷକମାନେ କେଉଁ କାଳର ତାହା ସ୍ପଷ୍ଟ କରି ନାହାନ୍ତି।

■ ଐତିହାସିକ ସ୍ୱାକ୍ଷର ବହନ କରି ଆସୁଥିବା ଏହି ବିକ୍ରମଖୋଲ ଗୁମ୍ଫା ୧୯୫୮ ମସିହାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଜାତୀୟସ୍ତରରେ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ଲାଭ କରିଛି।



## ଘିଅରୁ ଉଜ୍ଜ୍ୱଳ ହେବ ତ୍ୱଚା : ଜାଣନ୍ତୁ ଏହାକୁ ବ୍ୟବହାର କରିବାର ଉପାୟ

ଏକ ଚାମଚ ଘିଅକୁ ରୁଟିରେ ଲଗାଇବା ଦ୍ୱାରା ଏହାର ସ୍ୱାଦ ବହୁଗୁଣିତ ହୁଏ । ଏହା ତରକାରି ତିଆରି ପାଇଁ ଏବଂ ପ୍ରସ୍ତୁତି ପରେ ଡାଲି କିମ୍ବା ଶାଗ ଉପରେ ସଜାଇବା ପାଇଁ ମଧ୍ୟ ବ୍ୟବହୃତ ହୁଏ । ଅନେକ ଲୋକ କେଶରେ ମଧ୍ୟ ଘିଅ ଲଗାନ୍ତି ଯାହା ଦ୍ୱାରା କେଶ ମୋଟା ଏବଂ ନରମ ହୋଇଯାଏ । କିନ୍ତୁ, ଆପଣ ଜାଣନ୍ତି କି ଘିଅ ମଧ୍ୟ ଚେହେରାରେ ପ୍ରୟୋଗ କରାଯାଏ । ଘିଅ ପୁଷ୍ଟିକର ହୋଇଥାଏ ତେଣୁ ଏହା ତ୍ୱଚାକୁ କୋମଳ କରିଥାଏ ଏବଂ ଅପରିଷ୍କାରତାକୁ ମଧ୍ୟ ଦୂର କରିଥାଏ ଯେଉଁଥିରେ ଦାଗ, ପିମ୍ପଲ୍ ଏବଂ ଡାର୍କ ସର୍କଲ୍ ଇତ୍ୟାଦି ସାମିଲ ଥାଏ । ଘିଅ ଭିଟାମିନ୍ ଏ, ଡି, ଇ ଏବଂ କେ ରେ ଭରପୂର ହୋଇଥାଏ । ଏଥିରେ ଭଲ ପରିମାଣର ଓମେଗା-୩ ଫ୍ୟାଟି ଏସିଡ୍ ମଧ୍ୟ ମିଳିଥାଏ । ମୁହଁରେ ଘିଅକୁ କିପରି ପ୍ରୟୋଗ କରାଯାଇପାରିବ ଜାଣନ୍ତୁ ।

ମୁହଁରେ ଘିଅ ପ୍ରୟୋଗ କରିବାର ଲାଭ ।

ଘିଅରେ ଆଣ୍ଟି-ଅକ୍ସିଡାଣ୍ଟ ମଧ୍ୟ ମିଳିଥାଏ । ଏହା ଚର୍ମ ଉପରେ ଚମତ୍କାର ଭଳି ପ୍ରଭାବ ଦେଖାଏ । ବିଶେଷକରି ଘିଅ ଚମକୁଥିବା ଚର୍ମ ପାଇବା ପାଇଁ ବ୍ୟବହାର କରାଯାଇପାରେ ।

ଭିଟାମିନରେ ଭରପୂର ଘିଅ ଏହାର ଆଣ୍ଟି-ବାର୍ଦ୍ଧକ୍ୟ ଗୁଣ ଯୋଗୁଁ ମୁହଁରେ ଆସୁଥିବା କୁଞ୍ଚକୁ ହ୍ରାସ କରିବାରେ ପ୍ରଭାବଶାଳୀ ହୋଇଥାଏ । ଏହାଦ୍ୱାରା ଚର୍ମ ସତେଜ ମଧ୍ୟ ହୋଇଥାଏ ।

ମୁହଁରେ କୁଣ୍ଡେଇ ହେଉଥିଲେ ମଧ୍ୟ ଘିଅ ପ୍ରୟୋଗ କରିବା ଲାଭଦାୟକ ହୋଇଥାଏ ।

ଶୁଖିଲା ଚର୍ମକୁ ଆର୍ଦ୍ରତା ଦେବାରେ ଘିଅର ପ୍ରଭାବ ମଧ୍ୟ ଦେଖାଯାଏ ।

ଯଦି ଓଠରେ ଘିଅ ପ୍ରୟୋଗ କରାଯାଏ, ତେବେ ସେମାନଙ୍କର କଟିବା ଏବଂ ଛିଣ୍ଡିବା ସମସ୍ୟା ଦୂର ହୋଇଯାଏ।

ଆଖି ତଳେ ଡାର୍କ ସର୍କଲ ହଟାଇବା ପାଇଁ ପ୍ରତିଦିନ ରାତିରେ ଘିଅ ପ୍ରୟୋଗ କରାଯାଇପାରେ ।

ବ୍ରଣ ଦୂର କରିବାରେ ଘିଅ ମଧ୍ୟ ସାହାଯ୍ୟ କରିଥାଏ ।

ଘିଅ ଏବଂ ବେସନ

ପିଗମେଣ୍ଟେସନ୍ ପାଇଁ ୨ ଚାମଚ ଘିଅ ନିଅନ୍ତୁ । ଗୋଟିଏ ଚାମଚ ବେସନରେ ଏକ ଚାମଚ ହଳଦୀ ଏବଂ ସେଥିରେ ଅଳ୍ପ ବୁନ୍ଦା ଲେମ୍ବୁ ରସ ମିଶାନ୍ତୁ । ଏହାକୁ ୧୫ ମିନିଟ୍ ପର୍ଯ୍ୟନ୍ତ ମୁହଁରେ ରଖିବା ପରେ ଏହି ଫେସ୍ ପ୍ୟାକ୍ ଧୋଇ ଦିଅନ୍ତୁ ।

ଘିଅ ଏବଂ କେଶର

ମୁହଁରେ ଥିବା କୁଞ୍ଚିକୁ ହ୍ରାସ କରିବା ଏବଂ ଘିଅର ଆଣ୍ଟି-ଏଜିଙ୍ଗ୍ ଗୁଣ ପାଇବା ପାଇଁ ଘିଅ ସହିତ କେଶର ମିଶାଇ ମୁହଁରେ ଲଗାନ୍ତୁ । ଗୋଟିଏ କିମ୍ବା ଦୁଇ ଚାମଚ ଘିଅ ନିଅନ୍ତୁ ଏବଂ ସେଥିରେ ୩-୪ ଟି କେଶର ଗୁଣ୍ଡ ମିଶାନ୍ତୁ । ଏହାକୁ କିଛି ସମୟ ପାଇଁ ଛାଡିଦିଅନ୍ତୁ ଏବଂ ତା'ପରେ ୨୦ ମିନିଟ୍ ପାଇଁ ମୁହଁରେ ଲଗାନ୍ତୁ ।

ଘିଅ ଏବଂ ହଳଦୀ

ଏହି ଫେସ୍ ପ୍ୟାକ୍ ଟ୍ୟାନିଂ ଏବଂ ଦାଗ ହଟାଇବା ପାଇଁ ପ୍ରୟୋଗ କରାଯାଇପାରେ । ଆବଶ୍ୟକତା ଅନୁଯାୟୀ ଏକ ପାତ୍ରରେ ଘିଅ ଏବଂ ଅଧା ଚାମଚ ହଳଦୀ ନିଅନ୍ତୁ । ଏହି ମିଶ୍ରଣକୁ ଭଲ ଭାବରେ ମିଶାନ୍ତୁ ଏବଂ ଏହାକୁ ୧୦ ରୁ ୧୫ ମିନିଟ୍ ପର୍ଯ୍ୟନ୍ତ ମୁହଁରେ ରଖନ୍ତୁ ଏବଂ ପରେ ଧୋଇ ଦିଅନ୍ତୁ । ଚେହେରା ଉଜ୍ଜ୍ୱଳ ହେବ ।



# ବୈଷ୍ଣୋ ଦେବୀ ମେଡ଼ିକାଲ କଲେଜ ବିବାଦ: ଆସ୍ଥା, ଯୋଗ୍ୟତା ଓ ରାଜନୀତିର ଏକ ଜଟିଳ ସନ୍ଧିକ୍ଷଣ

ଜମ୍ମୁ କାଶ୍ମୀରର କାଟ୍ରା ସ୍ଥିତ ଶ୍ରୀ ମାତା ବୈଷ୍ଣୋ ଦେବୀ ବିଶ୍ୱବିଦ୍ୟାଳୟ ଏବଂ ଏହାର ଆନୁଷଙ୍ଗିକ ଅନୁଷ୍ଠାନଗୁଡ଼ିକ କେବଳ ଧାର୍ମିକ ଦୃଷ୍ଟିକୋଣରୁ ନୁହେଁ, ବରଂ ସାମାଜିକ ତଥା ଶୈକ୍ଷିକ ବିକାଶ ଦୃଷ୍ଟିକୋଣରୁ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଶ୍ରୀ ମାତା ବୈଷ୍ଣୋ ଦେବୀ ଶ୍ରାଇନ ବୋର୍ଡ (SMVDSB) ଦ୍ୱାରା ପରିଚାଳିତ ବିଭିନ୍ନ ପ୍ରକଳ୍ପ ମଧ୍ୟରେ 'ଶ୍ରୀ ମାତା ବୈଷ୍ଣୋ ଦେବୀ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ଏକ୍ସିଲେନ୍ସ' (SMVDIME) ବା ବୈଷ୍ଣୋ ଦେବୀ ମେଡ଼ିକାଲ କଲେଜର ପରିକଳ୍ପନା ଏକ ଐତିହାସିକ ପଦକ୍ଷେପ ଥିଲା । ଏହି ଅନୁଷ୍ଠାନର ମୂଳ ଲକ୍ଷ୍ୟ ଥିଲା ଜମ୍ମୁ ଅଞ୍ଚଳରେ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ଏବଂ ମେଧାବୀ ଛାତ୍ରଛାତ୍ରୀଙ୍କୁ ଡାକ୍ତରୀ ଶିକ୍ଷା ପ୍ରଦାନ କରିବା । କିନ୍ତୁ ଦୁର୍ଭାଗ୍ୟବଶତଃ, ଏହି ମହତ୍ୱାକାଂକ୍ଷୀ ପ୍ରକଳ୍ପଟି ଆରମ୍ଭରୁ ହିଁ ଏକ ଗମ୍ଭୀର ବିବାଦର ଘେରରେ ଛନ୍ଦି ହୋଇପଡ଼ିଛି, ଯାହା କେବଳ ଶିକ୍ଷା ବ୍ୟବସ୍ଥା ନୁହେଁ, ବରଂ ଦେଶର ଧର୍ମନିରପେକ୍ଷ ଢାଞ୍ଚା ଏବଂ ଧାର୍ମିକ ଅନୁଷ୍ଠାନଗୁଡ଼ିକର ସ୍ୱାୟତ୍ତତା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସମ୍ପ୍ରତି ନ୍ୟାସନାଲ ମେଡ଼ିକାଲ କମିଶନ (NMC) ଦ୍ୱାରା ଏହି କଲେଜର ଅନୁମତି ପ୍ରତ୍ୟାହାର କରାଯିବା ଏବଂ ଏହା ପଛରେ ଥିବା ସାମ୍ପ୍ରଦାୟିକ ତଥା ରାଜନୈତିକ କାରଣଗୁଡ଼ିକ ଏକ ଗଭୀର ବିଶ୍ଳେଷଣ ଦାବି କରେ ।

ଏହି ବିବାଦର ମୂଳ ଉତ୍ସ ହେଉଛି ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ହୋଇଥିବା ଏମବିବିଏସ (MBBS) ନାମଲେଖା ପ୍ରକ୍ରିୟା । କଲେଜର ପ୍ରଥମ ବ୍ୟାଚ୍ ପାଇଁ ମୋଟ ୫୦ଟି ସିଟ୍ ରହିଥିଲା ଏବଂ ନିଟ୍ (NEET) ପରୀକ୍ଷାର ମେଧା ତାଲିକା ଅନୁଯାୟୀ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇଥିଲା । ତେବେ, ଚୟନ ତାଲିକା ପ୍ରକାଶ ପାଇବା ପରେ ଦେଖାଗଲା ଯେ ମୋଟ ୫୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୪୨ ଜଣ ମୁସଲିମ ସମ୍ପ୍ରଦାୟର, ଜଣେ ଶିଖ୍ ଏବଂ ମାତ୍ର ୭ ଜଣ ହିନ୍ଦୁ ଛାତ୍ରଛାତ୍ରୀ ସ୍ଥାନ ପାଇଛନ୍ତି । ଏହି ପରିସଂଖ୍ୟାନ ସାମ୍ନାକୁ ଆସିବା ମାତ୍ରେ ଜମ୍ମୁର ବିଭିନ୍ନ ହିନ୍ଦୁ ସଙ୍ଗଠନ ଏବଂ ସ୍ଥାନୀୟ ଗୋଷ୍ଠୀମାନେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଥିଲେ । ସେମାନଙ୍କର ଯୁକ୍ତି ଥିଲା ଯେ, ଯେହେତୁ ଏହି ମେଡିକାଲ କଲେଜଟି ସମ୍ପୂର୍ଣ୍ଣ ଭାବରେ ହିନ୍ଦୁ ଭକ୍ତମାନଙ୍କ ଦାନ ଓ ଦକ୍ଷିଣାରେ ପରିଚାଳିତ ଶ୍ରାଇନ ବୋର୍ଡର ଅର୍ଥରେ ନିର୍ମିତ ହୋଇଛି, ତେଣୁ ଏଥିରେ ହିନ୍ଦୁ ଛାତ୍ରଛାତ୍ରୀଙ୍କ ପାଇଁ ସଂରକ୍ଷଣ ରହିବା ଆବଶ୍ୟକ କିମ୍ବା ଏହାକୁ ଏକ ହିନ୍ଦୁ ସଂଖ୍ୟାଲଘୁ ଅନୁଷ୍ଠାନର ମାନ୍ୟତା ଦିଆଯିବା ଉଚିତ । 'ଶ୍ରୀ ମାତା ବୈଷ୍ଣୋ ଦେବୀ ସଂଘର୍ଷ ସମିତି' ନାମକ ଏକ ସଙ୍ଗଠନ ଗଠନ କରାଯାଇ ଆନ୍ଦୋଳନ ଆରମ୍ଭ ହେଲା, ଯେଉଁଥିରେ ଦାବି କରାଗଲା ଯେ ଶ୍ରାଇନ ବୋର୍ଡର ଅର୍ଥ ଅନ୍ୟ ଧର୍ମର ଲୋକଙ୍କ ଶିକ୍ଷା ପାଇଁ ବିନିଯୋଗ ହେବା ଅନୁଚିତ, ବିଶେଷକରି ଯେତେବେଳେ ସ୍ଥାନୀୟ ହିନ୍ଦୁ ଛାତ୍ରଛାତ୍ରୀମାନେ ସୁଯୋଗରୁ ବଞ୍ଚିତ ହେଉଛନ୍ତି ।

ଅନ୍ୟପକ୍ଷରେ, ଏହି ଘଟଣାର ଏକ ସାମ୍ବିଧାନିକ ଓ ନୈତିକ ଦିଗ ମଧ୍ୟ ରହିଛି । ଭାରତୀୟ ଶିକ୍ଷା ବ୍ୟବସ୍ଥାରେ, ବିଶେଷକରି ଡାକ୍ତରୀ ଶିକ୍ଷା କ୍ଷେତ୍ରରେ, 'ମେଧା' ବା ଯୋଗ୍ୟତା ହିଁ ଏକମାତ୍ର ମାପକାଠି ଅଟେ । ନିଟ୍ ପରୀକ୍ଷା ଏକ ସର୍ବଭାରତୀୟ ସ୍ତରର ପ୍ରତିଯୋଗିତା, ଯେଉଁଠାରେ ଧର୍ମ, ବର୍ଣ୍ଣ କିମ୍ବା ସମ୍ପ୍ରଦାୟ ନିର୍ବିଶେଷରେ କେବଳ ମାର୍କ ଆଧାରରେ ସିଟ୍ ବଣ୍ଟନ କରାଯାଏ । ଯେଉଁ ୪୨ ଜଣ ମୁସଲିମ ଛାତ୍ରଛାତ୍ରୀ ଚୟନ ହୋଇଥିଲେ, ସେମାନେ ନିଜର ଯୋଗ୍ୟତା ବଳରେ ସ୍ଥାନ ପାଇଥିଲେ । ଏକ ଧର୍ମନିରପେକ୍ଷ ରାଷ୍ଟ୍ରରେ ସରକାରୀ ନିୟମାବଳୀ ଅନୁଯାୟୀ ପରିଚାଳିତ ନାମଲେଖା ପ୍ରକ୍ରିୟାରେ ଧର୍ମ ଆଧାରରେ ଭେଦଭାବ କରିବା ସମ୍ବିଧାନ ବିରୋଧୀ । ଯଦିଓ କଲେଜଟି ଶ୍ରାଇନ ବୋର୍ଡ ଦ୍ୱାରା ସ୍ଥାପିତ, କିନ୍ତୁ ଏହା ଏକ 'ପ୍ରଫେସନାଲ୍ କଲେଜ' ଭାବରେ ସ୍ୱୀକୃତି ପାଇଥିଲା, କୌଣସି ଧାର୍ମିକ ପାଠଶାଳା ଭାବରେ ନୁହେଁ । ତେଣୁ, କେବଳ ଛାତ୍ରଛାତ୍ରୀଙ୍କ ଧର୍ମକୁ ନେଇ ସେମାନଙ୍କ ନାମଲେଖାକୁ ବିରୋଧ କରିବା ଶିକ୍ଷା ବ୍ୟବସ୍ଥାର ମୂଳଦୁଆକୁ ଦୋହଲାଇ ଦେବା ସଦୃଶ ।

ବିବାଦ ତୀବ୍ର ରୂପ ଧାରଣ କରିବା ପରେ ଘଟଣାକ୍ରମରେ ଏକ ନାଟକୀୟ ମୋଡ଼ ଆସିଥିଲା । ନ୍ୟାସନାଲ ମେଡିକାଲ କମିଶନ (NMC)ର ଏକ ଟିମ୍ ହଠାତ୍ କଲେଜ ପରିଦର୍ଶନରେ ଆସିଥିଲେ ଏବଂ ରିପୋର୍ଟ ଦେଲେ ଯେ କଲେଜରେ ଭିତ୍ତିଭୂମିର ଘୋର ଅଭାବ ରହିଛି । ଫ୍ୟାକଲ୍ଟି ବା ଶିକ୍ଷକଙ୍କ ସଂଖ୍ୟା କମ୍ ଥିବା, କ୍ଲିନିକାଲ୍ ସାମଗ୍ରୀର ଅଭାବ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ନଥିବା ଦର୍ଶାଇ ଏନଏମସି କଲେଜର ଅନୁମତି ପତ୍ର (Letter of Permission) ପ୍ରତ୍ୟାହାର କରିନେଲା । ଏହା ଫଳରେ ନାମ ଲେଖାଇ ସାରିଥିବା ୫୦ ଜଣ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଗଲା । ଯଦିଓ ସରକାର ଘୋଷଣା କଲେ ଯେ ଏହି ଛାତ୍ରଛାତ୍ରୀମାନଙ୍କୁ ଜମ୍ମୁ କାଶ୍ମୀରର ଅନ୍ୟ ସରକାରୀ ମେଡ଼ିକାଲ କଲେଜଗୁଡ଼ିକରେ ଥଇଥାନ କରାଯିବ, କିନ୍ତୁ ଏହି ପୁରା ଘଟଣାବଳୀ ଅନେକ ସନ୍ଦେହ ସୃଷ୍ଟି କରେ । ପ୍ରଶ୍ନ ଉଠେ ଯେ, ମାତ୍ର କିଛି ମାସ ପୂର୍ବରୁ ଯେତେବେଳେ କଲେଜକୁ ଅନୁମତି ମିଳିଥିଲା, ସେତେବେଳେ କ'ଣ ଏହି ଅଭାବଗୁଡ଼ିକ ଦୃଷ୍ଟିଗୋଚର ହୋଇନଥିଲା ? ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଦଘାଟିତ ନାରାୟଣ ସୁପରସ୍ପେସିଆଲିଟି ହସ୍ପିଟାଲ ସହ ସଂଯୁକ୍ତ ଏହି କଲେଜରେ ହଠାତ୍ ଭିତ୍ତିଭୂମିର ଅଭାବ କିପରି ଦେଖାଗଲା ? ସାଧାରଣରେ ମତ ପ୍ରକାଶ ପାଉଛି ଯେ, 'ଭିତ୍ତିଭୂମି ଅଭାବ' କେବଳ ଏକ ବାହାନା ମାତ୍ର, ବାସ୍ତବରେ ସାମ୍ପ୍ରଦାୟିକ ଚାପ ଏବଂ ବିବାଦକୁ ଏଡ଼ାଇବା ପାଇଁ ପ୍ରଶାସନ କଲେଜକୁ ବନ୍ଦ କରିଦେବାକୁ ଶ୍ରେୟସ୍କର ମଣିଲା ।

ଏହି ଘଟଣା ଜମ୍ମୁ କାଶ୍ମୀରର ରାଜନୀତିକୁ ମଧ୍ୟ ସରଗରମ କରିଛି । ନ୍ୟାସନାଲ କନଫରେନ୍ସର ନେତା ତଥା ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଏହାକୁ ବିଜେପି ଏବଂ କେନ୍ଦ୍ର ସରକାରଙ୍କ ସାମ୍ପ୍ରଦାୟିକ ରାଜନୀତି ବୋଲି ଅଭିଯୋଗ କରିଛନ୍ତି । ସେ ଯୁକ୍ତି ବାଢ଼ିଛନ୍ତି ଯେ, କେବଳ ମୁସଲିମ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅଧିକ ଥିବାରୁ ଏକ ଉନ୍ନତମାନର ଶିକ୍ଷାନୁଷ୍ଠାନକୁ ବଳି ପକାଇ ଦିଆଗଲା । ଅନ୍ୟପକ୍ଷରେ, ବିଜେପି ଏବଂ ହିନ୍ଦୁ ସଙ୍ଗଠନଗୁଡ଼ିକ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି, କାରଣ ସେମାନଙ୍କ ମତରେ ଶ୍ରାଇନ ବୋର୍ଡର ପବିତ୍ରତା ଏବଂ ଉଦ୍ଦେଶ୍ୟ ରକ୍ଷା ପାଇଁ ଏହା ଜରୁରୀ ଥିଲା । କିନ୍ତୁ ଏହି ରାଜନୈତିକ କାଦୁଅ ଫିଙ୍ଗା ଭିତରେ ସବୁଠାରୁ ବଡ଼ କ୍ଷତି ହୋଇଛି ସ୍ୱାସ୍ଥ୍ୟସେବା କ୍ଷେତ୍ରର । ଜମ୍ମୁ ଭଳି ଏକ ଅଞ୍ଚଳରେ, ଯେଉଁଠାରେ ଡାକ୍ତରଖାନା ଏବଂ ମେଡିକାଲ କଲେଜର ଆବଶ୍ୟକତା ଯଥେଷ୍ଟ ରହିଛି, ସେଠାରେ ଏକ ପ୍ରସ୍ତାବିତ ଏବଂ ପ୍ରାୟତଃ କାର୍ଯ୍ୟକ୍ଷମ ହୋଇସାରିଥିବା ମେଡିକାଲ କଲେଜ ବନ୍ଦ ହୋଇଯିବା ଦୁର୍ଭାଗ୍ୟଜନକ । ଏହା କେବଳ ଚଳିତ ବର୍ଷର ୫୦ଟି ସିଟର କଥା ନୁହେଁ, ବରଂ ଭବିଷ୍ୟତରେ ଏହି ଅନୁଷ୍ଠାନରୁ ବାହାରିବାକୁ ଥିବା ଶହ ଶହ ଡାକ୍ତର ଏବଂ ସେମାନଙ୍କ ଦ୍ୱାରା ଉପକୃତ ହେବାକୁ ଥିବା ଲକ୍ଷ ଲକ୍ଷ ରୋଗୀଙ୍କ କଥା ।

ଏହି ବିବାଦ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉତ୍ଥାପନ କରେ: ଧାର୍ମିକ ଅନୁଷ୍ଠାନ ଦ୍ୱାରା ପରିଚାଳିତ ଶିକ୍ଷାନୁଷ୍ଠାନଗୁଡ଼ିକର ସ୍ୱରୂପ କିପରି ହେବା ଉଚିତ ? ଭାରତରେ ଅନେକ ଖ୍ରୀଷ୍ଟିଆନ ମିଶନାରୀ କଲେଜ, ଶିଖ୍ ଅନୁଷ୍ଠାନ ଏବଂ ମୁସଲିମ ସଂଖ୍ୟାଲଘୁ ଅନୁଷ୍ଠାନ ରହିଛି, ଯେଉଁଠାରେ ନିଜ ସମ୍ପ୍ରଦାୟ ପାଇଁ ସିଟ୍ ସଂରକ୍ଷଣର ବ୍ୟବସ୍ଥା ଅଛି । ଯଦି ଶ୍ରୀ ମାତା ବୈଷ୍ଣୋ ଦେବୀ ଶ୍ରାଇନ ବୋର୍ଡ ଚାହୁଁଥିଲା ଯେ ଏହି କଲେଜରେ ହିନ୍ଦୁ ଛାତ୍ରଛାତ୍ରୀଙ୍କୁ ଅଗ୍ରାଧିକାର ମିଳୁ, ତେବେ ଏଥିପାଇଁ ଆଇନଗତ ଢାଞ୍ଚାରେ ପୂର୍ବରୁ ବ୍ୟବସ୍ଥା କରିବାର ଆବଶ୍ୟକତା ଥିଲା । ହୁଏତ ଏହାକୁ ଏକ 'ସଂଖ୍ୟାଲଘୁ ଅନୁଷ୍ଠାନ' (ଯଦିଓ ଜମ୍ମୁରେ ହିନ୍ଦୁମାନେ ସଂଖ୍ୟାଗରିଷ୍ଠ, ରାଜ୍ୟର ସାମଗ୍ରିକ ପରିପ୍ରେକ୍ଷୀରେ ଆଇନଗତ ତର୍ଜମା ଆବଶ୍ୟକ) କିମ୍ବା ଏକ ସ୍ୱତନ୍ତ୍ର ଧର୍ମାଦାୟ ଅନୁଷ୍ଠାନ ଭାବରେ ଗଠନ କରାଯାଇ ପାରିଥାନ୍ତା । କିନ୍ତୁ ଥରେ ସାଧାରଣ ବର୍ଗରେ ଏବଂ ସର୍ବଭାରତୀୟ ନିଟ୍ କାଉନସେଲିଂ ମାଧ୍ୟମରେ ନାମଲେଖା ଆରମ୍ଭ କରିସାରିବା ପରେ, ଫଳାଫଳକୁ ଦେଖି ଅଧା ବାଟରୁ ପ୍ରକ୍ରିୟାକୁ ବାତିଲ କରିବା କିମ୍ବା କଲେଜ ବନ୍ଦ କରିଦେବା ଏକ ସୁସ୍ଥ ଗଣତାନ୍ତ୍ରିକ ପରମ୍ପରା ନୁହେଁ ।

ପରିଶେଷରେ, ବୈଷ୍ଣୋ ଦେବୀ ମେଡିକାଲ କଲେଜ ବିବାଦ ଆମ ସମାଜର ଏକ ନିଷ୍ଠୁର ସତ୍ୟକୁ ସାମ୍ନାକୁ ଆଣିଛି ଯେ, ଆମେ ଏପର୍ଯ୍ୟନ୍ତ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଭଳି ମୌଳିକ ଆବଶ୍ୟକତାକୁ ଧର୍ମର ଚଷମାରେ ଦେଖୁଛୁ । ଏକ ଡାକ୍ତର ଯେତେବେଳେ ରୋଗୀର ଚିକିତ୍ସା କରନ୍ତି, ସେ ରୋଗୀର ଧର୍ମ ଦେଖନ୍ତି ନାହିଁ, ଏବଂ ରୋଗୀ ମଧ୍ୟ ଡାକ୍ତରଙ୍କ ଧର୍ମ ପଚାରନ୍ତି ନାହିଁ । ତେଣୁ ଡାକ୍ତର ତିଆରି ହେଉଥିବା ମେଡିକାଲ କଲେଜରେ ଧର୍ମକୁ ନେଇ ବିବାଦ ସୃଷ୍ଟି ହେବା ବିଡ଼ମ୍ବନା । ଯଦି ଭିତ୍ତିଭୂମିର ପ୍ରକୃତ ଅଭାବ ଥାଏ, ତେବେ ତାହାକୁ ସୁଧାରିବା ପରିବର୍ତ୍ତେ କଲେଜ ବନ୍ଦ କରିଦେବା ସମସ୍ୟାର ସମାଧାନ ନୁହେଁ । ଏବଂ ଯଦି କାରଣଟି ସାମ୍ପ୍ରଦାୟିକ ଅସହିଷ୍ଣୁତା ହୋଇଥାଏ, ତେବେ ଏହା ଆମ ଦେଶର ଭବିଷ୍ୟତ ପାଇଁ ଏକ ବିପଜ୍ଜନକ ସଙ୍କେତ । ସରକାର ଏବଂ ଶ୍ରାଇନ ବୋର୍ଡ ଉଭୟ ମିଶି ଏକ ସ୍ୱଚ୍ଛ ନୀତି ନିର୍ଦ୍ଧାରଣ କରିବା ଆବଶ୍ୟକ, ଯାହା ଦ୍ୱାରା ଭକ୍ତଙ୍କ ଭାବନାକୁ ସମ୍ମାନ ମିଳିବ ଏବଂ ମେଧାବୀ ଛାତ୍ରଛାତ୍ରୀଙ୍କ ଅଧିକାର ମଧ୍ୟ ସୁରକ୍ଷିତ ରହିବ । ଶିକ୍ଷାନୁଷ୍ଠାନ ଗଢ଼ିବା କଷ୍ଟକର, କିନ୍ତୁ ଭାଙ୍ଗିଦେବା ସହଜ; ତେଣୁ ବିବେକ ଓ ଦୂରଦୃଷ୍ଟି ସହ ପଦକ୍ଷେପ ନେବା ଏକାନ୍ତ ଆବଶ୍ୟକ ।

# ଗଙ୍ଗାଧର ଓ ସାନନାତି କିଶୋର ଚନ୍ଦ୍ର



**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

କିଶୋର ଚନ୍ଦ୍ର ମେହେର କବି ଗଙ୍ଗାଧର ମେହେରଙ୍କ କନିଷ୍ଠ ପୌତ୍ର। ମୋର ପୂଜ୍ୟ ପିତା। ତାଙ୍କର ଆବିର୍ଭାବ ୧୯୩୧ ମସିହା। କବିଙ୍କ ମହାପ୍ରୟାଣ ଘଟିଥିଲା ୧୯୨୪ ମସିହାରୁ। ତେଣୁ ନିଜ ପିତାମହଙ୍କୁ ସଶରୀରରେ ସେ ଦେଖିବା ସମ୍ଭବ ହୁଅନ୍ତା ଅବା କିପରି ? ମାତ୍ର ମୋର ଚେତନା ଉଦ୍ରେକ ହେବା ପରଠୁ ବାଲ୍ୟକାଳରୁ ଦେଖି ଆସିଛି ବାପାଙ୍କୁ ଯେଉଁ ରୂପରେ ତାହା କିପରି ବର୍ଣ୍ଣନା କରି ପାରିବି ? ତାଙ୍କ ସମଗ୍ର ମୁଖମଣ୍ଡଳକୁ ଯେମିତି ସ୍ନେହରେ ବାରମ୍ବାର ଆଉଁସି ଦେଇଛନ୍ତି ଗଙ୍ଗାଧର। ନ ହେଲେ ସେଇ ମୁହଁରେ ଏତେ ତେଜ, ଏତେ କାନ୍ତି ଆସିଲା କେଉଁଠୁ ? ଆଖିରେ ଯେଉଁ ପରିପୂର୍ଣ୍ଣତା ଦେଖିଛି ସେଥିରେ ସମ୍ପୂର୍ଣ୍ଣ ମୁଗ୍ଧ ରହିଛି ନିଜ ଅଜାଣତରେ ସର୍ବଦା। ସତେ ଯେମିତି ସେ ପ୍ରତ୍ୟକ୍ଷ ସାନ୍ନିଧ୍ୟ ଲାଭ କରିଥିଲେ କବିଙ୍କ। ବାପାଙ୍କ ନିକଟରୁ ଯେଉଁ ସ୍ନେହ-ନିର୍ଝର ପ୍ରବାହିତ ହୋଇ ମୋତେ ଯେ ପ୍ରତିକ୍ଷଣରେ ଭାବାପ୍ଲୁତ କରୁଥିଲା ତାହାର ମୂଳ ଉତ୍ସ କେଉଁଠି ତାହା ଆଉ ବୁଝିବାରେ ବାକି ନାହିଁ। ଗଙ୍ଗାଧର ନିଜ ଜ୍ୟେଷ୍ଠ ପୁତ୍ର ଅର୍ଜୁନଙ୍କୁ ହରାଇଥିଲେ ୧୨ ବର୍ଷ ବୟସରେ ମାତ୍ର। ପୁତ୍ର ସନ୍ତାନ ଭାବରେ ଜୀବିତ ରହିଲେ କନିଷ୍ଠ ପୁତ୍ର ଭଗବାନ। ସେ ମଧ୍ୟ ରହୁଥିଲେ ପୀଡ଼ାଗ୍ରସ୍ତ। ଏକଦା ଶଯ୍ୟାଶାୟୀ ହୋଇପଡନ୍ତି କବିପୁତ୍ର। ତାଙ୍କ ବଞ୍ଚି ରହିବାର ଇଚ୍ଛାଶକ୍ତି ହୋଇପଡ଼େ ଦୁର୍ବଳ। ଏଇ ସାନପୁଅଟିକୁ କଣ ପୁଣି ମହାକାଳ ଟାଣି ନେଇଯିବ ? ମୃତ୍ୟୁଦୂତ କି ଭୟଙ୍କର !! କଦାକାର ଓ ବିଭତ୍ସ ରୂପ ଭାସି ଉଠେ ତାଙ୍କ ଆଖି ଆଗରେ। ନିରୁପାୟ ଗଙ୍ଗାଧର କରିପାରନ୍ତେ କଣ ଆଉ ? ଛାତି ବିଦାରିତ କରିଦେଉଥାଏ କେଉଁ ଅପଶକ୍ତି !! ଦିନେ ସାବିତ୍ରୀ ସ୍ୱାମୀ ସତ୍ୟବାନଙ୍କ ଜୀବନ ରକ୍ଷା କରି ପାରିଥିଲେ ନିରବଚ୍ଛିନ୍ନ ତପସ୍ୟା ବଳରେ। ଗଙ୍ଗାଧର ନିଜ ପୁତ୍ରଟିକୁ ସେହିପରି ନିର୍ଦ୍ଦୟ ମୃତ୍ୟୁ ହାତରୁ ମୁକ୍ତ କରି ଆଣିପାରିଛନ୍ତି ନିଜର ମାତୃ ସୁଲଭ ଯତ୍ନଶୀଳତା ତପସ୍ୟାମଗ୍ନ ହୋଇ। ସେ ଦିନ ଯଦି କବିପୁତ୍ରଙ୍କ ଜୀବନ ରକ୍ଷାରେ ଗଙ୍ଗାଧର ହୋଇଥାନ୍ତେ ବିଫଳ, ତା ହେଲେ ନା କବିଙ୍କ ନାତି ନାତୁଣୀ ଆସିପାରିଥାନ୍ତେ ଧରକ୍ଷବକ୍ଷକୁ ନା ଅସିଥାନ୍ତୁ ଆମ ଚତୁର୍ଥ ପିଢ଼ି ?

ବାଲ୍ୟକାଳଠାରୁ ବାପାଙ୍କ ଦେହାନ୍ତ ପର୍ଯ୍ୟନ୍ତ ଆମଘରେ ସନ୍ଧ୍ୟାରେ ବସେ ଏକ ଭାବମୟ ବୈଠକ। ବାପା ନଥିଲେ ଉଚ୍ଚ ଶିକ୍ଷିତ ବା ସ୍ୱଚ୍ଛଳ ଭାବରେ ଜୀବନ ନିର୍ବାହ ପାଇଁ ମଧ୍ୟ ନଥିଲେ ସମର୍ଥ। ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟଙ୍କ ସମ୍ବଲପୁରୀ ବାସ୍ତ୍ରାଳୟର ସେ ଥିଲେ ଅତି ସାଧାରଣ ସେଲ୍ସମ୍ୟାନ। ଦୋକାନ ବନ୍ଦ କରି ଘରକୁ ଫେରନ୍ତି ସନ୍ଧ୍ୟାରେ। ଠିକ ସେଇ ସମୟରେ ସେ ଡାକିଆଣିଥାନ୍ତି ସତେ କି ଭାବ ଜଗତର ସୂକ୍ଷ୍ମ ଦିବ୍ୟସତ୍ତାମାନଙ୍କୁ। ଯେଉଁ ସନ୍ଧ୍ୟାକାଳୀନ ସଭା ସ୍ୱତଃ ହୋଇଉଠେ ଭାବାଚ୍ଛନ୍ନତାରେ ଆର୍ଦ୍ର ତାହାର ସଭ୍ୟ ସଂଖ୍ୟା ଆମେ ଥାଉ ମାତ୍ର ତିନିଜଣ। ବାପା, ମା ଓ ମୁଁ। ସେହି ସମୟରେ ହିଁ ଭାବ ବିନିମୟ ହୁଏ କବିଙ୍କ ବିଷୟରେ। କବିପୁତ୍ରଙ୍କ ନିବିଡ଼ ସ୍ନେହ ସ୍ମରଣରେ ମାଙ୍କ ଆଖି ଜକେଇ ଆସେ। ପୂର୍ବଜମାନେ ଜଣେ ପରେ ଜଣେ ଓହ୍ଲାଇ ଆସନ୍ତି ସେଇ ପରିବେଶ ମଧ୍ୟକୁ। ସେମାନଙ୍କ ଜୀବନ-ବାଣୀ ଉଚ୍ଚାରଣ କରନ୍ତି ବାପାଙ୍କ ମାଧ୍ୟମରେ। ଅତୀତର ଏହି ସବୁ ସ୍ମୃତିଚାରଣ ଶୁଣିବା ପାଇଁ ରଜନୀ-ଲକ୍ଷ୍ମୀଙ୍କ ଶୁଭ ଆଗମନ ହୋଇଯାଏ। ବାପା ଯେତେବେଳେ ଜନ୍ମ ହେଲେ ତା ପୂର୍ବରୁ ତାଙ୍କ ମା, ମୋର ପିତାମହୀ ଦେଖିଥିଲେ ଏକ ସ୍ୱପ୍ନ। ତାଙ୍କ ପିତୃ ପ୍ରତିମ ଶ୍ୱଶୁର କବି ଗଙ୍ଗାଧର ସ୍ୱପ୍ନରେ ପାର୍ବତୀ ଦେବୀଙ୍କୁ କହିଲେ :" ମୁଁ ଆସୁଛି ତୋ ପାଖକୁ। ଭାତ ଥାଳି ବାଢି ଦେଇ ଅପେକ୍ଷା କରିଥିବୁ।" ଏପରି ସ୍ୱପ୍ନ ଦେଖିଥିବାରୁ ବାପାଙ୍କୁ ସେ ତାଙ୍କ ଶ୍ୱଶୁର ପିତାଙ୍କ ପୁନର୍ଜନ୍ମ ବୋଲି ଭାବି ଉଲ୍ଲସିତ ହୋଇ ଉଠୁଥିଲେ। ଦେଖିଛି,କବିଙ୍କ ଆଙ୍ଗୁଠି, ନଖ ଫୋଟୋଗ୍ରାଫରେ ଯେମିତି ଦେଖାଯାଏ, ବାପାଙ୍କ ଗୋଡ ଓ ହାତର ଆଙ୍ଗୁଠି ସବୁ ଠିକ ସେହିପରି। ଏକଥା ମନେ ପକାଇ ବାପା ହସନ୍ତି। କହନ୍ତି : "ମୋ ପରି ମୂର୍ଖ କାହିଁ!! ଆଉ କବି କେଉଁଠି ?" ବାପାଙ୍କ ବିନୀତ ଆଖି ଓଦା ହୋଇଯାଏ। ଅନେକ ସମୟରେ ବାପା କବିଙ୍କ ଫଟୋଚିତ୍ର ଆଗରେ ଯେମିତି ବାର୍ତ୍ତାଳାପ କରନ୍ତି, ମନେ ହୁଏ ଦୁଇ ଜେଜେ ନାତିଙ୍କ ଖେଳ ବେଶ ଜମିଛି। କେତେ କଥା କହନ୍ତି ବାପା। କେତେବେଳେ ନିମ୍ନ କଣ୍ଠସ୍ୱରରେ। କେତେବେଳେ ଉଚ୍ଚକିତ। ପୁଣି ଆଉ କେତେବେଳେ କେବଳ ମନେ ମନେ। ତାଙ୍କ ପିତାମହ ତାଙ୍କୁ କଣ କହିଲେ, ତାହା ପୁଣି ଆସି ବ୍ୟକ୍ତ କରନ୍ତି ଆମ ମା ପୁଅଙ୍କ ପାଖରେ। ସେ ସିନା ମୋର ବାପା। ମାତ୍ର ସେ ଦେଖାଯାଉଥାନ୍ତି ଶିଶୁଟିଏ ପରି କି କୋମଳ !!ତାଙ୍କ ଦାଦା ବା ଜେଜେଙ୍କ ସହ କଥାର ଉପସଂହାର ହୁଏ ଅତି ମାର୍ମିକ। ବାପା କବିଙ୍କ ଫୋଟୋଗ୍ରାଫକୁ ଏକ ଲୟରେ ଚାହିଁ କହୁଥାନ୍ତି : "ଦାଦା! ମୁଁ ତୁମର ଛୋଟ ନାତି ନା? ସେଇଥି ପାଇଁ ମୋତେ ଏତେ ଭଲ ପାଅ। ଆଦର କର। ନୁହେଁ? "ତାପରେ ଗାନ କରି ଉଠନ୍ତି:

"ହେଲେ ହେଁ ତୁ ସାନ କରୁଣା ନିଧାନ ରାଜ୍ୟରେ କରିଛୁ ବାସ / ବଢ଼ାଇଲେ କର ତାଙ୍କ ଶ୍ରୀପୟର ଲାଭେ ନ ହେବୁ ନିରାଶରେ ଜୀବନ।
ବିଶ୍ୱଦେଖ ମଧୁମୟ।"

କରୁଣ ଅଥଚ କୃତଜ୍ଞ ଆଖିରେ କବିଙ୍କୁ ଅନାଇ କହୁଥାନ୍ତି:

"ମୁଁ ତୁମର ଛୋଟ ନାତି ହେଲେ ବି ତୁମ କରୁଣା ଲାଭରୁ କେବେ ବଂଚିତ ହୋଇନାହିଁ। ତୁମର କଲ୍ୟାଣମୟ ଦୃଷ୍ଟିରୁ ଝରି ଆସୁଛି ଯେଉଁ ଅବାରିତ ଧାରା, ମୁଁ ସେଇ ମଧୁର ନିର୍ଝରରେ ସ୍ନାନ କରୁଛି ନିରନ୍ତର। ତୁମ ସ୍ନେହ ଅପାର, ଅକଳନୀୟ।"

ଏତିକି କହିବା ବେଳକୁ ସତକୁ ସତ ସେ ଦେଖା ଯାଉଥାନ୍ତି ଚାରି ପାଞ୍ଚ ବର୍ଷ ବୟସର ଛୋଟ ପିଲାଟିଏ ପରି। ଏଇ ଯେମିତି ତାଙ୍କ ଜେଜେଙ୍କ କୋଳରୁ ଉଠି ଆସି ଖୋଜୁଛନ୍ତି ତାଙ୍କ ମାଙ୍କୁ। ବାପା ସ୍ୱେ ସେ ସମସ୍ତଙ୍କ ସ୍ନେହ ବଳୟରେ ଥିବେ କି ପୁଲକିତ!! ୨୦୦୫ ମସିହା ଜାନୁଆରୀ ୧୨ ତାରିଖ ଉଷାକାଳରେ ସେ ଜୀର୍ଣ୍ଣ ଶରୀର ତ୍ୟାଗ କରି ସୂକ୍ଷ୍ମ ଆଲୋକ ରେଖାରେ ପରିଣତ ହୋଇଯାଇଥିଲେ। ତାଙ୍କ ଚିରନିଦ୍ରା ବରଣର ୨୧ ବର୍ଷ ଆଜି ପୂର୍ଣ୍ଣ ହୋଇଗଲା। ଯାହାଙ୍କ ଆଖି ଏ ସଂସାରରେ ମୁଦ୍ରିତ ହୋଇଯାଏ, ସେଇ ଆଖି ଭିନ୍ନ ରୂପରେ କୁଆଡ଼େ ଉନ୍ମୋଚିତ ହୋଇଯାଏ ଆଉ ଏକ ଜଗତରେ। ବାପା ତାଙ୍କ ପିତା, ମାତା, ପିତାମହଙ୍କ ନିକଟରେ ଥାଇ ଆମମାନଂକ ପାଇଁ ବିକିରଣ କରୁଛନ୍ତି ଅସୁମାରୀ ସ୍ନେହ ଆଉ ସଂପ୍ରୀତି। ସ୍ୱର୍ଗତ ଆତ୍ମାଙ୍କ ଶାନ୍ତି ବିଧାନ ପାଇଁ ପ୍ରାର୍ଥନା କରିବା ଆମର ସାମାଜିକ ରୀତି। କିନ୍ତୁ ସ୍ପଷ୍ଟରୁ ସ୍ପଷ୍ଟତର ଭାବରେ ଦେଖୁଛି ପୂର୍ବଜଙ୍କ ସହ ଏକାତ୍ମ ହୋଇ ବାପା ଆମ ପାଇଁ ପ୍ରେରଣ କରୁଛନ୍ତି ଅସଂଖ୍ୟ ଶାନ୍ତି-କଣିକା, ଯାହା ଆମ ଆତ୍ମାର ଆକୃତି।



କିଶୋର ଚନ୍ଦ୍ର ମେହେର | ଗଙ୍ଗାଧର ମେହେର

+ପରିଦର୍ଶକ ପ୍ରଫେସର
ଉତ୍କଳ ବିଶ୍ୱବିଦ୍ୟାଳୟ

# ନିଶା ଏବଂ ନିଶାଡ଼ୀମାନଙ୍କ ପାଇଁ ବାଲେଶ୍ୱର ପୋଲିସ ଏବେ ଚଳଚଞ୍ଚଳ



**ସୁବ୍ରତ କର**

ବାଲେଶ୍ୱରର ମଦୁଆ ମାନଙ୍କ ପାଇଁ ବାଲେଶ୍ୱର ପୋଲିସ ସଜାଗ । ନୂଆ ବର୍ଷ ଅତି ଭଲ ଭାବରେ ବାଲେଶ୍ୱର ବାସୀ କଟେଇ ଦେଲେ ଏବଂ କୌଣସିଠାରେ କୌଣସି ପ୍ରକାରର ଅପ୍ରତିକର ଘଟଣା ଦେଖିବାକୁ ମିଳିନାହିଁ। ଏହାର ପ୍ରମାଣ ହେଲା ଗତ ୭ ଦିନରେ ବାଲେଶ୍ୱର ପୋଲିସ ପ୍ରାୟ ୨୨ଟି ମାମଲା ୨୨ଜଣ ମଦ ପିଉଥିବା ଲୋକଙ୍କ ବିରୁଦ୍ଧରେ ରୁଜୁ କରିଛି । ପୋଲିସ ବିଭାଗ ଛଡ଼ା ପରିବହନ ବିଭାଗ ମଧ୍ୟ ନୂଆ ବର୍ଷରେ ମଦୁଆ ଗାଡ଼ି ଚାଳକଙ୍କୁ ଗୋଡ଼ାଇ ଗୋଡ଼ାଇ ଚାଲାଣ କାଟିଥିଲା। ପରିବହନ ବିଭାଗ ଗତ ଦୁଇ ଦିନ ଧରପଗଡ଼ କରି ପ୍ରାୟ ୮ଜଣଙ୍କୁ ଧରିଥିଲା । ସେମାନଙ୍କ ପାଖରୁ ୧୦୦୦୦ ଟଙ୍କା ଲେଖାଏଁ ଜୋରିମାନା ସହ ଡ୍ରାଇଭିଂ ଲାଇସେନ୍ସକୁ ୩ ମାସ ପାଇଁ ବାତିଲ କରିଥିଲେ । ନୂଆ ବର୍ଷ ରାତିରେ ଏବଂ ପରେ ସରକାରଙ୍କର ଦୁଇ ବିଭାଗର କାର୍ଯ୍ୟ କଳାପକୁ ଜନସାଧାରଣ ନିଶ୍ଚିତ ଭାବରେ ସ୍ୱାଗତ କରିଥିବେ । ଆହୁରି ବଡ଼ କଥା ହେଲା ଯେଉଁମାନେ ଧରା ପଡ଼ିଛନ୍ତି ସମସ୍ତଙ୍କ ନାଁ ଏବଂ ତାଙ୍କର ମୋଟର ସାଇକେଲର ନମ୍ବର ମଧ୍ୟ ଦୈନିକ ଖବର କାଗଜରେ ପ୍ରକାଶିତ କରିଛନ୍ତି । ଏବେ ସେମାନଙ୍କ ଘର ଲୋକ, ବନ୍ଧୁ ବାନ୍ଧବ ମାନେ ଜାଣିବେ ଏବଂ ଜାଣିବା ଦରକାର ମଧ୍ୟ ଯେ ସେମାନଙ୍କ ନିଜର ଲୋକ ରାତି ଅଧରେ ମଦ ପିଇ ଗାଡ଼ି ଚଳାଉଥିବା ଅବସ୍ଥାରେ ଧରା ପଡ଼ି ଫାଇନ ଗଣିଛନ୍ତି । ଗୋଟାଏ ଜିନିଷ ନିଶ୍ଚିତ ଯେ ଧରା ପଡ଼ିଥିବା ଲୋକମାନେ ନିଶ୍ଚିତ ପଇସା ବାଲା, କାରଣ ୧୦୦୦୦ ଟଙ୍କା ଗାଡ଼ି ପିଛା ପୈଠ କରିବା କାଠିକର ପାଠ ନୁହଁ । କିଛି ଲୋକଙ୍କ ବିରୁଦ୍ଧରେ ପୋଲିସ ମାମଲା ରୁଜୁ କରିଛି ।

ସହର ଏବଂ ସହର ବାହାରେ ମଧ୍ୟ ଏହିପରି ଦୁଇ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷାକରି ଯଦି ଏହି ପରି ରାତି ଅଧିଆ ଚଢ଼ୁ ହୁଅନ୍ତି କିଛି ପରିମାଣରେ ରାତି ଅଧିଆ ଘଟୁଥିବା ସବୁ ପ୍ରକାରର ଗଣ୍ଡଗୋଳ ଉପରେ ଅଙ୍କୁଶ ଲାଗି ପାରନ୍ତା ଏବଂ ସବୁଠୁ ବଡ଼ କଥା ହେଲା ସହର ବାସୀ ରାତି ଅଧିଆ ଟ୍ରେନ୍ ହେଉ ବା ବସ୍ ହେଉ ସହରରେ ପହଞ୍ଚି ଘରକୁ ଠିକ୍ ଭାବରେ ପହଞ୍ଚି ପାରିବେ ଏବଂ ଏ ଧରା ପଡ଼ିଥିବା ମଦୁଆ ଭାଇମାନେ ଟିକିଏ ନିଶ୍ଚିତ ଡରିବେ । ଆହୁରି ଭଲ ହୁଅନ୍ତା ଯଦି ଏହିପରି ମଦୁଆ ମାନଙ୍କ ଖବର କାଗଜରେ ନାଁ ସହିତ ଫଟୋ ବାହାରି ପାରନ୍ତା, ତେବେ ସେମାନଙ୍କ ପରିବାର ଲୋକ ମଧ୍ୟ ଜାଣି ପାରନ୍ତେ ଯେ ତାଙ୍କ ବାବୁ କେଉଁ ପ୍ରକାରର ଲୋକ ଏବଂ ଏତେ ରାତି ପର୍ଯ୍ୟନ୍ତ କେଉଁଠି ଥିଲେ, କଣ କରୁଥିଲେ ? ଏହା ନିଶ୍ଚୟ ସାହାଯ୍ୟ କରିବ ଏବଂ ଚେତାବନୀ ହୋଇ ରହିବ ଅନ୍ୟ ମଦୁଆମାନଙ୍କ ପାଇଁ ।

## ତୁମ ଜନ୍ମଦିନ କାଳିକିଙ୍କର

ତୁମ ଜନ୍ମଦିନରେ
ବହୁତ ମନେ ପଡୁଛ କବି ।
ତୁମେ ମରୁରେ
ଗୋଲାପ ଫୁଟେଇଥିଲ କେମିତି କୁହ ?
ଆଜି ଭୋଟର ମାନଙ୍କୁ
ମାଗଣା ଚାଉଳ ସାଙ୍ଗକୁ
ରାସନ ପାଣି ମାଲପାଣି
ପାଇଁ ବି ଟଙ୍କା ମିଳୁଛି
ତେଣୁ କ୍ଷେତରେ ଫସଲ ନାହିଁ
ପଡିଆ ପଡୁଛି ଜମି;
ଶ୍ରମ ଓ କର୍ମ ମରୁଡ଼ି ଭିତରେ
ବିଚରା କଅଁଳା ବାଛୁରୀଟି
ହମ୍ବା ରଡି ଛାଡୁଛି
ମାଆ ଥନରୁ କ୍ଷୀର ଟୋପେ
ପିଇବା ଆଗରୁ କଂସେଇ
ବାନ୍ଧି ନେଇ ଯାଇଛି ମାଆକୁ
ତେଣୁ ସବୁଠି ମରୁ ଆଉ ମରୁ
ଗୋଲାପ କେମିତି ଫୁଟିବ କୁହ ?
ନିଜସ୍ୱ ସଂଳାପ ତୁମର
କାହାକୁ ଶୁଣାଇବି କୁହ ?
ଏଠାରେ କଥାକୁହା କପିଳା
ପାଲଟି ଯାଇଛି କପିଳେନ୍ଦ୍ର ଦେବ
କାହାକୁ ତା'ର ଖାତିର ନାହିଁ
ନିଜକୁ ନିଜେ ଆଭୂଷିତ କରୁଛି
ବୀରଶ୍ରୀ ବୀରବର ଉତ୍କଳ ଉତ୍କୃଷ୍ଟେଶ୍ୱର
ମିଛ ହାଟରେ
ହରେକ ମାଲ ବିକୁଛି ଆଜି
ଷ୍ଟେସନର ଚା' ବିକାଳୀ;
ଯେଉଁଠି ଦେଖିବ ଦଙ୍ଗା
ସବୁଠି ଶୁଣିବ କଳି
ସାଧୁର ହେଉଛି ବଳି
ନିଜସ୍ୱ ସଂଳାପ ଶୁଣୁଛି କିଏ କୁହ ?
ସୁବିଧାବାଦର ସ୍ୱର୍ଗରେ
କାପୁରୁଷଙ୍କର ବୈକୁଣ୍ଠରେ
ତୁମର ସେ ନିଃଶବ୍ଦ ପ୍ରତିବାଦର ସ୍ୱର
ତୋଳୁଛନ୍ତି ଅଭଙ୍ଗା କଣ୍ଠେଇ ଯେତେକ
ଦାଣ୍ଡର ବୁଲା କୁକୁରମାନେ
ଲାଞ୍ଜ ଜାକି ଆଜି କାକୁସ୍ଥ କୃତଜ୍ଞ ଅବଶ୍ୟ
କାରଣ ତୁମେହିଁ ତାଙ୍କୁ ଭରସା କରିଥିଲ;
ଆଜି ସେମାନଙ୍କ ବିରୁଦ୍ଧରେ ବି
ସର୍ବୋଚ୍ଚ ଅଦାଲତରେ ଚାଲିଛି ବଚାର
ଅସଭ୍ୟତାର ଅନ୍ଧାରି ବିଜେରେ
ସଭ୍ୟତାର ମୁହଁ ତୁମର
କେଉଁଠି ଲୁଚିଛି କୁହ
କେମିତି ଅବା ଆଙ୍କି ପାରିବି
ତୁମେ ଦେଇଥିବା
ଅସଂଖ୍ୟ ମନର ମାନଚିତ୍ର ?
ଶତକ ପୂରିଲାଣି ବୋଲି
ଦୁଃଖ କରୁଛ କି କବି ?
ଅର୍ଦ୍ଧ ଶତକ ବା ଲଘୁଶତକ ତୁମର
ଦେଇଛି ଆଶ୍ୱାସନା
କରିଛି ଆଶ୍ୱସ୍ତ
ଦେଇଛି ବିଜୟ
ମହାଜୀବନର ପ୍ରାର୍ଥନା ଶୁଭୁଛି
ସ୍ୱଦେଶରେ ଆଉଥରେ
କଣ୍ଟାଯୁକ୍ତ କାକଟସ ଗୋଲାପ ହୋଇ
ଫୁଟିବ ଫୁଟିବ ହେଉଛି
ବଳ ପୁଣି ଗଡି ଗଡି ଯାଉଛି ।



(କବି ଡ଼. ବ୍ରଜନାଥ ରଥଙ୍କ ୯୧ତମ ଜନ୍ମ ଦିବସ ଅବସରରେ ଏ କବିତାଞ୍ଜଳି)

+ବିଶ୍ୱଶ୍ରୀ ପ୍ରେସ, ବାଲେଶ୍ୱର




## ଶୀତ ବି ଆମ ମିତ

**ସନ୍ତୋଷ କୁମାର ଅଦାବର**

ଶୀତ ସକାଳେ ଦାଣ୍ଡ ପିଣ୍ଡାରେ
ଅଜାଟି ବସିଥିଲେ
ମୁନାକୁ ଦେଖି ମୁରୁକି ହସି
ପାଖକୁ ଡାକିଦେଲେ ।
କହିଲା ମୁନା ଅଜା ହେ ଶୁଣ
ଶୀତ ହେଉଛି ବେଶି
କାହିଁ ତ ଶୀତ ଲାଗୁନି କହି
ଅଜା ଯେ ଦେଲେ ହସି ।
କହିଲେ ଅଜା ଜାଣିଥା ମୁନା
ଶୀତ ଆମର ମିତ
ଅଜାଙ୍କ କଥା ଶୁଣିକି ମୁନା
ହୋଇଗଲା ଚକିତ ।
କହିଲା ମୁନା ଶୀତ ପାଇଁକି
କୁହୁଡ଼ି ଓ କାକର
ଏକ ସଙ୍ଗରେ ଆସନ୍ତି ମାଡ଼ି
ଲାଗୁଛି ଭାରି ଡର ।
ଭୀଷଣ ଥଣ୍ଡା ଡାକି ଆଣଇ
ଥଣ୍ଡା, କାଶ ଓ ଜ୍ୱର
ଲୋଡ଼ା ହୁଅନ୍ତି ଆମ ପାଇଁକି
ଔଷଧ, ଡାକତର ।
ମୁରୁକି ହସି କହିଲେ ଅଜା
କଥାଟି ତୋର ସତ
ହେଲେ, ଆହୁରି ସତ କଥା ଏ
ଶୀତ ବି ଆମ ମିତ ।
ଶୀତ ପରେ ଯେ ଖରା, ବରଷା
ପ୍ରକୃତିର ଏ କଥା
ଜଳବାୟୁର ଖେଳଟି ଏଇ
ହୋଇବ କି ଅନ୍ୟଥା ?
ସଜ ପରିବା ସତେଜ ଫଳ
ପରିବେଶ ସୁନ୍ଦର
ପରବ ପୂଜା ଲାଗଇ ମଜା
ଏଣୁ ଶୀତ ଆଦର ।
ଶୀତ ନ ଥିଲେ ବରଷା ଖରା
ମଜା ଲାଗିବ ନାହିଁ
ସେପାଇଁ ଶୀତ ଆମରି ମିତ
ଜାଣିଥା ମୁନା ଭାଇ ।
ଅଜାଙ୍କ କଥା ବୁଝିକି ମୁନା
ହସିଲା ଖିଲିଖିଲି
ତା' ସହ ଅଜା ହସିଲେ ହାଃ ହାଃ
ପାକୁଆ ପାଟି ଖୋଲି ।

+ବୀରମହାରାଜପୁର,ସୁବର୍ଣ୍ଣପୁର
ମୋ- ୯୭୭୭୯୧୦୭୨୮

## ଭାଙ୍ଗିଗଲା ବାଲିଘର

**ପ୍ରଶାନ୍ତ କୁମାର ଦାଶ**



ଲୁହନଈ ଯାଏ ବୋହି
ଦୁଃଖଦେଇ କେତେ
ପରକରି ଦେଲ ଶେଷେ
ଧୋକାଦେଇ ମତେ ।।
ସାତଜନମର ସାଥୀ
ହେବ୍ୱାଲି ମୋର
ଦେଇଥିଲ କଥା ମତେ
ପୁଣି ଅଙ୍ଗୀକାର ।।
କୋହଭରା ଲୁହ ଆଉ
ଅବୁଝା ଏ ମନ
ହତାସ ହୁଅଇ ଦେଖି
ରାତି ମଳାଜହ୍ନ ।।
ଆଖିଆଇନାରେ ଦେଖେ
ପ୍ରିୟା ତୁମ ଛବି
ଫୁଲ ଫୁଟିଗଲେ ହସେ
ସକାଳର ରବି ।।
ହାରିଗଲି ତୁମପାଶେ
କରିଦେଲ ପର
ସାଗର ବେଳାରେ ଗଢି
ଥିଲି ବାଲିଘର ।।
ଢେଉ ଆସି ଭାଙ୍ଗିଦେଲା
ସେଇ ବାଲିଘର
ସଂପର୍କ ସରିଲା ସଖୀ
ଆମ ଦୁହିଁଙ୍କର ।।

+କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋ:୯୬୬୮୮୨୨୧୯୦



ରତିକାନ୍ତ ବିଶ୍ୱାଳ

# ନଖିନାନୀ



କେଦାରପୁର। ଗାଁକୁ ମାଟି ରାସ୍ତାଟିଏ ସାପ ପରି ଅଙ୍କାବଙ୍କା ହୋଇ ଲମ୍ବିଯାଇଛି। ରାସ୍ତାର ଦୁଇପାର୍ଶ୍ୱରେ ଧାଡ଼ିଧାଡ଼ି ଘର। ଘର ଗୁଡ଼ିକର ଦାଣ୍ଡଦରଜା ରାସ୍ତାଆଡକୁ। ପାଖାପାଖି ଦୁଇଶହରୁ ଅଧିକ ଘର ହେବ ଗାଁରେ । ଗ୍ରାମର ମଧ୍ୟଭାଗରେ ରଘୁ ଅବଧାନେଙ୍କ ଚାଟଶାଳୀ। ସେଇଠି ଗଢାହୁଅନ୍ତି ଦେଶର ଭବିଷ୍ୟତ । କେଦାରପୁରର ଶେଷମୁଣ୍ଡରେ ବିଶାଳ ବରଗଛ ଓ ଶିବମନ୍ଦିର। ମନ୍ଦିରକୁ ଲାଗି ସୁନ୍ଦର ପୁଷ୍କରିଣୀ, କାଚକେନ୍ଦୁପରି ପାଣି। ପାଣିକୁ ଦେଖିଦେଲେ ଦୁଇଆଞ୍ଜୁଳା ପିଇବାକୁ ଇଚ୍ଛାହେବ। ପୋଖରୀରେ ପଦ୍ମଫୁଲ ଫୁଟେ । ଗାଁର ବୋହୂଝିଆରୀ ପୁନେଇପରବରେ ମନ୍ଦିରରେ ଭିଡ ଜମାନ୍ତି। ଗୁରୁ ଗୁରଜନଙ୍କ ମଙ୍ଗଳ ମନାସନ୍ତି,ସନ୍ତାନ ସନ୍ତତିଙ୍କ ପାଇଁ କରୁଣାଭିକ୍ଷା କରନ୍ତି। ଗାଁର ଲୋକମାନେ ସାଧାସିଧା, ବିପଦ ଆପଦରେ କାନ୍ଧକୁକାନ୍ଧ ମିଶେଇ ଦିଅନ୍ତି । କେଉଁ ଅନାଦି କାଳରୁ ମନ୍ଦିର ପାଖରେ ଗଢିଉଠିଛି ବ୍ରାହ୍ମଣ ଶାସନ। ଶାସନ ନୁହେଁ ତୋ, ସଫା ସୁତୁରା ଦର୍ପଣ ଖଣ୍ଡେ । ସବୁବର୍ଣ୍ଣର ଲୋକ କେଦାରପୁରରେ ଥିଲେ ବି ବ୍ରାହ୍ମଣଙ୍କ ସଂଖ୍ୟା ଅଧିକ।

ବ୍ରାହ୍ମଣ ଶାସନରେ ବରଜୁ ତିଆଡି ଘର। ବରଜୁର ଟିକି ସଂସାର। ବଡଝିଅ ଲକ୍ଷ୍ମୀ ଆଉ ସାନଝିଅ ସଖୀ। ଲକ୍ଷ୍ମୀକୁ ଗାଁ ଲୋକେ ନଖି ବୋଲି ଡାକନ୍ତି ସମସ୍ତଙ୍କର ଅତି ପ୍ରିୟ ସେ, ଦେଖିଦେଲେ ମନ ପୁରିଯିବ । ଡଉଲଡାଉଲ , ଗାଲ ଦୁଇଟା ପୁଟୁକା ପୁଟୁକା। ଖଣ୍ଡାନାକ ପରି ନାକଟିଏ। ଛୋଟ ହେଲେ କଣ ହେବ, ବଡଲୋକଙ୍କ ପରି କଥାକହେ । ସେଇଥିପାଇଁ ବଡବଡିଆ ମାନେ ନଖିକୁ 'ନଖିନାନୀ' ଡାକନ୍ତି । ଭାରି ହସକୁଳି, ରାଗିଥିବା ଲୋକକୁ ସହଜେ ହସେଇଦେବ ସେ । ସାନଝିଅ ସଖିକୁ ଜନମଦେଇ ତା' ମାଆ ରିଷ୍ଟରେ ଚାଲିଗଲା । ଯୌବନରେ ନିଜପତ୍ନୀକୁ ହରେଇଥିଲା ବରଜୁ। ଦ୍ୱିତୀୟ ବିବାହ କରିନଥିଲା । ପିଲାଦୁଇଟିର ମୁହଁକୁ ଚାହିଁ ନିସଂଗ ଜୀବନ ବାଛି ନେଲା। ଆଜିକାଲି ସେମିତି ନାରୀଟିଏ ବି ବିରଳ, ଯିଏ ପରଛୁଆଙ୍କୁ ନିଜର କରିବ। ବରଜୁ ଭାରିଯା 'ପାର' ସଂସାର ଛାଡ଼ିବା ବେଳେ ନଖିକୁ ଦଶ ବରଷ। ନଖି ଉପରେ ବିଶ୍ୱାସ ରଖି ପାରର ଶେଷ କଥାଥିଲା ,'ନଖିଲୋ, ମୋ ସଖି ତତେ ଲାଗିଲା'। ସେହିଦିନଠୁ ନଖି ମାଆର କଥାକୁ ଅକ୍ଷରେ ଅକ୍ଷରେ ପାଳିଛି । ସେ ଏବେ ସଖିର ମାଆ ବଦଳି ମାଆ। ବରଜୁ ତିଆଡି ସିନ୍ଦୁରା ଫାଟିଲେ ଚିତା ଚଇତନ ହେଇ ଦେବତା ପୂଜି ବାହାରିଯାଏ। ଖାଲି ସଖିର ମାଆ ବଦଳି ମାଆ କହିଲେ ଭୁଲ ହେବ, ବରଜୁର ଜେଜେମାଆଠୁଁ ବଳି। ବାପ କେମିତି ସଅଳ ସଅଳ ମନ୍ଦିର ଯିବ ସେ କାମବି ନଖିର। ବାପପାଇଁ ସକାଳେ ସକାଳେ ଚା' କରିଦିଏ ସେ। ଖିଲିପାନ ବନେଇ ବରଜୁ ବଟୁଆରେ ଥୋଇଦିଏ। । ବରଜୁକୁ ବିଦା କରି ସଖି ପାଖକୁ ଆସେ । ଆଖି ପୁରେଇ ସଖିକୁ ଟିକେ ଦେଖେ। ମୁରୁକି ହସଟେ ଲାଗିଯାଏ ନଖି ଓଠରେ।ସଖି ଉଠିବା ପୂର୍ବରୁ ବାସି ପାଇଟି ସାରିଦିଏ। ଜନମପରେ କେବେ ମାଆଦୁଧ ଟିକେ ପାଇଲାନି ସଖି। ଗାଈ ଦୁଧକୁ ଭରସା କରି ସାନ ଭଉଣୀକୁ ନିଖାରୁଛି ନଖି। ସଖି ପାଇଁ ଦୁଧଖଞ୍ଜା କରିଛି ବରଜୁ । ଗାଁ ଗଉଡ ଦୁଧ ବିକିଗଲାବେଳେ ନଖିଘରେ ଦେଇଯାଏ। କେଦାରପୁରରେ ମଧୁଗଉଡର ଦୁଧ ଟିକେ ଭଲ, ସେ ଏତେ ପାଣି ଦିଏନି। ଦୁଧ ପାଇବା ପରେ ନଖିର କାମ ବଢ଼ିଚାଲେ। ସଖିକୁ ଶାମୁକାରେ ଟିକେଟିକେ କରି ପେଇଦିଏ। ପିଆଉପିଆଉ ସଖୀ, ନଖି କୋଳରେ ଝାଡା କରିଦିଏ। ହିଞ୍ଚା କରେନି ନଖି। ଭଉଣୀ ହେଇକି ସିନା ଜନମ ହେଇଛି, କିନ୍ତୁ ସଖୀକୁ ମାଆର ଅଭାବ ଦେଖେଇ ଦେଇନି। ଆଇବୁଢ଼ୀ ପରି ତେଲକଳା କରି କଅଁଳଖରାରେ ଗଡ଼େଇ ଦିଏ ସେ । କିଛି ସମୟ ଶେଯକଡରେ ଶୋଇ ମାଆପରି ଗେଲକରେ। ବେକରେ ଛାତିରେ ବୁକୁଦିଏ। ସଖି ସୋଇପଡ଼େ। ନଖି ଚୁଲି ଲଗାଇବାକୁ ବାହାରି ପଡେ। ହୁତୁକା ଜାଳଦେଇ ଝଅଟ କରି ଭାତ ତିଅଣ କରେ। ସଖି ଉଠିବା ପୂର୍ବରୁ ଘରର ଯାବତୀୟ କାମ ସାରିଦିଏ ସେ। ସଖି ଏବେ ଗୋଟିଚଲା ଦେଲାଣି। ଚାଳିଆ ଭିତରେ ଚାରିଆଡ଼େ ଘୁରିବୁଲୁଛି। ସଖିକୁ ସମ୍ଭାଳିବା କଷ୍ଟ ହେଲାଣି , ତଥାପି ସେ ତା' ପାରୁ ପର୍ଯ୍ୟନ୍ତ ଚେଷ୍ଟା କରୁଛି। ନଖିର ପାଠପଢା ଚୁଲିକି ଗଲାଣି । ରଘୁ ଅବଧାନେ ଦୁଇ ଚାରିଥର ବରଜୁକୁ ଖବର ଦେଲେଣି । ନଖି ଭଲ ପାଠ ପଢ଼େ, କିନ୍ତୁ କମ୍ ବୟସରୁ ସଂସାର ଜଞ୍ଜାଳ ତାକୁ ସାରିଦେଲା । ମାଆ ଥିଲେ ଆଜି ଏମିତି ଘଟି ନଥାନ୍ତା। ମାଆ କଥା ମନରେ ପଡ଼ିଲେ ଦୁଃଖକରେ ନଖି।ପରେ ପରେ ପୁଣି ନିଜକୁ ବୁଝେଇଦିଏ , 'ମୁଁ ନ ପଢିଲି କଣ ହେଲା , ସଖି ତୋ ପାଠ ପଢ଼ିବ'। ସଖିର ସେବାରେ ତା' ଦିନ କଟିଯାଏ। ଧିରେଧିରେ ଶଶିକଳା ପରି ବଢି ଚାଲିଛି ସଖି । ମାଆ ବଞ୍ଚିଥିଲେ ବୋଧେ ସେତିକି କରି ପାରିନଥାନ୍ତା, ଯେତିକି ନଖି ସଖିପାଇଁ କରେ। ସଖିକୁ ଏବେ ଛଅବର୍ଷ। ଚାଟଶାଳୀ ଯିବା ଆରମ୍ଭ କଲାଣି ସେ । ଠିକ୍ ସମୟରେ ନଖି ତାକୁ ସଜବାଜ କରି ପଠେଇଦିଏ। ସେ ବାହାରିଗଲା ପରେ ଘରକାମରେ ମାତିଯାଏ ନଖି। ଘରର ଯାବତୀୟ କାମକୁ ଯୋଗ୍ୟା ହେଇଗଲାଣି ସେ। ଷୋହଳଟି ଫଗୁଣ ଲାଗିଗଲାଣି ନଖିର ତନୁମନରେ। ଭାରି ସୁନ୍ଦର୍ ଦେଖାଯାଉଛି। ସରୁକଟି ସାଙ୍ଗକୁ ଢଳଢଳ ଚାଲି। ପୁରିଲା ପୁରିଲା ବକ୍ଷଜ ଯୁଗଳ। ଶାଢ଼ୀ ପିନ୍ଧିଦେଲେ ପନ୍ଦରବର୍ଷର ଝିଅଟା ପଚିଶବର୍ଷ ପରିଲାଗେ। ମାଆପରି କାୟାର ରଙ୍ଗଗହମ । ମଧୁ ଗଉଡ ଏବେ ଆଉ ଦୁଧ ଦେବାକୁ ଆସୁନି। ତା' ପୁଅ ପାଖ ଗାଁ ଇସ୍କୁଲରେ ମାଇନର ପାସ କରିଛି । ବୟସ ପାଖାପାଖି ବାଇଶି ହେବ । ଗାଁ ଗାଁ ବୁଲି ଖଞ୍ଜାଘରେ ଦୁଧଦିଏ। ମଧୁ କେବେ କେବେ ଦୁଧରେ ପାଣିଦିଏ, କିନ୍ତୁ ତା' ପୁଅ ଚନ୍ଦ୍ରକାନ୍ତ କେବେ ପାଣିଦିଏନି। କେଦାର ପୁରରେ ତାର ଚାଳିଶଘର ଖଞ୍ଜା। ସାଇକେଲରେ ବୁଲିବୁଲି ଦୁଧ ବାଣ୍ଟେ। ଗୁହାଳ କାମସାରି ନଖିଘରେ ପହଞ୍ଚିବା ବେଳକୁ ଦିନ ଆଠ ହୋଇଯାଏ। ନଖି ବେଲା ଧରେଇଦିଏ ଚନ୍ଦରାକୁ। ବେଲାରେ ଦୁଧ ଢ଼ାଳୁଢ଼ାଳୁ ନଖିମୁହଁକୁ ଅନାଏ ଚନ୍ଦରା, ଚାରି ଆଖିର ମିଳନ ହୁଏ। ଯେବେ ଚାରିଆଖିରେ ସ୍ମିତହସ ଦେଖା ଦିଏ, ମନ ଓ ହୃଦୟରେ ମାଖିଯାଏ ଇନ୍ଦ୍ରଧନୁର ସାତରଙ୍ଗ । ଦୁଇମନରେ ସୃଷ୍ଟି ହୁଏ ପ୍ରେମର ଉତ୍ତାଳ ତରଙ୍ଗ। ପ୍ରେମ ପିଚକାରୀ ଦୁଇ ଶରୀରକୁ ରଙ୍ଗୀନ କରିଦିଏ। ନଖିକୁ ପଛରୁ ବୁଲିବୁଲି ଦେଖେ ଚନ୍ଦରା। ନଖି ମଧ ଚନ୍ଦରାକୁ ପସନ୍ଦ କରେ । ଚନ୍ଦ୍ରକାନ୍ତ ଦେଖିବାକୁ ଭଲ, ପାଠ ବି ଦିଅକ୍ଷର ପଢ଼ିଛି । କୁଳ ବେଉସାକୁ ଆଦରି ନେଇଛି । ସକାଳ ହେଲେ ଝଅଟ ବାସିକାମ ସାରିଦେଇ ଆଇନା ଆଗରେ ସଜେଇ ହୁଏ ଛଟକି ନଖି। ଚନ୍ଦରାକୁ ଅପେକ୍ଷା କରେ । କେତେବେଳେ ବେଲାଟିଏ ଧରି ଦାଣ୍ଡ ଦୁଆରକୁ ଭରାଦେଇ ଠିଆହୁଏ ତ' କେତେବେଳେ ଦାଣ୍ଡମଝିରେ ନଖରେ ଗାରଟାଣେ। ଚନ୍ଦରାର ଶୁନୁଗାଡ଼ିର ଘଣ୍ଟିକୁ କାନଦିଏ। ମନର ମଣିଷକୁ ଘୁଣି ହୁଏ। କିଛିଦୂରରୁ ଶୁଭେ ଚନ୍ଦରାର ଡାକ। ଚନ୍ଦ୍ରକାନ୍ତକୁ ଦେଖୁଦେଖୁ ହସିଦିଏ ନଖି। ମନର ମଣିଷକୁ ପାଖରେ ପାଇ କିଶୋରୀ ନଖି ବେଣୀ ହଲେଇ କହେ,'ଚନ୍ଦରା ଭାଇ, ଟିକେ ଅଧିକା ଦେଉନୁ। ଚନ୍ଦରା ବି ନଖି ବେଲାରେ ଅଧିକ ଦୁଧଦିଏ। ନଖିକୁ ଚିଡ଼େଇବା ପାଇଁ ଚନ୍ଦରା ମଜାରେ କହେ,'ଆଲୋ ନଖିନାନୀ, ସକାଳୁ କାମ କରିକରି ଥକିଗଲିଣି, ଖାଇବା କିଛି ଆଣ। ଚନ୍ଦରାକୁ ଘର ଭିତରକୁ ନେଇଯାଏ ସେ। ବରଜୁ ପାଇଁ କରିଥିବା ସରୁ ଚକୁଳିରୁ ଫୋଡ଼ାଏ ତା'ହାତକୁ ବଢ଼େଇଦିଏ ନଖି। ଖାଇବା ଭିତରେ ଦୁଇଜଣକ ଭିତରେ କିଛି ନିମିଷ ଗପଚାଲେ। ଯିବାବେଳେ ଚନ୍ଦରା ସାହସ କରି ନଖି ଗାଲରେ ଆଙ୍କିଦିଏ ସରୁଚୁମ୍ବନଟିଏ। ନଖି କିଛି କହେନି। ପ୍ରେମର ଗଜଲ୍ ଦୁଇ ହୃଦୟରେ ବାଜିଉଠେ।

ବରଜୁ ତିଆଡ଼ି ପୂଜା ପୋଟଳ ସାରି ଘରକୁ ଫେରିବାବେଳକୁ ଦିନ ଦ୍ୱିପ୍ରହର ହୁଏ। ସୁରୁଜ ଉଇଁଲେ ସଖିକୁ ଚାଟଶାଳୀକୁ ପଠେଇଦିଏ ନଖି। ଘରର ବାସି ପାଇଟି ସାରି ସବୁଦିନେ ଚନ୍ଦରା ବାଟକୁ ଏନେଇ ବସେ। ନଖିର ତନୁମନରେ ଖେଳୁଛି ଭରାଯୌବନ । ଯୌବନର ଭାର ସମ୍ଭାଳିବା ଜଣେ କିଶୋରୀ ପାଇଁ ଭାରି ମୁସ୍କିଲ। ଦୁଧ ଧରି ଆସେ ଚନ୍ଦରା। ନଖି ଦୁଧନେବା ବାହାନାରେ ଚନ୍ଦରାକୁ ଘରଭିତରକୁ ଡାକିନିଏ। ଦୁଇ ପ୍ରେମପକ୍ଷୀ ପରସ୍ପରକୁ ନିକଟରେ ପାଇ ପ୍ରେମରେ ବିଭୋର ହୋଇଯାଆନ୍ତି । କିଶୋରୀ ବୟସରେ ପ୍ରେମର ଝର ହିଡ ବାଡ ମାନେନା। ମନରେ ସୃଷ୍ଟି ହୋଇଥିବା ପ୍ରେମଜ୍ୱାଳା ଦେହର ମିଶ୍ରଣରେ ସମାପିତ ହୁଏ। ଚକେଗଲେ ବାରହାତ ପରି ସମୟ ବି ଗଡିଚାଲେ। ଚକ ଅଟକି ପାରେ, ହେଲେ ସମୟ...! ଚନ୍ଦରାର ସନ୍ତକ ଏବେ ନଖିର ପେଟରେ, ହେଲେ ନଖି କିଛି ବୁଝିପାରୁନଥାଏ। ନିଆଁ ଖାଇଲେ ଅଙ୍ଗାର ହଗିବାକୁ ହୁଏ । ଏବେ ନଖି କଥା ସାହିଭାଇରେ ଆଲୋଚିତ ହେଲାଣି। ଗାଁ ମାଇପେ ଗାଧୁଆ ତୁଠରେ ମେଳିବାନ୍ଧି ନଖିର ଯଶକୀର୍ତ୍ତିକୁ କାନମୂଳରେ କୁହାକୁହି ହେଉଛନ୍ତି। ଧିରେଧିରେ କଥାଟି କାନରୁ କାନ ହୋଇ ବରଜୁ ତିଆଡି କାନରେ ପଡ଼ିଲା।

ବ୍ରାହ୍ମଣ ଶାସନ, ଶୃଙ୍ଖଳିତ ଶାସନ। କେଦାରପୁର ଶାସନରେ କିଛି ସ୍ୱତନ୍ତ୍ରତା ଅଛି। ନିଜଝିଅ ସମ୍ପର୍କରେ ଏସବୁ ଜାଣିବାପରେ ବରଜୁ ନିଜକୁ ସମ୍ଭାଳି ପାରିଲାନି। ନଖିକୁ ପାଞ୍ଚଣରେ ଗୋରୁଗାଈଙ୍କୁ ପିଟିବା ପରି ପିଟିଗଲା। ମନ ଇଚ୍ଛା ଗାଳି କଲା ନଖିକୁ। ସାହିଭାଇ କିନ୍ତୁ ନଛୋଡ଼ବନ୍ଧା, ଏହାର ଏକ ସମାଧାନ ପାଇଁ ଶାସନର ଧୁରନ୍ଧରମାନେ ସନ୍ଧ୍ୟାରେ ଭାଗବତ ଟୁଙ୍ଗୀ ପାଖ ଚଉତରାରେ ନିଶାପ ବସାଇଲେ। ମୁଖିଆଳମାନଙ୍କ ପାଟିକୁ ଯାହା ଆସୁଥିଲା ସେମାନେ ବରଜୁକୁ ଶୁଣାଇଥିଲେ। ଗାଁ ଘରଭଙ୍ଗା ମଦନା ପଣ୍ଡା ନଖିର ମଲା ମାଆକୁ ନେଇକି ବରଜୁକୁ ଥଟ୍ଟାତାମସା କରିଥିଲା। ଗଙ୍ଗା ତିଆଡ଼ିର କଥା ତ' କଥା ନୁହେଁ , ଯେମିତି କିଏ କଲିଜାର ଚେଙ୍କ ଦେଉଛି। ବରଜୁକୁ ଦେଖେଇ ଦେଖେଇ ଗଙ୍ଗା କହୁଥାଏ,'କେଦାରପୁର ବ୍ରାହ୍ମଣ ଶାସନରେ ଏଯାଏ କେହି ଝିଅ 'ନାଆଁ' ବାହାର କରି ନଥିଲେ । ତୋ ଝିଅ ଗୋଟେ ଦୁଚାରୁଣି, ଚରିତ୍ରହିନା ଅଲକ୍ଷ୍ମୀ। ଆମ ବ୍ରାହ୍ମଣ ଶାସନ ପାଇଁ ଗୋଟେ କଳଙ୍କ। ସାରିଆ ମାଆ କଥା ନ କହିବା ଭଲ, କଥା ପୁରା ସାଣଦିଆ କଟୁରୀ ପରି । ଲୋକଙ୍କ ପାଖରେ ଭଲେଇ ହେଇ କହୁଥାଏ,'ମୁଁ ବି ତିନୋଟି ଝିଅ ଜନମ କରିଥିଲି, କାହିଁ ଆମ ଝିଅମାନେ ତୋ ଏମିତି ନୁହଁନ୍ତି, ତୋ ଝିଅକୁ ତୁ ଜନମ କରିଛୁ ନା ଆଉ କାହା ପାଖ ରୁ ତୋ ମାଇପ...। ଯଦି ମୋ ଝିଅ କେହି ଏମିତି କରିଥାନ୍ତେ , ତାହେଲେ ଦେଖି ଥାଆନ୍ତୁ ବରଜୁ, ତା' ବେକରେ ପଥର ବାନ୍ଧି କେଉଁ ନଈ କି ଗାଡିଆକୁ ଫିଙ୍ଗି ଦେଇଥାଆନ୍ତି । ଗାଁ ପ୍ରଧାନ ନନ୍ଦ ପୁରୋହିତ ଧମକ ଦେଇ କହୁଥାଏ,'ବ୍ରାହ୍ମଣ ଶାସନର ଇଜ୍ଜତ ବଞ୍ଚାଇବା ପାଇଁ ବରଜୁ ଯଦି କିଛି ନ କରେ ତାକୁ ନିଆଁପାଣି ବନ୍ଦ କରା ଯିବନି, ବରଂ ଏ ଗାଁରୁ ତଡି ଦିଆଯିବ। ସଭାରେ ନିଷ୍ପତ୍ତି ନିଆଗଲାକି ବରଜୁକୁ ଆଉ କୌଣସି ମନ୍ଦିର ପୂଜା କରିବାକୁ ଦିଆଯିବନି।

ସେଦିନ ରାତିରେ ବିଷର୍ଣ୍ଣ ମନ ନେଇ ଘରକୁ ଫେରିଥିଲା ବରଜୁ ତିଆଡି। ଗୁମୁରି ଗୁମୁରି କାନ୍ଦୁଥିଲା ସେ । ମନର କୋହକୁ ଛାତିରେ ଚାପି, ଓଠରେ ହସ ଭରିବାକୁ ଚେଷ୍ଟା କରୁଥିଲା ବରଜୁ। ଆଦରରେ ନଖିକୁ ପାଖକୁ ଡାକି ମୁଣ୍ଡକୁ ଆଉଁସି କହିଲା,'ମାଆରେ ଆଜି ତତେ କେତେ ମାରିଲ...। ତୁ କଣ ଏ ବୁଢ଼ାପୁଅକୁ କ୍ଷମା କରିବୁନି'। ସବୁ କଥାକୁ ଭୂଲିଯା ମାଆ। ଜାଣି ଖୁସି ହେବୁ, ଆସନ୍ତା ତିଥିରେ ମୁଁ ଚନ୍ଦ୍ରକାନ୍ତ ସହିତ ତୋର ବାହାଘର କରିବାକୁ ଯାଉଛି। ଚନ୍ଦରା ଭାରି ଭଲ ପିଲା। ଆମ ଘରର ଜ୍ୱାଇଁ ହେବାକୁ ଯୋଗ୍ୟ। ମନେମନେ ଖୁସି ହେଉଥାଏ ନଖି। ଯାହାହେଉ ସେ ତା' ମନର ମଣିଷକୁ ପାଇଯିବ। ତା' ପେଟରେ ବଢୁଥିବା ଛୁଆକୁ କେହି ଆଉ ଜାରଜ କହିବେନି । ମନର କଥାକୁ ମନରେ ରଖି, ନଖିକୁ ଅତି ଶ୍ରଦ୍ଧାରେ ନିଜ ହାତରେ ଭାତ ତିଅଣ ଖୁଆଇ ଦେଇଥିଲା ବରଜୁ। ଦିନସାରା ଉପାସ ଥିବା ନଖି ବାପାର ଆଦର ପାଇ ଖୁସିରେ ଶୀଘ୍ର ଶୀଘ୍ର ଖାଇଯାଉଥାଏ। ବାପା ଯେ ତାର ସବୁ କଥାକୁ ତୁଚ୍ଛ କରିଦେଇଛି,ଏହି କଥା ଭାବି ଖୁସି ହେଉଥିଲା ସେ। ସେଦିନ ରାତିରେ ନଖିକୁ ଆଉ କିଛି କାମକରିବାକୁ ଦେଇ ନଥିଲା ବରଜୁ। ନଖିର ଶୋଇବା ଘରେ କିଛି ମୁହୂର୍ତ୍ତ କୋଳରେ ଶୁଆଇ ଗେଲ କରିଥିଲା। ନଖି ଶୋଇଗଲା ପରେ ସଖିକୁ ଆଣି ନିଜ ଶୋଇବା ଘରକୁ ଆସିଥିଲା ସେ।

ବରଜୁ କେବଳ ବିଛଣାରେ ଗଡ଼ପଡ ହେଉଥିଲା। ଆଖିକୁ ନିଦ ନ ଥିଲା। ଆଖିରୁ ଝରୁଥିଲା ତତଲା ଲୁହ । ସଞ୍ଜରେ ବଡପିଣ୍ଡିରେ ଯାହା ଘଟିଗଲା, ଗୋଟିଗୋଟି କରି ମନରେ ପକାଉଥିଲା ସେ। ସଖି ଶୋଇସାରିଥିଲା । ରାତି ପ୍ରାୟ ଗୋଟାଏ ହେବ, ନଖିର ଆରମ୍ଭ ହୋଇଥିଲା ପେଟ, ଛାତି ଓ ମୁଣ୍ଡରେ ଜ୍ୱଳନ। ମୁଣ୍ଡ ମୁଣ୍ଡ ହୋଇ ଅନେକ ଚିତ୍କାର କରିଥିଲା ନଖି। ଶୋଇବା ଘର କବାଟ ଖୋଲି ବରଜୁ ତିଆଡିର କବାଟକୁ ବହୁବାର ବାଡେଇ ଥିଲା ସେ। 'ବାପା ବାପା' ବୋଲି କଣ୍ଠ ଫଟେଇ ଚିତ୍କାର କରିଥିଲା ନଖି। ବାପା ପାଟିରୁ ଉଁ କି ଚୁଁ ଶୁଣିବାକୁ ପାଇନଥିଲା ସେ। ଦାଣ୍ଡଦରଜା ଖୋଲି ବାହାରକୁ ଯିବାପାଇଁ ଚେଷ୍ଟା କରୁଥିଲା, କିନ୍ତୁ ଉଭୟ ଦରଜା ଭିତରପଟରୁ ଚାବି ପଡ଼ି ସାରିଥିଲା। ଚାବିକାଠିକୁ ବରଜୁ ତିଆଡି କେଉଁ ଏକ ଅଜଣାଜାଗାରେ ଲୁଚେଇ ଦେଇଥିଲା। 'ବଞ୍ଚାଅ ବଞ୍ଚାଅ' ବୋଲି ଅନେକ ଚିତ୍କାର କରିଥିଲା ନଖି, କିନ୍ତୁ ତା'ର ସବୁ ପ୍ରଚେଷ୍ଟା ଶୀତରାତିର ଘନ କୁହୁଡିରେ ହଜି ଯାଉଥିଲା। ରାତି ତିନି ବେଳକୁ ସବୁ ଶେଷ ହେଇ ସାରିଥିଲା। ନଖିର ପାଟିରୁ ବହି ଯାଇଥିଲା ଉତ୍କଟ ଗରଳ । ଜୀବନ ଆରମ୍ଭ ହେବା ପୂର୍ବରୁ ଦୁଇଟି ଜୀବନ ମଉଳିଗଲା। ନଖି ପେଟରେ ବଢୁଥିବା ପିଲାଟି କେତେ ଯନ୍ତ୍ରଣା ପାଇନଥିବ ସତେ ! ବରଜୁ ତିଆଡି ଭାତରେ ବିଷ ମିଶାଇ ଖୁଆଇ ଦେଇଥିଲା ନଖିକୁ। ନଖିର ଭୁଲଥିଲା, ସେ ଜାତିଶ୍ରେଷ୍ଠ ହୋଇ ବୈଶ୍ୟଘର ଟୋକାକୁ ଭଲପାଉଥିଲା, ଗଉଡଟୋକାକୁ ମନ ଦେଇଥିଲା। ପ୍ରେମ କରିବା, ମନ ଦେବା ସତରେ କଣ ଭୁଲ...।

କେବେ ଏ ସମାଜରୁ ଉଠିବ ଜାତିପ୍ରଥା ! ଏହି କୁତ୍ସିତ ଜାତିପ୍ରଥା ନିମନ୍ତେ ନଖି ପରି ହଜାର ହଜାର କୁମାରୀ ମାଆ ଓ ଗର୍ଭସ୍ଥ ଶିଶୁ ଅକାଳରେ ଝଡି ପଡୁଛନ୍ତି । ସମ୍ବିଧାନ ପ୍ରଣୟନର ପଞ୍ଚସ୍ତରୀ ବର୍ଷପରେ ମଧ ସରକାରୀ ପୂଜାପଣ୍ଡା ଓ ସେବାୟତମାନେ ଯାତିଯାତିକା ଜାତିଗତ ପ୍ରମାଣପତ୍ର ଦେବାରେ ବ୍ୟସ୍ତ। ଏକବିଂଶ ଶତାବ୍ଦୀର ଆଧୁନିକ ଭାରତ ଆଜି ବି କହୁଛି, 'ଆମେ ଯାତିଯାତିକା ଫୁଲସବୁ ଗୋଟିଏ ସୂତାରେ ବନ୍ଧା ।

+ ଜୁଲିଆ ଉଚ୍ଚ ବିଦ୍ୟାଳୟ
ବାସୁଦେବପୁର, ଭଦ୍ରକ



ଜୟଶ୍ରୀ ପଟ୍ଟନାୟକ

# କର୍ମର ଫଳ



ଯେପରି କର୍ମ କରିବ ସେପରି ଫଳ ପାଇବ ଏହା ବିଧିର ବିଧାନ। ଶ୍ରୀମଦ ଭାଗବତରେ ପ୍ରବାଦ ଅଛି ଆପଣା କଲା କର୍ମମାନ ଆଗୁଁ ହୋଇବ ସାବଧାନ। କର୍ମ କରିବ ନାନା ମତେ ଫଳିବ କର୍ମର ଆୟତେ। ମଣିଷର ଦୁଇଟି କର୍ମ ଥାଏ ଗୋଟିଏ ନକାରାତ୍ମକ ଓ ଅନ୍ୟଟି ସକାରାତ୍ମକ, ଗୋଟିଏ ପାପ ଓ ଅନ୍ୟଟି ପୁଣ୍ୟ। ଯେତେବେଳେ ପାପ ଭାର ଅଧିକ ହୁଏ ମଣିଷ କୁକର୍ମ,କୁସଂଗତି, କୁଗୁଣ ଗୁଡିକ ସହିତ ରହିବାକୁ ଶ୍ରେୟ ମଣେ ଆଉ ଯେତେବେଳେ ତା ଭାବନାରେ ଲଗାମ ଲାଗେ ସେତେବେଳେ ସେ ଅନୁତାପ କରେ ନିଜକୁ ମାର୍ଜିତ ଓ ସଂଯତ କରି ଶୃଙ୍ଖଳିତ ଜୀବନ ଜିଇଁବାକୁ ଆରମ୍ଭ କରେ। ସେତେବେଳେ ତା ମନରେ ଖୁସିର ଉଚ୍ଛ୍ୱାସ ଥାଏ।

ସହରର ଗୋଟିଏ କୋଣରେ ଗୋଟିଏ ଛୋଟ ବଖରାରେ ସ୍ୱାମୀ ସ୍ତ୍ରୀ ଉଭୟେ ରହୁଥାନ୍ତି। ସ୍ୱାମୀ ଛୋଟ ମୋଟ କାମ କରି ଯାହା ଟଙ୍କା ରୋଜଗାର କରେ ସେଥିରେ ଦୁଇ ପ୍ରାଣୀ ଦୁଃଖେ ସୁଖେ ଚଳି ଯାଉଥାନ୍ତି। କିଛିଦିନ ଅନ୍ତେ ସେମାନଙ୍କ କୋଳ ମଣ୍ଡନ କରି ପୁଅଟିଏ ଜନ୍ମ ନିଏ। ବହୁତ ଖୁସି ଥାଏ ପରିବାରରେ। ପୁଅଟିକୁ ଦୁଃଖ କଷ୍ଟରେ ଗରିବୀ ଭିତରେ ପାଳି ବଡ଼ କରାଏ। ଛୋଟ ବଖରା ଘରେ ଜାଗା ନ ଥିବାରୁ ପୁଅର ମାମୁଁଘର ତାଙ୍କ ଘରକୁ ନେଇଯାଆନ୍ତି ତାର ଲାଳନପାଳନ ଓ ପାଠପଢା ସେଇଠି ସମ୍ପନ୍ନ ହୁଏ। ୟା ଭିତରେ ବିତିଯାଏ ପାଞ୍ଚ ବର୍ଷ। ସେମାନଙ୍କ କୋଳକୁ ଆସିଥାଏ ଦ୍ୱିତୀୟ ପୁତ୍ର ସନ୍ତାନ। ଖୁସିରେ ମନ କୁଣ୍ଢେମୋଟ। ଯା ହେଉ ପୂର୍ବଜନ୍ମର ପୁଣ୍ୟ ଥିଲା ବୋଲି ପ୍ରାରବ୍ଧରେ ଖୁସି ସାଉଁଟିଲେ ବୋଲି ସ୍ୱାମୀ ସ୍ତ୍ରୀ ଖୁସିରେ ଥାନ୍ତି। ସ୍ୱାମୀ ଛୋଟ ମୋଟ କାମରୁ ବାହାରି ବଡ଼କାମ କଲେ। ଗୋଟିଏ ଆପାର୍ଟମେଣ୍ଟ ରେ ଲଗାଯାଇଥିବା ସୁନ୍ଦର ସୁନ୍ଦର ଫୁଲଗଛର ଯତ୍ନ ନେବା ସହିତ ସୁରକ୍ଷା କର୍ମୀ ଭାବରେ ଦାୟିତ୍ୱ ନେବା ଦୁଇଟି କାମ ସମ୍ଭାଳୁ ଥିଲେ। ଭଲ ଦୁଇ ପଇସା ଇନକମ ହେବାରୁ ସାଙ୍ଗ ମାନଙ୍କ ସହିତ ମିଶି ପୁନେଇଁ ପରବରେ ମଦ ପିଇବା ଅଭ୍ୟାସ କଲା। ସ୍ତ୍ରୀ ଏହା ଦେଖି ଅନେକ ଥର ଗାଳିଗୁଲଜ କରେ କହେ, ଆମର ପରିବାର ବଡ଼ ହେଲାଣି, ଦୁଇରୁ ଚାରି ପ୍ରାଣୀ ହେଲେ। ଖାଲି ଯେ ସନ୍ତାନ ଜନ୍ମ କରିଦେଲେ ବାପା ମାଙ୍କର ସାର୍ଥକତା ନ ଥାଏ ବରଂ ସାର୍ଥକତା ଥାଏ ସେମାନଙ୍କୁ ପାଳି ପୋଷି ବଡ଼ ମଣିଷ କରିବାରେ।

ଆମର ଘର ନାହିଁ ବଖରେ ଘରଟିରେ ମୁଣ୍ଡଗୁଞ୍ଜି ସମୟ ବିତିଲା ପିଲା ବଡ଼ ହେଲେ ପାଠ ପଢିବାକୁ ଗୋଟିକରୁ ଦୁଇଟି ବଖରା ଘର ଦରକାର ଏ ନେଇ ଚିନ୍ତା ଥିଲା ସ୍ତ୍ରୀ ର ହେଲେ ସ୍ୱାମୀ ମଦ ନିଶାରୁ ନିଜକୁ ମୁକୁଳାଇ ପାରୁ ନ ଥାଏ। ମଦ ପିଇବା ଧିରେ ଧିରେ ପ୍ରତିଦିନର ଅଭ୍ୟାସରେ ପରିଣତ ହୋଇଗଲା। ପ୍ରତିଦିନ ପିଇବା ଫଳରେ ପଇସା ପତ୍ରର ଅଭାବ ଧରିଲା ଘର ଚଳିବାରେ ଖୁବ ଅସୁବିଧା ହେବାରୁ ସ୍ତ୍ରୀ ଯାଇ ପର ଦୂଆରେ କାମ କଲା। ସ୍ୱାମୀ ମଦ ପିଇବାକୁ ପଇସା ମାଗିଲେ ନ ଦେବାରୁ ତାକୁ ବାଡିଆ ବାଡେଇ କରେ। ଦିନେ ସାନପୁଅ ଦୁଇଜଣଙ୍କର ଝଗଡା ସମାଧାନ କରିବାକୁ ଗଲାବେଳେ ବାପା ମଦ ନିଶାରେ ତାର କାନ ଦୁଇଟି ଧରି ଉପରକୁ ଉଠାଇ ତଳେ କଚାଡିଦେଲା। ଏହା ଦେଖି ସ୍ତ୍ରୀ ଦିନେ ସାନ ପୁଅକୁ ଧରି ବାପଘରକୁ ପଳାଇବାକୁ ସ୍ଥିର କଲା ସେଇଠି ମୁଲ ଲାଗି ପିଲାଙ୍କୁ ମଣିଷ କରିବ ପଛକେ ମଦୁଆ ବାପା ପାଖରେ ରଖିବନି ଏହି ସିଦ୍ଧାନ୍ତରେ। ମଦୁଆର ଘର ନା ସଂସାର, ସ୍ତ୍ରୀ ନା ପିଲା କାହାପ୍ରତି ଆଦର ନଥାଏ କି ସମ୍ମାନ। ଘରକୁ ଆସିଲେ ଭଲ ଜିନିଷ ଖାଇବି ଆଉ ପିଇବି ଏହି ଚିନ୍ତାରେ ଥାଏ। ତା ଜୀବନ ସହିତ ସ୍ତ୍ରୀ ପିଲାଙ୍କର ଜୀବନ ବନ୍ଧା ଥାଏ ବୋଲି କେବେ ଭାବେ ନାହିଁ। ଯେତେ ବୁଝାଇଲେ ବି ମଦ ତାଙ୍କର ସବୁକିଛି ସ୍ତ୍ରୀ ପିଲା ସମ୍ପୂର୍ଣ୍ଣ ଅର୍ଥହୀନ। ବେଳେବେଳେ ପଚାରିଦିଏ ସ୍ତ୍ରୀ ସ୍ୱାମୀକୁ.. କାହିଁକି ଏତେ ପିଉଛ, କଣ ମିଳୁଛି ସେ ପିଇବାରେ ହେଲେ ଉତ୍ତର ମିଳେ ମୁଁ ମୋ ନିଜ ରୋଜଗାରରୁ ପିଉଛି ତୋ ବାପଘର ପଇସାରେ ପିଉନି। ମୋ ସହିତ ରହିବାକୁ ଭଲ ନ ଲାଗିଲେ ପୁଅକୁ ନେଇକି ପଳା ବାପଘରକୁ। ବହୁତ ବାଧିଲା ସ୍ତ୍ରୀ କୁ ଏକଥା ଶୁଣିକି। ଯୋଉଘରେ ଭଲ ପାଇବା ନାହିଁ ସ୍ତ୍ରୀ ପିଲାଙ୍କୁ ସମ୍ମାନ ନାହିଁ ସେ ଘରେ ଗୋଟେ ଚେଇନରେ ବନ୍ଧା କୁକୁର ପରି ଜୀବନ ଜିଇଁବା ଅପେକ୍ଷା ସ୍ୱାଧୀନ ଭାବରେ ବଂଚିବାରେ ବରଂ ବହୁତ ଖୁସି ଥାଏ କହି ଛୁଆ ଦୁଇଟିଙ୍କୁ ଧରି ବାପଘରକୁ ପଳାଇଲା।ଏବେ ଏକା ହୋଇଗଲେ ସ୍ୱାମୀ। ତା ସାଙ୍ଗକୁ କରୋନା ସଂକ୍ରମଣ ରେ ପୀଡିତ ହେଲାପରେ ଚାକିରି ହରାଇ ଘରେ ବସି ରହିଲେ। ଦେହ ଅସୁସ୍ଥ ହେବାରେ ଲାଗିଲା। ହସ୍ପିଟାଲରେ ଟେଷ୍ଟ ରିପୋର୍ଟ ଦେଖି ଡାକ୍ତର କହିଲେ ଲିଭର ସିରୋସିସ ହେଲାଣି। ଏଣିକି ମଦ ପିଇବା ବନ୍ଦ କରି ତେଲ ରାଗ, ଲୁଣ, ଛଣା ଛଣି ଜିନିଷ ବର୍ଜନ କରି ସଂଯମିତ ଶୃଙ୍ଖଳିତ ଜୀବନ ଆପଣାନ୍ତୁ ନଚେତ ମରଣକୁ ଅଚିରେ ବରଣ କରିବେ। ତାପରେ ପରିବାର କଥା କିଏ ବୁଝିବ? ପିଲା ସ୍ତ୍ରୀ ଙ୍କର ଜୀବନ କଣ ହେବ? ସେକଥା ଭାବି ପାରୁଛନ୍ତି ତ?

ଡାକ୍ତରଙ୍କ ଠାରୁ ଏତକ ଉପଦେଶ ଶୁଣି ଲେଖିଥିବା ଔଷଧ କିଣି ଘରକୁ ଫେରିଲା ସ୍ୱାମୀ। ଏଥର ଅନୁତାପ ନିଆଁରେ ନିଜେ ଦଗଧିଭୂତ ହେଲା। ଏସବୁ ନିଜ ନକରାତ୍ମକ ଓ ପାପ କର୍ମର ଫଳ ଭାବି ନିଜେ ନିଜକୁ ଦୋଷୀ ସାବ୍ୟସ୍ତ କଲା। ପୁଣି ଥରେ ଔଷଧ ଖାଇ କାମ କରିବାକୁ ଅଣ୍ଟା ଭିଡ଼ିଲା ଅନ୍ୟ ଏକ ସଂସ୍ଥାରେ ଯାଇ ସୁରକ୍ଷାକର୍ମୀ ଭାବରେ ନିଯୁକ୍ତି ପାଇଲା। ମଦ ଛାଡ଼ି ନିଜ ପରିବାରକୁ ଖୋଜିଲା। ନିଜ ଭୁଲ ବୁଝିପାରି ଦିନେ ସ୍ତ୍ରୀ ଓ ପିଲାଙ୍କ ପାଖରେ ପହଂଚି ନିଜ ଭୁଲକୁ ସ୍ୱୀକାର କରି ଭୁଲ ମାଗିଲା ଏବଂ ଫେରାଇଆଣିଲା ସ୍ତ୍ରୀ ପିଲାଙ୍କୁ। ସ୍ତ୍ରୀ ସେବା ପାଇ ପୁଣି ଥରେ ସୁସ୍ଥ ହୋଇଉଠିଲା ସ୍ୱାମୀ। ସ୍ତ୍ରୀ କୁ ପାଖକୁ ଡାକି କହିଲା ମୁଁ ମୋ କର୍ମର ଫଳ ପାଇଲି। ଏବେଠାରୁ ଯଦି ସତର୍କ ନ ହେବି ତେବେ ମୋ ପରିବାରର ଭାର କାହା ଉପରେ ଲଦିବି? କିଏ ବା କାହିଁକି ସମ୍ଭାଳିବ ମୋ ପରିବାରକୁ? ମୋର ଦୋଷ କ୍ଷମା କରିଦେବୁ। ତୋତେ ସ୍ତ୍ରୀ କରି ଆଣି ଯେଉଁ ଦୁଃଖ ତୋ ମନରେ ଦେଇଛି ସେକଥା ଧରିବୁନାହିଁ। ଏଣିକି ପଇସା ସଂଚୟ କରି ମୁଁ ପିଲା ମାନଙ୍କର ପାଠ ପଢ଼ା ଦେଖିବି। ଆଉ ଗୋଟିଏ ଭଲ ଘର ଦେଖି ଭଡ଼ା ନେଲେ ଆମେ ସମସ୍ତେ ଖୁସିରେ ଚଳି ପାରିବା। ଏଥର ସ୍ତ୍ରୀ ପ୍ରସ୍ତୁତ କରି ଦେବା ଖାଦ୍ୟରେ ମନୋନିବେଶ କରି ବୁଝିପାରିଲା ମଣିଷର ସ୍ୱର୍ଗ ନର୍କ ସବୁ ଏଇଠି। ଚଳଚିତ୍ର ପରି ଲାଗୁଥିବା କାହାଣୀକୁ ଦେଖି ଓଢଣା ଫାଙ୍କରୁ ଜହ୍ନ ପରି ଦିଶୁଥିବା ମୁହଁରେ ସ୍ତ୍ରୀ ର ଝଲସି ଉଠୁଥିଲା ଖୁସି। ସ୍ୱାମୀର ଅନୁତାପ ଭରା କଥା ଶୁଣି କଣ କହିବ ନ କହିବ ଭାବି ହସି ଦେଉଥିଲା। ବୋଧହୁଏ ଭଗବାନ କୋଉ ଜନ୍ମର ସଞ୍ଚିତ ପୁଣ୍ୟ ଟିକକ ତା ଭାଗ୍ୟରେ ଲେଖି ଦେଇଛନ୍ତି ଭାବି ମନେ ମନେ ଖୁବ ଖୁସି ହେଉଥିଲା।

+ଗଙ୍ଗନଗର, ଭୁବନେଶ୍ୱର
ମୋ: ୭୯୭୮୧୧୦୪୭୪

# ବିଦ୍ୟାଳୟ ସ୍ତରୀୟ ପିଏମ୍ ଶ୍ରୀ ଉତ୍ସବ -୨୦୨୬ ଅନୁଷ୍ଠିତ




ଭଦ୍ରକ ,୧୧/୧ (ନି.ପ୍ର): ବନ୍ତ ବ୍ଲକ୍ ଅନ୍ତର୍ଗତ ସେଣ୍ଟତୀରା ଗ୍ରାମ ପଞ୍ଚାୟତ ର ପି.ଏମ୍ ଶ୍ରୀ ଜନାର୍ଦ୍ଦନ ସରକାରୀ ଉଚ୍ଚ ବିଦ୍ୟାଳୟ ସେଣ୍ଟତୀରା ଠାରେ ବିଦ୍ୟାଳୟ ସ୍ତରୀୟ ପିଏମ୍ ଶ୍ରୀ ଉତ୍ସବ -୨୦୨୬ ଅନୁଷ୍ଠିତ ହୋଇଯାଇ ଥିବା ବେଳେ ବିଧାୟକ -ସଂଜୀବ୍ କୁମାର ମଲ୍ଲିକ ଯୋଗଦେଇ ଏହି କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିଲେ ଛାତ୍ରଛାତ୍ରୀ ମାନଙ୍କ ନିଜସ୍ୱ ଜ୍ଞାନ କୌଶଳ ଦ୍ୱାରା ଆୟୋଜିତ ବିଜ୍ଞାନ ମେଳା ବୁଲି ଦେଖିବା ସହ ଏକ ସୁନ୍ଦର ସମାଜ ଓ ମଣିଷ ଗଢିତୋଳିବା ପାଇଁ ଶିକ୍ଷା ର ଆବଶ୍ୟକତା ନିହାତି ରହିଥିବା ବେଳେ ଏ ମଣିଷ ତିଆରି କାରଖାନା ର କାରିଗର ତଥା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ କହିବା ସହ ଆଜି ଛାତ୍ରଛାତ୍ରୀ ବା ବାଳୁତ ଆସନ୍ତା କାଲି ଦେଶର ଭବିଷ୍ୟତ ସମସ୍ତ ଛାତ୍ରଛାତ୍ରୀ ମାନେ ମନଦେଇ ପାଠ ପଢିବା ସହିତ ଆଗାମୀ ଦିନରେ ସଫଳତା ହାସଲ କରି ନିଜ ଅଞ୍ଚଳ ନିଜ ସ୍କୁଲ ନିଜ ଜିଲ୍ଲାର ନାମ ଉଜ୍ଜ୍ୱଳ କରିବା ସହିତ ଗୌରବ ଆଣିନ୍ତୁ ଏହାହିଁ ମୋର କାମନା ବୋଲି ମତପ୍ରକାଶ କରିଛନ୍ତି।

# ସେଲ୍, ଆରଏସପିର ହଟ୍ ଷ୍ଟ୍ରିପ୍ ମିଲ୍-୨ରେ ନିଜସ୍ୱ ଡିଜିଟାଲ୍ ପ୍ରୟାସ 'ଏଚଏସଏମ-୨ଇକନେକ୍ଟ' ଆପ୍‌ର ଶୁଭାରମ୍ଭ

ରାଉରକେଲା,୧୧/୧ (ନି.ପ୍ର): ଡିଜିଟାଲ୍ ପରିବର୍ତ୍ତନ ଏବଂ ବର୍ଦ୍ଧିତ କାର୍ଯ୍ୟକ୍ଷମତା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ହଟ୍ ଷ୍ଟ୍ରିପ୍ ମିଲ୍-୨(ଏଚଏସଏମ-୨) ଦ୍ୱାରା ନିଜସ୍ୱ ବିକଶିତ ଡିଜିଟାଲ୍ ଆପ୍ 'ଏଚଏସଏମ-୨ଇକୋନେକ୍ଟ' ର ଶୁଭାରମ୍ଭ କରାଯାଇଛି। ଏଚଏସଏମ-୨ ବିଭାଗର ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏଚଏସଏମ ଏବଂ ଆନୁଷଙ୍ଗିକ ବିଭାଗର ସିଜିଏମ ଶ୍ରୀ ସୁବ୍ରତ କୁମାର ଏହି ଡିଜିଟାଲ୍ ଆପ୍ଲିକେସନ୍‌ର ଉଦଘାଟନ କରିଥିଲେ। ଏହି ଅବସରରେ ଏଚଏସଏମ-୨(ବୈଦ୍ୟୁତିକ) ବିଭାଗର ଜିଏମ ତଥା ଏଚଓଏସ ଶ୍ରୀ ରଞ୍ଜିତ କୁଜୁର, ଏଚଏସଏମ-୨(ଅପରେସନ୍ସ) ବିଭାଗର ଜିଏମ ତଥା ଏଚଓଏସ ଶ୍ରୀ ଦିପକ କୁମାର ଯାଦବ ଏବଂ ଏଚଏସଏମ-୨(ମେକାନିକାଲ) ବିଭାଗର ଜିଏମ ତଥା ଏଚଓଏସ ଶ୍ରୀ ସୁବ୍ରତ କାନୁନଗୋଙ୍କ ସହିତ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ଯେ, ଏହି ଆପ୍ ଏଚଏସଏମ-୨ ରେ ଯୋଗାଯୋଗ, ରକ୍ଷଣାବେକ୍ଷଣ ସମନ୍ୱୟ ଏବଂ ସୂଚନା ଉପଲବ୍ଧତାକୁ ସୁଦୃଢ଼ କରିବା ପାଇଁ ଲକ୍ଷ୍ୟ ରଖିଛି।

ଉଲ୍ଲେଖନୀୟ ଯେ ଏହି ଆପ୍ଲିକେସନ୍ କୁ ଏଚଏସଏମ-୨(ବୈଦ୍ୟୁତିକ) ବିଭାଗର ଏଜିଏମ ଶ୍ରୀ ଜ୍ୟୋତିର୍ମୟ ଜେନାଙ୍କ ଦ୍ୱାରା ସମ୍ପୂର୍ଣ୍ଣ ଭାବରେ ନିଜସ୍ୱ ଧାରଣା ଏବଂ ଡିଜାଇନ୍ ଦ୍ୱାରା ବିକଶିତ କରାଯାଇଛି, ଯାହା କାରଖାନାର ନବସୃଜନ, ଉତ୍ତର୍ଦାୟିତ୍ୱ ଏବଂ ବ୍ୟବସ୍ଥା-ଚାଳିତ କାର୍ଯ୍ୟ ସଂସ୍କୃତି ଉପରେ ଦୃଢ଼ ଗୁରୁତ୍ୱକୁ ପ୍ରତିଫଳିତ କରେ।

ଏକ ବ୍ୟାପକ ଡିଜିଟାଲ୍ ପ୍ଲାଟଫର୍ମ ଭାବରେ ବିକଶିତ, 'ଏଚଏସଏମ-୨ଇକୋନେକ୍ଟ' ଆପ୍ ଏଚଏସଏମ-୨ର ଦୈନନ୍ଦିନ କାର୍ଯ୍ୟକ୍ଷମ ଏବଂ ରକ୍ଷଣାବେକ୍ଷଣ ଆବଶ୍ୟକତା ସହିତ ଘନିଷ୍ଠ ଭାବରେ ସଂଯୁକ୍ତ। ଏହି ଆପ୍ଲିକେସନ୍ ଏକକ ଇଣ୍ଟରଫେସ୍ ଉପରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଏବଂ କାର୍ଯ୍ୟପ୍ରବାହକୁ ଏକତ୍ରିତ କରେ, ଯାହା ତ୍ୱରିତ ନିଷ୍ପତ୍ତି ଗ୍ରହଣ, ଉନ୍ନତ ସମନ୍ୱୟ ଏବଂ କାର୍ଯ୍ୟରେ ସ୍ୱଚ୍ଛତାକୁ ସକ୍ଷମ କରିଥାଏ।

ଏହି ଆପ୍ଲିକେସନ୍‌ରେ ସରକାରୀ ବ୍ୟବହାର ପାଇଁ ଏକ ୱାଟସ୍‌ଆପ୍ ପରି ଇଣ୍ଟରଫେସ୍ ସହିତ ଏକ ସୁରକ୍ଷିତ ଏବଂ ସଂରଚିତ ଆଭ୍ୟନ୍ତରୀଣ ଯୋଗାଯୋଗ ମଡ୍ୟୁଲ୍ ରହିଛି, ଯାହା ଅନୌପଚାରିକ ଚ୍ୟାନେଲ୍‌ଗୁଡ଼ିକ ଉପରେ ନିର୍ଭରଶୀଳତା ହ୍ରାସ କରିଥାଏ। ଏଥିରେ ରକ୍ଷଣାବେକ୍ଷଣ କାର୍ଯ୍ୟକଳାପର ବ୍ୟବସ୍ଥାଗତ ପ୍ରବେଶ, ଟ୍ରାକିଂ ଏବଂ ଭବିଷ୍ୟତ ସନ୍ଦର୍ଭ ପାଇଁ ଏକ କ୍ଷେତ୍ରୀୟ ରକ୍ଷଣାବେକ୍ଷଣ କାର୍ଯ୍ୟ ମଡ୍ୟୁଲ୍ ମଧ୍ୟ ଅନ୍ତର୍ଭୁକ୍ତ।

ଏହା ସହିତ, ଏହି ଆପ୍ଲିକେସନ୍‌ଟି ସମାନତା ଏବଂ ସ୍ଥିରତା ସୁନିଶ୍ଚିତ କରି ମାନକ ପରିଚାଳନା ପ୍ରକ୍ରିୟା (ଏସଓପି) ଏବଂ ମାନକ ରକ୍ଷଣାବେକ୍ଷଣ ଅଭ୍ୟାସ (ଏସଏମପି)ର ସୁଗମ ଉପଲବ୍ଧତା ପ୍ରଦାନ କରେ। ଟେକ୍ନିକାଲ୍ ଡକ୍ୟୁମେଣ୍ଟଗୁଡ଼ିକୁ ଦ୍ରୁତ ଏବଂ ନିର୍ଭରଯୋଗ୍ୟ ପ୍ରବେଶକୁ ସମର୍ଥନ କରିବା ପାଇଁ ସହଜ ନେଭିଗେସନ୍ ସହିତ ଏଚଏସଏମ-୨ ଚିତ୍ରଗୁଡ଼ିକର ଏକ କେନ୍ଦ୍ରୀକୃତ ଡିଜିଟାଲ୍ ସଂଗ୍ରହାଳୟ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି।

ରକ୍ଷଣାବେକ୍ଷଣ ଦକ୍ଷତାକୁ ଆହୁରି ସୁଦୃଢ଼ କରିବା ପାଇଁ, ଏହି ଆପ୍ଲିକେସନ୍ ବିଭିନ୍ନ କ୍ଷେତ୍ରରେ ବିସ୍ତୃତ ବୈଷୟିକ ସୂଚନା ଧାରଣ କରିଥିବା ଏକ ବ୍ୟାପକ ମୋଟର ଡାଟାବେସ୍ ରଖିଛି, ଯାହା ଦ୍ରୁତ ସମସ୍ୟା ନିବାରଣ ଏବଂ ପ୍ରଭାବଶାଳୀ ରକ୍ଷଣାବେକ୍ଷଣ ଯୋଜନାକୁ ସହାୟତା କରେ। ଏଥିରେ ଜରୁରୀକାଳୀନ ଯୋଗାଯୋଗ, ସମ୍ପୃକ୍ତ ବିଭାଗ ଏବଂ ଗୁରୁତ୍ୱପୂର୍ଣ୍ଣ ଅଧିକାରୀଙ୍କ ପାଇଁ ପ୍ରସ୍ତୁତ ପ୍ରବେଶ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗାଯୋଗ ନିର୍ଦ୍ଦେଶିକା ମଧ୍ୟ ଅନ୍ତର୍ଭୁକ୍ତ ରହିଛି। 'ଏଚଏସଏମ-୨ଇକୋନେକ୍ଟ' ର ଶୁଭାରମ୍ଭ ଉନ୍ନତ ଦକ୍ଷତା, ସ୍ୱଚ୍ଛତା ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତା ପାଇଁ ଡିଜିଟାଲ୍ ସମାଧାନ ବ୍ୟବହାର କରିବା ପାଇଁ ଏଚଏସଏମ-୨ ର ପ୍ରତିବଦ୍ଧତାକୁ ସୁଦୃଢ଼ କରେ। ଏହି ଆପ୍ଲିକେସନ୍ ଦୈନନ୍ଦିନ କାର ?୍ୟ ଏବଂ ରକ୍ଷଣାବେକ୍ଷଣ ପରିଚାଳନା ପାଇଁ ଏକ ଅବିଚ୍ଛେଦ୍ୟ ଉପକରଣ ହେବ ବୋଲି ଆଶା କରାଯାଉଛି, ଯାହା ଏଚଏସଏମ-୨ କାର୍ଯ୍ୟର ଉତ୍ପାଦକତା, ସୁରକ୍ଷା ଏବଂ ନିର୍ଭରଯୋଗ୍ୟତାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ।

## ଭୁବନ ମହିଳା ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

ଭୁବନ,୧୧/୧ (ନି.ପ୍ର): ଭୁବନ ମହିଳା ଡିଗ୍ରୀ ମହାବିଦ୍ୟାଳୟ +୨ ଓ +୩ ର ବାର୍ଷିକ କ୍ରୀଡା ଉତ୍ସବ ଜାନୁଆରୀ ୯ ଓ ୧୦ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଭୁବନ ଅଗ୍ନିଶମ ଅଧିକାରୀ ମନୋରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାର୍ଷିକ କ୍ରୀଡା ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି ସୁସ୍ଥ ଶରୀର ପାଇଁ କ୍ରୀଡା ଅପରିହାର୍ଯ୍ୟ । ଶରୀର ସୁସ୍ଥ ରହିଲେ ମନ ସୁସ୍ଥ ରହିବ ଓ ପାଠ ପଢ଼ାରେ ଆଗ୍ରହ ହେବ ବୋଲି ମତବ୍ୟକ୍ତ କରିଥିଲେ । +୩ ଅଧକ୍ଷ ଦିଲ୍ଲୀପ କୁମାର ଦାସ, +୨ ଅଧକ୍ଷା ଶ୍ରୀମତୀ ସୃପ୍ତିମୟି ସେନ, +୩ କ୍ରୀଡା ଶିକ୍ଷକ ଗଦାଧର ସାହୁ,+୨ କ୍ରୀଡା ଶିକ୍ଷୟିତ୍ରୀ ବାସନ୍ତୀ ବେହେରା, ଅଧାପକ ପ୍ରଶାନ୍ତ ରାଉତ ରାୟ,ଅଧାପିକା ପ୍ରଣତୀ ବେହେରା ଉପସ୍ଥିତ ରହିଥିଲେ।

# କୁଞ୍ଜବିହାରୀ କୃପାସିନ୍ଧୁ ବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ



ବାଲିଆପାଳ ,୧୧/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ପିଏମଶ୍ରୀ କୁଞ୍ଜବିହାରୀ କୃପାସିନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ ବିଦ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବାଲିଆପାଳ ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନା ସଭାପତିତ୍ୱ କରିଥିଲେ। ସହକାରୀ ଶିକ୍ଷକ ଜଗନ୍ନାଥ ଜେନା ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କମଳିନୀ ପ୍ରଧାନ ପ୍ରାରମ୍ଭିକ ସୂଚନା ଦେଇଥିଲା ବେଳେ ପ୍ରାକ୍ତନ ଶିକ୍ଷାବିତ ଭଗିରଥ ଗିରି ମଞ୍ଚ ସଞ୍ଚାଳନ କରିଥିଲେ। ମୁଖ୍ୟ ଅତିଥି ବକ୍ତା ଏସଡିପିଓ ମାନସ ଦେଓ ମୁଖ୍ୟ ବକ୍ତା ବାଲିଆପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଡିଓ ରାଧା ରଞ୍ଜନ ଦାସ, ବିଶିଷ୍ଟ ଅତିଥି ସାଂସଦ ପ୍ରତିନିଧି ରବିନ୍ଦ୍ର ନାଥ ଅଣ୍ଡିଆ, ସମ୍ମାନିତ ଅତିଥି କୁମ୍ଭାରୀ ସରପଞ୍ଚ ପଙ୍କଜିନୀ ମହାପାତ୍ର, ପୂର୍ବତନ ପ୍ରଧାନ ଶିକ୍ଷକ ବିକର୍ତ୍ତନ ରାଉତ, ନିଖିରା ସିଆରସିସି ରାମଚନ୍ଦ୍ର ସାହୁ,ପରିଚାଳକ କମିଟିର ସଭାପତି ଧନଞ୍ଜୟ ମହାନ୍ତି, ପ୍ରମୁଖ ଯୋଗଦେଇ ଥିଲେ। ମୁଖ୍ୟ ଅତିଥି ଶ୍ରୀ ଦେଓ ସାଇବର ସଚେତନତା ବିଷୟରେ ମୋବାଇଲକୁ ଆବଶ୍ୟକ ସ୍ଥଳେ ବ୍ୟବହାର କରିବା, ମୋବାଇଲରେ ଅଯଥା ଆପକୁ ଡାଉନଲୋଡ ନକରିବା, ଚପଳାମିରେ ବସବର୍ତ୍ତୀ ହୋଇ ଅଜଣା ଅପ୍ଲିକେସନକୁ ଗ୍ରହଣ ନକରିବା ପାଇଁ ପିଲା ମାନଙ୍କୁ ପରାମର୍ଶ ଦେଇଥିଲେ। ପିଏମଶ୍ରୀ ଉତ୍ସବରେ ପିଲା ମାନଙ୍କୁ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଏବଂ ସୁସ୍ୱାଦୁ ଖାଦ୍ୟର ପସରାକୁ ଅତିଥି ମାନେ ବୁଲି ଦେଖିଥିଲେ। ଶ୍ରେଷ୍ଠ ପ୍ରକଳ୍ପ ଗୁଡ଼ିକ ଚୟନ କରି ଛାତ୍ର ଛାତ୍ରୀ ମାନଙ୍କୁ ଆକାଂକ୍ଷୀ ଛାତ୍ର ପରିଷଦ ବିଭାଗରୁ ୧୨ ଜଣ , ଦୋକାନ ଯାତ୍ରା ବିଭାଗରୁ ୬ ଜଣ ,ଆକାଂକ୍ଷୀ ମେଳା ଇନ୍ସପାଏରିଂ ଓଡିଶା - ୨୦୩୬ ବିଭାଗରୁ ୧୨ ଜଣ ଏବଂ ଏଫ୍ ଏଲ, ଏନ୍ ବିଭାଗ ରୁ ୬ ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ସହକାରୀ ଶିକ୍ଷକ ପରମାନନ୍ଦ ଦେ ଧନ୍ୟବାଦ୍ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଫକୀରମୋହନ ମେଡିକାଲ୍ କଲେଜ୍ ଓ ହସପିଟାଲରେ ଅଧିକ ପିଜି ସିଟ୍ ଖୋଲିବା ପାଇଁ ଦାବି



ବାଲେଶ୍ୱର,୧୧/୧ (ନି.ପ୍ର): ଦୈନିକ ସମ୍ବାଦପତ୍ରରେ ଓଡ଼ିଶାର ବିଭିନ୍ନ ମେଡିକାଲ୍ କଲେଜରେ ଓଡ଼ିଶା ସରକାରଙ୍କର ୫୦୨ଟି ଡାକ୍ତରୀ ପିଜି ସିଟ୍ ବଢ଼ିବାର ପ୍ରସ୍ତାବ ଥିବାବେଳେ ବାଲେଶ୍ୱରର ନାମ ନଥିବାରୁ ଆଦି ସାପ୍ତାହିକ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି। ଯଦିଓ, ଫକୀରମୋହନ ମେଡିକାଲ୍ କଲେଜ୍‌ରେ ପୂର୍ବରୁ ପ୍ରସୂତି ବିଭାଗରେ ୨ଟି, ନାସା କର୍ଣ୍ଣ ଗଳା ବିଭାଗରେ ୨ଟି ଓ ନିଷ୍ଚେତକ ବିଭାଗରେ ୧ଟି ପିଜି ସିଟ୍ ପାଇଁ ଅନୁମୋଦନ ହୋଇଛି, ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ଯଥା କାର୍ଡ଼ିଓଲୋଜି, ନ୍ୟୁରୋଲୋଜି, ନେଫ୍ରୋଲୋଜି, ୟୁରୋଲୋଜି, ଆଇ, ଗେଷ୍ଟ୍ରୋଏଣ୍ଟ୍ରୋଲୋଜି, ପିଏମ୍‌ଆର ପ୍ରଭୃତି ବିଭାଗରେ ପିଜି ସିଟ୍ ଖୋଲାଯାଇ ନାହିଁ। ଏ ସମସ୍ତ ବିଭାଗରେ ପିଜି ସିଟ୍ ଖୋଲିବା ପାଇଁ ଓଡ଼ିଶା ସରକାର ପୁନର୍ବିଚାର କରି ଫକୀରମୋହନ ମେଡିକାଲ୍ କଲେଜ୍‌ରେ ପିଜି ସିଟ୍ ବଢ଼ାଇବାର ବ୍ୟବସ୍ଥା କରିବା ପାଇଁ ଦାବି କରାଯାଇଛି।

# ରାଇକମା ଆଶ୍ରମ ବିଦ୍ୟାଳୟରେ ସଡ଼କ ସୁରକ୍ଷା ସପ୍ତାହ ପାଳନ




ବୈଶିଙ୍ଗା ,୧୧/୧ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ରାଇକମା ଆଶ୍ରମ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଶ୍ରୀ ରଜତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବରେ ବେତନଟୀ ବ୍ଲକର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶ୍ରୀ ମଦନ ସିଂ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ସଡ଼କ ସୁରକ୍ଷାର ଆବଶ୍ୟକତା ସମ୍ପର୍କରେ ଅବଗତ କରିଥିଲେ। ପ୍ରଧାନ ଶିକ୍ଷକ ସଡ଼କ ସୁରକ୍ଷା ଦିଗରେ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଟ୍ରାଫିକ ନିୟମ ସମ୍ପର୍କରେ ଜଣାଇଥିଲେ। ଶ୍ରୀମତୀ ସୁବାସିନୀ ପରିଡା କୁଇଜ୍ ପରିଚାଳନା କରିଥିବା ସମୟରେ ଶ୍ରୀମତୀ ପ୍ରତିମା ପରିଡ଼ା ଶପଥ ପାଠ କରାଇଥିଲେ। ଏଥି ସହିତ ନିଜେ ସଡକ ସୁରକ୍ଷା ବିଷୟରେ ଅବଗତ ହେବା ସହିତ ଅନ୍ୟମାନଙ୍କୁ ସୂଚନା ଦେବା ପାଇଁ ତତ୍ପର ହେବାକୁ ପରାମର୍ଶ ଦିଆଯାଇଥିଲା । ମୁଖ୍ୟ ଅତିଥିଙ୍କୁ ବିଦ୍ୟାଳୟ ତରଫରୁ ବହି ତଥା ଛାତ୍ରଛାତ୍ରୀମାନଙ୍କ ଦ୍ୱାରା କାଗଜରେ ପ୍ରସ୍ତୁତ ଫୁଲ ତୋଡ଼ା ଦିଆଯାଇ ନବବର୍ଷର ଅଭିନନ୍ଦନ ଜଣାଇ ଦିଆଯାଇଥିଲା ।

# ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୂକ୍ତିକରଣ ତଥା ସାଇବର ସଚେତନତା ଶିବିର



ଭଦ୍ରକ,୧୧/୧ (ନି.ପ୍ର): ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୂକ୍ତିକରଣ ଶିବିର ତଥା ସାଇବର ସଚେତନତା ଶିବିର ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଅତିଥି ଭାବରେ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧକ୍ଷ ଦୁର୍ଗା ଶଙ୍କର ସାହୁ, ଭଦ୍ରକ ଡାକ ମୁଖ୍ୟ ଅଧିକାରୀ ଲକ୍ଷ୍ମୀନାରାୟଣ ମିଶ୍ର, ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ପଦ୍ମନାଭ ପତ୍ରି, ଲକ୍ଷ୍ମୀ ନାରାୟଣ ସାହୁ, ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ମୋନାଲିସା ପଣ୍ଡା, ସାଇବର ସେଲ ଅଧକ୍ଷା ବନ୍ଦନା ଦେବୀ, ଭଦ୍ରକ ଲିଡ୍ ବ୍ୟାଙ୍କ ର ସି ଏଫ୍ ଏଲ୍, ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଅଧିକାରୀ, ପୂର୍ବତନ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ପଦ୍ମନ କୁମାର ରାୟ ମହୋଦୟା ଯୋଗ ଦେଇଥିଲେ।ଏହି ସଭାରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସଭା ପରିଚାଳିତ କରିଥିଲେ ଓ ପିଲାମାନଙ୍କୁ ସଂଚୟର ମହତ୍ତ୍ୱ ଜଣାଇବା ସହ ଆର୍ଥିକ ସକ୍ଷାର ସମାଜ ଗଢ଼ିବା ପାଇଁ ଅନୁପ୍ରାଣିତ କରିଥିଲେ। ସାଇବର ସେଲ ଅଧକ୍ଷା ପିଲାମାନଙ୍କୁ ସାଇବର ଅପରାଧୀ ମାନଙ୍କ ଶିକାରରୁ ବଞ୍ଚିବାର ଉପାୟମାନ ବୁଝାଇଥିଲେ। ଜିଲ୍ଲା ଡାକ ମୁଖ୍ୟ ଅଧିକାରୀ ଡାକଘରେ ଉପଲବ୍ଧ ସମସ୍ତ ସଞ୍ଚୟ ଯୋଜନା ଗୁଡିକ ସମ୍ବଧରେ ଜଣାଇଥିଲେ। ପଦ୍ମନ କୁମାର ରାୟ ଓ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧକ୍ଷ ପିଲାମାନଙ୍କୁ ସଞ୍ଚୟ ପାଇଁ ଅନୁପ୍ରାଣିତ କରିଥିଲେ ଓ ଚିଟ୍ ଫଣ୍ଡ ଠକେଇ ଶିକାର ନହେବାକୁ ପରାମର୍ଶ ଦେଇଥିଲେ। ଏହି ସଭାରେ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ଭଦ୍ରକ ବାଳିକା ମହାବିଦ୍ୟାଳୟ, ଚରମ୍ପା ମହାବିଦ୍ୟାଳୟ ଓ ସାଳନ୍ଦୀ ମହାବିଦ୍ୟାଳୟର ମୋଟ ୧୫୦ ଜଣ ଛାତ୍ର ଛାତ୍ରୀମାନେ ଯୋଗଦେଇଥିଲେ। ଏହି ସଭାରେ ଜିଲ୍ଲା ପ୍ରଶାସନ ତରଫରୁ ମହାବିଦ୍ୟାଳୟର ଅଧକ୍ଷ ମାନଙ୍କ ଦ୍ୱାରା ଚୟନିତ ମୋଟ୍ ୪୦ ଜଣ ଛାତ୍ର ଛାତ୍ରୀମାନଙ୍କୁ 'ଆର୍ଥିକ ସାକ୍ଷରତା ସ୍ୱେଚ୍ଛା ସେବୀ ବା ସଞ୍ଚୟ ସାଥୀ' ଭାବେ ଘୋଷଣା କରାଯାଇଥିଲା । 'ଆଜିର ଏକ ସଚେତନ ଛାତ୍ର, କାଲିର ଦାୟିତ୍ୱବାନ ନାଗରିକ' ଏହି ଥିମ ରେ ସଞ୍ଚୟ ସାଥୀ ମାନେ ମହାବିଦ୍ୟାଳୟ ପରିସରରେ ଓ ନିଜ ସାଙ୍ଗ ସାଥୀ ମାନଙ୍କ ମଧ୍ୟରେ ସଞ୍ଚୟ ଯୋଜନା, ଆର୍ଥିକ ସାକ୍ଷରତା ଓ ସାଇବର ସଚେତନତା ସମ୍ପର୍କରେ ସଚେତନ କରାଇବା ସହ ଜିଲ୍ଲା ପ୍ରଶାସନ ତରଫ ରୁ ଆୟୋଜିତ ଅନେକ ସାକ୍ଷରତା ଶିବିର ଗୁଡିକରେ ଯୋଗଦାନ ଦେଇ ସମାଜକୁ ସୁରକ୍ଷିତ ଓ ଆର୍ଥିକ ସାକ୍ଷର କରିବାରେ ସହାୟକ ହେବ। ଏହି ସଭାଟିକୁ ସଫଳ କରିବାରେ ମହାବିଦ୍ୟାଳୟ ର ସମସ୍ତ କାର୍ଯ୍ୟ କର୍ତ୍ତା, ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ବିଭାଗ ର କର୍ମକର୍ତ୍ତା ଓ ଡାକ ଏଜେଣ୍ଟ ମାନେ ସହାୟକ ହୋଇଛନ୍ତି।

# ଆରଏସପିରେ କର୍ମଚାରୀଙ୍କ ଜୀବନସାଥୀଙ୍କ ନିମନ୍ତେ କାରଖାନା ଗସ୍ତ କାର୍ଯ୍ୟକ୍ରମ ଆୟୋଜିତ



ରାଉରକେଲା,୧୧/୧ (ନି.ପ୍ର): ମାନବ ସମ୍ବଳ ପ୍ରୟାସର ଅଂଶ ସ୍ୱରୂପ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଦ୍ୱାରା କର୍ମଚାରୀମାନଙ୍କ ଜୀବନସାଥିଙ୍କ ପାଇଁ 'ପ୍ରଗତିର ସାଥୀ' କାରଖାନା ପରିଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଭାବଶାଳୀ ପ୍ରଗତିର ସହଯାତ୍ରୀ ହେବା ନିମନ୍ତେ କାରଖାନାର କାର୍ଯ୍ୟଧାରା ଓ କାର୍ଯ୍ୟ ନିୟମାବଳୀ ବିଷୟରେ ସେମାନଙ୍କୁ ସଚେତନ କରାଇବା ଏହି ଗସ୍ତ କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଥିଲା।

ଏହି ପ୍ରୟାସ ଅଧୀନରେ ଷ୍ଟିଲ ମେଲ୍ଟିଂ ସପ୍-୨, କାଲ୍ସିଙ୍ଗ ପ୍ଲାଣ୍ଟ-୨ ଓ ଅଗ୍ନି ସେବା ବିଭାଗର ୨୦ ଜଣ କର୍ମଚାରୀଙ୍କ ସହଧର୍ମିଣୀଙ୍କୁ ଜାନୁୟାରୀ ୦୭ ତାରିଖ ଦିନ, କଞ୍ଚା ମାଲ ପରିଚାଳନା ବିଭାଗ, ବ୍ଲାଷ୍ଟ ଫର୍ଣ୍ଣେସ-୫, ଷ୍ଟିଲ ମେଲ୍ଟିଂ ସପ୍-୨, ନୂତନ ପ୍ଲେଟ ମିଲ, ହଟ ସ୍ଟ୍ରିପ ମିଲ ୨ ଏବଂ ଅଗ୍ନି ସେବା ବିଭାଗ ପରିଦର୍ଶନରେ ନିଆଯାଇଥିଲା। ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ସମାଧାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହାର ସ୍ୱାଗତ କାର୍ଯ୍ୟକ୍ରମରେ ଏଚଆର – ଆରଏମ ଆଣ୍ଡ ଟି ବିଭାଗର ଏଜିଏମ ଶ୍ରୀ ଦେବାଶିଷ ପଟ୍ଟନାୟକ ଅଧକ୍ଷତା କରିଥିଲେ।

ଓରିଏଣ୍ଟେସନ କାର୍ଯ୍ୟକ୍ରମରେ ପରିଦର୍ଶକମାନଙ୍କୁ କାରଖାନାର ସାମଗ୍ରିକ ଚିତ୍ର ଏବଂ ସୁରକ୍ଷା ଉପରେ ଭିଡିଓ ଦେଖାଯାଇଥିଲା। ମତବିନିମୟ ଅବସରରେ ବରିଷ୍ଠ ଅଧିକାରୀମାନେ ପରିଦର୍ଶକମାନଙ୍କୁ ସେମାନଙ୍କର ଅକୁଣ୍ଠ ସହଯୋଗ ପାଇଁ କୃତଜ୍ଞତା ଜଣାଇବା ସହ କାରଖାନାର ଅଗ୍ରଗତିର ପ୍ରମୁଖ ଅଂଶୀଦାର ଭାବରେ ବର୍ଣ୍ଣନା କରିଥିଲେ । ସେମାନଙ୍କର ଜୀବନସାଥିଙ୍କୁ ସୁରକ୍ଷା ନିୟମ ଏବଂ ମାନକର ଅନୁପାଳନ ନିମନ୍ତେ ଉତ୍ସାହିତ କରିବାକୁ ବରିଷ୍ଠ ଅଧିକାରୀମାନେ ସେମାନଙ୍କୁ ଅନୁରୋଧ କରିଥିଲେ। ଏହି ପରିଦର୍ଶନ ସମୟରେ ଅତିଥିମାନଙ୍କୁ କଞ୍ଚାମାଲ ଠାରୁ ଆରମ୍ଭ କରି ଚୂଡାନ୍ତ ସାମଗ୍ରୀ ତିଆରି ପର୍ଯ୍ୟନ୍ତ ସଂପୂର୍ଣ୍ଣ ଇସ୍ପାତ ଉତ୍ପାଦନ ପ୍ରକ୍ରିୟା ବିଷୟରେ ସଂକ୍ଷିପ୍ତ ସୂଚନା ଦିଆଯାଇଥିଲା।

ମାନବ ସମ୍ବଳ ବିଭାଗର ସିନିୟର ମ୍ୟାନେଜର ଶ୍ରୀ ସଙ୍ଗୀତା ସିନ୍ଦୁର ସଂପୃକ୍ତ ବିଭାଗୀୟ ଦଳଙ୍କ ସହଯୋଗରେ ଏହି ଗସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଡ୍ରାଇଭରମାନଙ୍କ ନିଶୁଳ୍କ ଚକ୍ଷୁ ଏବଂ ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ

ନୂଆପଡା,୧୧/୧ (ନି.ପ୍ର): ଜାତୀୟ ସଡ଼କ ସୁରକ୍ଷା ମାସ ୨୦୨୬ ପାଳନ ଅବସରରେ ସଡ଼କ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ଏବଂ ଗାଡ଼ି ଚାଳକମାନଙ୍କ ସ୍ୱାସ୍ଥ୍ୟ ପ୍ରତି ସଚେତନତା ସୃଷ୍ଟି କରିବା ପାଇଁ ଜିଲ୍ଲାପାଳ ତଥା ଜିଲ୍ଲା ସଡ଼କ ସୁରକ୍ଷା କମିଟିର ଅଧକ୍ଷ ମଧୁସୂଦନ ଦାଶଙ୍କ ନେତୃତ୍ୱରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ନୂଆପଡ଼ା ପକ୍ଷରୁ ଓଏସଆରଟିସିର ଜିଲ୍ଲା ପରିବହନ ପ୍ରବନ୍ଧକ , ମୁଖ୍ୟ ଜିଲ୍ଲା ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ମିଳିତ ସହଯୋଗରେ ଆଜି ନୂଆପଡ଼ା ଓଏସଆରଟିସି ବସ୍ ଷ୍ଟାଣ୍ଡଠାରେ ଏକ ନିଶୁଳ୍କ ଚକ୍ଷୁ ଏବଂ ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି ଓ ଜିଲ୍ଲାପାଳ ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଗାଡ଼ି ଚାଳକମାନଙ୍କ ସହ ସିଧାସଳଖ ଆଲୋଚନା କରି ସଡ଼କ ସୁରକ୍ଷା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେବା ସହିତ ଜିଲ୍ଲାରେ ଦୁର୍ଘଟଣାଜନିତ ମୃତ୍ୟୁହାରକୁ ଶୂନ କରିବା ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ଶିବିରରେ ୫୦ରୁ ଅଧିକ ଡ୍ରାଇଭର ଙ୍କ ଚକ୍ଷୁ ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ପ୍ରାୟ ୨୫ ଜଣଙ୍କ ଦୃଷ୍ଟିଶକ୍ତି ସମସ୍ୟା ଥିବା ଜଣାପଡ଼ିବା ପରେ ସେମାନଙ୍କୁ ମାଗଣା ଚଷମା ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଥିଲା। ଜିଲ୍ଲା ପ୍ରଶାସନ ଓ ପରିବହନ ବିଭାଗ ପକ୍ଷରୁ ଆଗକୁ ମଧ୍ୟ ଏହିଭଳି ଜନହିତକର କାର୍ଯ୍ୟକ୍ରମ ଜାରି ରହିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ଜିଲ୍ଲାପାଳଙ୍କ ଡ୍ରାଇଭର ମାନଙ୍କ ସହିତ ଆନ୍ତରିକ ଭାବ ବିନିମୟ ଏବଂ ଆଜିର ଏହି ଅଭିନବ ପ୍ରୟାସ ପାଇଁ ଚାଳକ ସଂଘ ପକ୍ଷରୁ ପ୍ରଶାସନକୁ ଧନ୍ୟବାଦ ଜ୍ଞାପନ କରାଯାଇଛି।

# ଆଇନ ସଚେତନତା କାର୍ଯ୍ୟକ୍ରମ

ବଲାଙ୍ଗିର,୧୧/୧ (ନି.ପ୍ର): ରାଜ୍ୟ ଆଇନ ସେବା ପ୍ରାଧିକରଣର ନିର୍ଦ୍ଦେଶ କ୍ରମେ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭାରପ୍ରାପ୍ତ ଅଧକ୍ଷ ମଳୟ ରଂଜନ ଦାସଙ୍କ ଅନୁମତି କ୍ରମେ ବଲାଙ୍ଗିର ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଜି ପଂଚାୟତ ସମିତି ମହାବିଦ୍ୟାଳୟ ବଙ୍ଗୋମୁଣ୍ଡା, ବଲାଙ୍ଗିର ଠାରେ ନିଶାମୁକ୍ତ ଭାରତ ଓ ବାଲ୍ୟ ବିବାହ ଉଚ୍ଛେଦ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଏହି ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପବିତ୍ରାନନ୍ଦ ପ୍ରଧାନ, ଅଧକ୍ଷ, ପଂଚାୟତ ସମିତି ମହାବିଦ୍ୟାଳୟ, ବଙ୍ଗୋମୁଣ୍ଡା ଶ୍ରୀମତୀ ମିନତି ରଥ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସିନ୍ଧେକେଲା, ଡକ୍ଟର ଜୟନ୍ତ ବାଗ, ପି.ଓ., ଜନ ଶିକ୍ଷାନ ସଂସ୍ଥାନ (ଏନଜିଓ) ପୂର୍ଣ୍ଣଚନ୍ଦ୍ର ମିଶ୍ର, ଇଂରାଜୀ ଅଧାପକ ନିଲେସ କୁମାର ପାରେ, ସଂପାଦକ ବଙ୍ଗୋମୁଣ୍ଡା ଓକିଲ ସଂଘ, ସୁଧାଂଶୁ ଦାସ, ଅଧିବକ୍ତା, ଭବାନୀ ଶେଖର ରାଓ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାଦକ ଦ୍ରବ୍ୟର କୁପ୍ରଭାବ ବିଷୟରେ ଅବଗତ କରାଇବା ସହିତ ନିଶାମୁକ୍ତ ଜୀବନଶୈଳୀ ଦିଗରେ ପ୍ରେରିତ କରାଇଥିଲେ । ଏହାସହ ବାଲ୍ୟ ବିବାହ ଏକ ଗୁରୁତର ସାମାଜିକ କୁପ୍ରଥା ହେବାରୁ ଏହାକୁ ରୋକିବା ପାଇଁ ସଚେତନତା ସୃଷ୍ଟି, ଆଇନଗତ ସୂଚନା ପ୍ରସାର, ସମର୍ଥନ ଓ ସହଯୋଗ ଯୋଗାଇ ସମାଜର ସମସ୍ତ ବର୍ଗଙ୍କୁ ସକ୍ରିୟ କରିବା ଉପରେ ସୂଚନା ଦେଇଥିଲେ । ସୁସମାଜ ଗଠନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।

# ବାଲେଶ୍ୱର ରାଧାକୃଷ୍ଣ ହିନ୍ଦୀ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ




ବାଲେଶ୍ୱର, ୧୧/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ପୁରାତନ ସହରରେ ରାଧାକୃଷ୍ଣ ହିନ୍ଦୀ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟତ୍ରୀ ମଧୁସ୍ମିତା ନାୟକ ଙ୍କ ସଭାପତିତ୍ୱରେ ମହାସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଡକ୍ଟର ବସନ୍ତ କୁମାର ନାୟକ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ଉଦଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଯଜ୍ଞେଶ୍ୱର ଜେନା , ସମ୍ମାନୀୟ ଅତିଥି ଭାବେ ବାଲେଶ୍ୱର ପୌର ପଳିକା ଉପଧକ୍ଷ କୈଳାସ ସେଠୀ , ସହଗୋଷ୍ଠି ଶିକ୍ଷାଧିକାରୀ ଶ୍ରୀମତୀ ରେଣୁ ବାଳା ଦାସ । କ୍ଲଷ୍ଟର୍ ସାଧନ କେନ୍ଦ୍ର ସଂଯୋଜକ ଶ୍ରୀମତୀ ସରିତା ଦ୍ୱିବେଦୀ , ବିଦ୍ୟାର୍ଥୀ ପରିଷଦର ସଭାପତି ଶ୍ରୀଯୁକ୍ତ ଓମ ପ୍ରକାଶ ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ । ଶିକ୍ଷୟତ୍ରୀ ମୋନାଲିସା ମହାପାତ୍ର ଅତିଥି ମାନଙ୍କ ପରିଚୟ ପ୍ରଦାନ ଓ ବାର୍ଷିକ ବିବରଣୀ ପାଠ କରିଥିଲେ । ମୁଖ୍ୟ ଅତିଥି ବସନ୍ତ କୁମାର ନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ ପିଲାମାନେ ଭଲମଣିଷ ହେବା ପାଇଁ ଉପଦେଶ ଦେଇଥିଲେ। ଶିକ୍ଷା ହିଁ ଜୀବନର ମୂଳମନ୍ତ୍ର ଯାହାକୁ ଛାତ୍ର ଛାତ୍ରୀ ମାନେ ଜୀବନର ପାଥେୟ କରିବା ବୋଲି କହିଥିଲେ। ମୁଖ୍ୟ ବକ୍ତା ଓ ସମ୍ମାନୀୟ ଅତିଥି ମାନେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ପ୍ରତ୍ୟେକ ବର୍ଷ ବାର୍ଷିକ ଉତ୍ସବ ପାଳନ କରୁଥିବାରୁ ଧନ୍ୟବାଦ୍ ଦେଇଥିଲେ। ଏବଂ ସେମାନେ କହିଥିଲେ ବିଦ୍ୟାଳୟର ପ୍ରତ୍ୟେକ କର୍ମଚାରୀ ଛାତ୍ର ଛାତ୍ରୀ ମାନଙ୍କ ଯତ୍ନନେବା ଓ ପିଲାର ଭବିଷ୍ୟତ ପାଇଁ କାମ କରିବା ଦରକାର କହିଥିଲେ । ମୁଖ୍ୟ ଅତିଥି ଦ୍ୱାରା ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତା କୃତି ଛାତ୍ର ଛାତ୍ରୀ ଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷୟତ୍ରୀ ଶ୍ରୀମତୀ ଅମିତା ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି କାର୍ଯ୍ୟ କ୍ରମକୁ ବିଦ୍ୟାଳୟର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ରାଉରକେଲା ବିମାନ ଦୁର୍ଘଟଣାର ...

ପ୍ରମୁଖ ସଚିବ ଓ ବରିଷ୍ଠ ଅଧିକାରୀ ଜଲଦା ଯାଇ ସ୍ଥିତି ପରଖିଛନ୍ତି। କଟକ ଏସସିବି ଓ ଧରଣୀଧର ମେଡିକାଲ କଲେଜର ସ୍ନାୟୁ ବିଭାଗ କ୍ରିଟିକାଲ କେୟାରର ଦୁଇ ବରିଷ୍ଠ ଡାକ୍ତର ରାଉରକେଲା ଯାଇ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥାର ଅନୁଧ୍ୟାନ କରିଛନ୍ତି। ଅନ୍ୟପଟେ ଦୁଇ ଗୁରୁତର ସୁନୀଲ ଅଗ୍ରୱାଲ ଓ ସବିତା ଅଗ୍ରୱାଲଙ୍କୁ ମୁମ୍ବାଇର ଏକ ଘରୋଇ ହସ୍ପିଟାଲକୁ ପଠାଯାଇଛି । ଏସବୁ ଭିତରେ ବିମାନ ଖସି ପଡିବା ପରର ସ୍ଥିତି ବଖାଣିଛନ୍ତି ପ୍ରତ୍ୟେକ୍ଷଦର୍ଶୀ । ପ୍ରଚଣ୍ଡ ଶବ୍ଦ କରି ବିମାନଟି ଖସି ପଡିବା ପରେ ସୃଷ୍ଟି ହୋଇଥିଲା ଭୟର ବାତବରଣ। ବିମାନ ପାଖକୁ ଯିବାକୁ ଭୟ କରିଥିଲେ ଲୋକେ । ପାଇଲଟ ବି ପାଖକୁ ଯିବାକୁ ମନା କରିଥିଲେ ।

## ସୋମନାଥରେ 'ଶୌର୍ଯ୍ୟ ଯାତ୍ରା'...

ସ୍ୱାଗତ କରାଯାଇଥିଲା। ଲୋକମାନେ ତାଙ୍କ ଉପରେ ପୁଷ୍ପବୃଷ୍ଟି କରିଥିଲେ ଏବଂ ଉତ୍ସାହରେ 'ମୋଦୀ-ମୋଦୀ' ସ୍ଲୋଗାନ ଦେଇଥିଲେ। ଏହି ସମୟରେ ସେ ଦୁଇ ହାତରେ ଡମ୍ବରୁ ଧରି ହାତ ଉପରକୁ ଟେକି ଡମ୍ବରୁ ବଜାଇଥିଲେ। ରାଜସ୍ଥାନ, ପଞ୍ଜାବ, ମଣିପୁର, ଗୁଜରାଟ ଓ ଅନ୍ୟାନ୍ୟ ଅଞ୍ଚଳର କଳାକାରମାନେ କଳା ପ୍ରଦର୍ଶନ କରିଥିଲେ। 'ଶୌର୍ଯ୍ୟ ଯାତ୍ରା'ରେ ଅଂଶଗ୍ରହଣ କରିଥିବା କଳାକାରମାନେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗସ୍ତକୁ ନେଇ ଉତ୍ସାହ ପ୍ରକାଶ କରିଥିଲେ। ଶୌର୍ଯ୍ୟ ଯାତ୍ରା ପାଇଁ ଅଣାଯାଇଥିବା ମୋଟ ୧୦୮ଟି ଘୋଡା ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଏହି ଘୋଡାମାନେ ପ୍ରଧାନମନ୍ତ୍ରୀଙ୍କ ଗାଡ଼ିମାଳା ସହ ସାମିଲ ହୋଇ ସୋମନାଥ ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ପରେ ପ୍ରଧାନମନ୍ତ୍ରୀ ସୋମନାଥ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଏହା ପରେ ସଦ୍‌ଭାବନା ମଇଦାନରେ ଏକ ସାଧାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ପ୍ରଧାନମନ୍ତ୍ରୀ ଦର୍ଶକଙ୍କୁ ସମ୍ବୋଧିତ କରିଥିଲେ।

## 'ଭିବି-ଜି-ରାମ-ଜି'କୁ ...

ଅନେକ ଦୋଷ ଦୁର୍ବଳତା ରହିଛି ବୋଲି ଅଭିଯୋଗ କରିଛି କଂଗ୍ରେସ । ଏଥିସହ ବିଦ୍ୟୁତ ଉପଭୋକ୍ତାଙ୍କ ଉପରେ ଟାଟା ପାୱାରର ଜୁଲମ୍ ଏବଂ ଧାନ ସଂଗ୍ରହ ଅବ୍ୟବସ୍ଥାକୁ ନେଇ ଗର୍ଜିଛି କଂଗ୍ରେସ । ୪ ଦିନ ପୂର୍ବରୁ 'ଭିବି ଜି ରାମ୍ ଜି' ସଂପର୍କରେ ବିରୋଧୀ ଅପପ୍ରଚାର କରୁଛନ୍ତି ଓ ଲୋକଙ୍କ ମଧ୍ୟରେ ଭ୍ରାନ୍ତି ବଢ଼ାଉଛନ୍ତି ବୋଲି କହିଥିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଏଥିସହ ବିକଶିତ ଭାରତ ଲକ୍ଷ୍ୟ ଆଧାରରେ ଏହି ଆଇନ ଅଣାଯାଇଛି ବୋଲି କହିଥିଲେ । ତେବେ କଂଗ୍ରେସର କହିବା କଥା, (କଂଗ୍ରେସର ଅଭିଯୋଗ) 'ଭିବି- ଜି-ରାମ ଜି'ରେ ଲୋକଙ୍କୁ କାମ ମିଳିବା ନେଇ ଆଇନଗତ ନିଶ୍ଚିତତା ରହିବ ନାହିଁ । ଲୋକଙ୍କ ରୋଜଗାର କମିବ । ରାଜ୍ୟ ଉପରେ ଆର୍ଥିକ ଭାର ବଢ଼ିବ । କୃଷି ଋତୁରେ କାମଧନ୍ଦା ନ ମିଳିବା ଆଶଙ୍କା ରହିଛି । ମହାତ୍ମା ଗାନ୍ଧୀଙ୍କ ନାମ ହଟାଯିବା ଦ୍ୱାରା ଶ୍ରମ ମର୍ଯ୍ୟାଦା ପ୍ରତି ଅପମାନ ହୋଇଛି ବୋଲି କହିଛି କଂଗ୍ରେସ । ଏହାର ଜବାବ ରଖିଛି ବିଜେପି । ଆଗାମୀ ମାସେ ପର୍ଯ୍ୟନ୍ତ ମନରେଗା ବଞ୍ଚାଅ ଅଭିଯାନ ଚଳାଇବ କଂଗ୍ରେସ।

## ଆଜି ନୂଆ ରାଜନୈତିକ...

କ୍ୟାଡର ଭିତ୍ତିରେ ଜାଗରଣ ସୃଷ୍ଟି କରାଯିବା ସହ ମୋକିମଙ୍କ ନୂଆ ରାଜନୈତିକ ଦଳର ମୂଳଦୁଆ ପଡିବ ବୋଲି ଚର୍ଚ୍ଚା ହେଉଛି। ଏହି ସମାବେଶରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୧୨ଶହରୁ ଅଧିକ ଯୁବନେତା ସାମିଲ ହେବେ । ମୋକିମ କହିଛନ୍ତି ୨୦୩୬ ମସିହାରେ ଓଡିଶାକୁ ଶହେ ବର୍ଷ ପୂରଣ ହେବ । ଓଡିଶାର ଗୌରବ ଫେରାଇ ଆଣିବା ପାଇଁ ଆଉ ଏକ ବିପ୍ଳବ ଦରକାର । ଏଥିପାଇଁ ଯୁବକମାନେ ନୂଆ ବାର୍ତ୍ତା ନେଇ ଯିବେ । ମୋକିମ ଯୁବ ସମାବେଶ ହେଲେ କାହାର ହେବ କ୍ଷତି ? କେଉଁ ଦଳ ଉପରେ ପଡିବ ମୋକିମଙ୍କ ନଜର ? ତାକୁ ନେଇ ଚର୍ଚ୍ଚା ଲାଗିରହିଥିବା ବେଳେ କଂଗ୍ରେସକୁ ଭାଗ ଭାଗ କରିବା ପାଇଁ ମୋକିମଙ୍କ ଯୋଜନା ବୋଲି କୁହାଯାଉଛି । ଯେବେଠାରୁ ମୋକିମ୍ କଂଗ୍ରେସରୁ ବହିଷ୍କାର ହେଲେଣି ସେବେଠାରୁ ନୂଆ ଦଳ ଗଢିବେ ବୋଲି ସଂକେତ ଦେଇଥିଲେ । ଯେଉଁ ଯୁବକମାନେ ଅନ୍ୟ ଦଳରେ ସୁଯୋଗ ପାଉନାହାନ୍ତି ସେମାନଙ୍କୁ ଦଳ ସୁଯୋଗ ଦେବେ ବୋଲି କହିଥିଲେ । ତେବେ ମୋକିମଙ୍କୁ କଡା ଜବାବ ଦେଇ ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି ଯିଏ କଂଗ୍ରେସରେ ରହି ରାଜ୍ୟ ସରକାର ବିରୁଦ୍ଧରେ କ୍ରିୟାଶୀଳ ହୋଇପାରିଲେନି ସେ ଅନ୍ୟ ଦଳ କଲେ ଆମେ ସ୍ୱାଗତ କରିବୁ ।

## ବିଜେଡିରେ ଲତିକା...

ଗଞ୍ଜାମ ଜିଲ୍ଲାର କୌଣସି ନେତାଙ୍କୁ ଗୁରୁତ୍ୱ ଦିଆଯାଉନାହିଁ। ଗଞ୍ଜାମ ଜିଲ୍ଲାରେ କେବଳ ଜଣେ ଦୁଇ ଜଣଙ୍କୁ ରିପିଟ୍ କରାଯାଉଛି। ଆଉ କାହାକୁ ସେମିତି ଗୁରୁ ଦାୟିତ୍ୱ ଦିଆଯାଉନାହିଁ। ଫଳରେ ସଂଗଠନ ଦିନକୁ ଦିନ ଆହୁରି ଦୁର୍ବଳ ହୋଇଯାଉଛି। ତେବେ କିଏ ପାତରଅନ୍ତର କରୁଛନ୍ତି, ତାହା ସେ କହି ନାହାନ୍ତି। ଲତିକା କହିଛନ୍ତି ଯେ ଶଙ୍ଖ ଭବନରେ ବସୁଥିବା ଲୋକେ ପାତରଅନ୍ତର କରୁଛନ୍ତି କି କିଏ, ସେ ଜାଣିନାହାନ୍ତି। ଏକଥା ସଭାପତିଙ୍କ ନଜରକୁ ଆସୁନାହିଁ। ଏହା ନିଶ୍ଚିତ ଭାବେ ସଭାପତିଙ୍କ ନଜରକୁ ଆସିବା ଦରକାର। ପାତରଅନ୍ତର କରି ଲୋକଙ୍କୁ ହଇରାଣ କରାଯାଉଛି। ନବୀନଙ୍କୁ ସାକ୍ଷାତ କରିବା ପାଇଁ ସୁଯୋଗ ପାଇପାରୁ ନଥିବା ଲତିକା ଗଣମାଧ୍ୟମ ଜରିଆରେ ବିଜେଡି ସୁପ୍ରିମୋ ନୀବନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି ଯେ ଗଞ୍ଜାମ ଜିଲ୍ଲା ପାଇଁ ସେ ସ୍ୱତନ୍ତ୍ର ଦାୟିତ୍ୱ ନିଅନ୍ତୁ ଓ ଦଳର ସଂଗଠନକୁ ସୁଦୃଢ଼ କରନ୍ତୁ। ସେହିପରି ସେ ବିଜେଡିର କୋର୍ ଟିମ୍ ଉପରେ ବର୍ଷିଛନ୍ତି।

# ଇନ୍‌ଟାକ୍ ବାଲେଶ୍ୱର ଚାପ୍‌ଟାରେ ଦ୍ୱାରା ସର୍ବ ଭାରତୀୟ ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତା



ବାଲେଶ୍ୱର, ୧୧/୧ (ନି.ପ୍ର): ଇନ୍‌ଟାକ୍ ଚାପ୍‌ଟାର ଦ୍ୱାରା 'Tree of life' ଶିର୍ଷକ ଏକ ପ୍ରବନ୍ଧ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ବାଲେଶ୍ୱର ଗୁରୁ ଓ କାରୁକଳା ମହା ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଅଛି । ବାଲେଶ୍ୱରର ୯ଟି ବିଦ୍ୟାଳୟରୁ ୭ମରୁ ୯ମ ଶ୍ରେଣୀରେ ଅଧ୍ୟୟନ କରୁଥିବା ୫୩ ଜଣ ପ୍ରତିଯୋଗୀ ଉକ୍ତ ସର୍ବଭାରତୀୟ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିଥିଲେ। ଉକ୍ତ ପ୍ରତିଯୋଗିତା ଇନ୍‌ଟାକ୍ ନୂଆଦିଲ୍ଲୀ ଦ୍ୱାରା ସାରା ଭାରତବର୍ଷରେ ଅନୁଷ୍ଠିତ ହେଉଅଛି । ପ୍ରତିଯୋଗୀ ମାନଙ୍କର କଳାକୃତୀ ଏବଂ ପ୍ରବନ୍ଧ ସର୍ବଭାରତୀୟ ସ୍ତରରେ ବିକଶିତ ହୋଇ ଦେଶର ଶ୍ରେଷ୍ଠ ଦଶଜଣଙ୍କୁ ସର୍ବଭାରତୀୟ ବିଜେତା ଘୋଷଣା କରାଯିବ ଏବଂ ୧୦୦ ଜଣ ପ୍ରତିଯୋଗୀଙ୍କୁ ଆଞ୍ଚଳିକ ୫୦ଜଣ ଘୋଷଣା କରାଯିବ, ପ୍ରତିଯୋଗୀ ମାନଙ୍କୁ ଇନ୍‌ଟାକ୍ ବାଲେଶ୍ୱର ଚାପ୍‌ଟାରର ଆବାହକ ଶ୍ରୀ ଉଦୟ ରଞ୍ଜନ ଦାସ ଉଦ୍‌ବୋଧନ ଦେବା ସହ ବାଲେଶ୍ୱରର ପ୍ରତିଯୋଗୀ ମାନଙ୍କର ଗୁଣାତ୍ମକ ମାନ ଅତ୍ୟନ୍ତ ଉଚ୍ଚକୋଟୀର ବୋଲି ମତପ୍ରକାଶ କରିଥିଲେ । ମୁଖ୍ୟବକ୍ତା ବିଶିଷ୍ଟ ପରିବେଶବିତ ତଥା ଇନଟାକ୍‌ର ସଭ୍ୟ ଶ୍ରୀ ସ୍ୱପନ କୁମାର ମହାପାତ୍ର ବୃକ୍ଷର ପରିବେଶ ନିୟନ୍ତ୍ରଣରେ ଭୂମିକା ସମ୍ବନ୍ଧରେ ଏକ ସାରଗର୍ଭକ ବିବରଣୀ ଦେଇଥିଲେ ଇନ୍‌ଟାକ୍‌ର ଅତିରିକ୍ତ ସହ ଆବାହକ ସୁଶ୍ରୀ ଅର୍ଚ୍ଚନା ନନ୍ଦୀ ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଇନଟାକର ବିଭିନ୍ନ କାର୍ଯ୍ୟକଳାପର ସଂକ୍ଷିପ୍ତ ସୂଚନା ଦେଇଥିଲେ । ଉକ୍ତ ପ୍ରତିଯୋଗୀତା ଇନ୍‌ଟାକ୍‌ର ଅନ୍ୟତମ ଶ୍ରୀ ନିକୁଞ୍ଜ ବିହାରୀ ଦାସ ଏବଂ ମହାବିଦ୍ୟାଳୟର ଅଧାପିକା, ଅଧାପକ ମାନଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଇନଟାକର ବରିଷ୍ଠ ସଭ୍ୟ ସୌରଭ କୁମାର ବେହେରା, ହରେନ୍ଦ୍ର ରଣା, ଡ. ଦେବାଶିଷ ମିଶ୍ର, ଶ୍ରୀମତୀ ଗିରିଜା ମିଶ୍ର, ସତ୍ୟନାରାୟଣ ନନ୍ଦ, ଶୀତାକଣ୍ଠ ଦିକ୍ଷିତ୍ କାର୍ଯ୍ୟକ୍ରମ ପରିଚାଳନାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।

# କଂଗ୍ରେସ ପକ୍ଷରୁ ଗାନ୍ଧୀ ପ୍ରତିମୂର୍ତ୍ତି ତଳେ ସାଙ୍କେତିକ ପ୍ରତିବାଦ



ବାଲେଶ୍ୱର , ୧୧/୧ (ନି.ପ୍ର): ମନରେଗା କେବଳ ଏକ ଯୋଜନା ନୁହେଁ, ବରଂ ନିଶ୍ଚିତ ଶ୍ରମ ଅଧିକାରର ଏକ ବିଚାର । ଏହାକୁ କଦାପି ବନ୍ଦ କରିବାକୁ ଦିଆଯିବ ନାହିଁ ବୋଲି କଂଗ୍ରେସ ପକ୍ଷରୁ ହୁଙ୍କାର ଦିଆଯାଇଛି । ବାଲେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଆଜି ସ୍ଥାନୀୟ ସିନେମା ଛକସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଦିନିକିଆ ଉପବାସ ଓ ସାଙ୍କେତିକ ପ୍ରତିବାଦ ପ୍ରଦର୍ଶିତ ହୋଇଛି । ମନରେଗା ବଞ୍ଚାଅ ସଂଗ୍ରାମ ଏବେଠାରୁ ଆରମ୍ଭ ହେଲା ବୋଲି ଦଳ ପକ୍ଷରୁ କୁହାଯାଇଛି । ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପ୍ରତିବାଦରେ ଶ୍ରୀ ଦାସ କହିଲେ ଯେ ମନରେଗାକୁ ଉଚ୍ଛେଦ କରି ମହାତ୍ମା ଗାନ୍ଧୀଙ୍କ ବଦଳରେ ନାଥୁରାମ୍ ଙ୍କ ନାମରେ ବିଭି ଜି ରାମ ଜି ଯୋଜନା କରାଯାଇଛି । ପୂର୍ବରୁ କେନ୍ଦ୍ର ସରକାର ମନରେଗା ରେ ୯୦ ପ୍ରତିଶତ ଅଂଶଧନ ଦେଉଥିବା ବେଳେ ଏବେ କେନ୍ଦ୍ରର ବିଜେପି ସରକାର ୬୦ ପ୍ରତିଶତ ଅଂଶଧନ ଦେବେ । ଫଳରେ ଓଡିଶା ଭଳି ଗରିବ ରାଜ୍ୟ ବର୍ଷକୁ ୨ ହଜାର କୋଟି କ୍ଷତି ସହିବ । ଏହାକୁ କଂଗ୍ରେସ ତୀବ୍ର ବିରୋଧ କରୁଛି । ଏହି ପ୍ରତିବାଦରେ ଅନ୍ୟମାନଙ୍କ ମଧ୍ୟରେ ତୁଷାରକାନ୍ତି ତପସ୍ୱୀ, ବିଜୟ ମହାନ୍ତି, ନିଶିଥ ବାରିକ, ଦେବଦତ୍ତ ଦାସ, ଅନୁପ ସ୍ୱାଇଁ, କହ୍ନେଇ ବେହେରା, ନିରଞ୍ଜନ ବେହେରା, ଆଶିଷ ପଟ୍ଟନାୟକ, ସେଖ ଭୋଲା, ନାରୀନେତ୍ରୀ ଜ୍ୟୋତ୍ସ୍ନା ସେନାପତି, ବାସନ୍ତୀ ନାୟକଙ୍କ ସମେତ ବହୁ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ ।

# ଶହୀଦ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ




ବାସୁଦେବପୁର, ୧୧/୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ରାଜଘର ପୋଖରୀ ଠାରେ ଭାରତୀୟ ସ୍ଥଳ ସେନା ସିପାହୀ ଶହୀଦ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ର ୧୩ ତମ ସ୍ମୃତି ଚାରଣ ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ଅବସରପ୍ରାପ୍ତ ସୈନିକ କଲ୍ୟାଣ ସଂଘର ସମ୍ପାଦକ କୈଳାସ ଚନ୍ଦ୍ର ନାଥ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ବାସୁଦେବପୁର ତହସିଲଦାର ପ୍ରିୟବ୍ରତ ଦାସ, ଭଦ୍ରକ ତ୍ୟାଗଭୂମିର ସଭାପତି ଅଜୟ ନାୟକ, ଶହୀଦ ତୀର୍ଥଯାତ୍ରୀ ସଂଘର ପ୍ରତିଷ୍ଠାତା ତଥା ସାମ୍ୟବାଦୀ ନେତା ତ୍ରୈଲୋଚନ ଜେନା, କବି ସାହିତ୍ୟିକ ସୁଧାଂଶୁ ଶେଖର ମିଶ୍ର, କବି ଶ୍ରୀ ଗୋବିନ୍ଦ,ରାଜଘର ପୋଖରୀ ସରପଞ୍ଚ ଅରୁଣ କୁମାର ମହାନ୍ତି, ନାଟ୍ୟକାର ବିଜୟ ଦାସ, ବରିଷ୍ଠ ନେତା ରମେଶ ଚନ୍ଦ୍ର ବଳ, ସମାଜ ସେବୀ ଭୋଳାନାଥ ନାୟକ, ଅବସରପ୍ରାପ୍ତ ସୈନିକ କଲ୍ୟାଣ ସଂଘର ସଭାପତି ଶରତ ନାୟକ ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗଦେଇ ଶହୀଦ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ଜୀବନର ଦେଶପ୍ରେମ ଓ ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ। ଏହି ଉତ୍ସବରେ ଶହୀଦ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା। ବନମାଳି ପରିଡା ରାଷ୍ଟ୍ରୀୟ ଧ୍ୱଜ ଉତ୍ତୋଳନ କରିଥିଲେ। ସୈନିକ ସଙ୍ଗଠନ ପକ୍ଷରୁ ତ୍ରିଲୋଚନ ରାୟ, ଗୟାଧର ମାଝି,ରତିକାନ୍ତ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଧୀରେନ୍ଦ୍ର କୁମାର ନାୟକ ଏହି ଉତ୍ସବକୁ ପରିଚାଳନା କରିଥିଲେ। କବି ଅଚ୍ୟୁତାନନ୍ଦ ପାଢ଼ୀ ଏହି ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ। ପରେଶ କୁମାର ସାହୁ, ପ୍ରକାଶ ରାଉତ, ଅଜୟ ସୂତାର, ବିଦ୍ୟୁତ୍ ନାୟକ ଓ ଅନ୍ୟାନ୍ୟ ଭାଇ ବନ୍ଧୁ ସହଯୋଗ କରିଥିଲେ। ପ୍ରଭଞ୍ଜନ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପାରାଦ୍ୱୀପ ପୋର୍ଟ ହାଇସ୍କୁଲ ୨୦୦୩ ବ୍ୟାଚର ବନ୍ଧୁ ମିଳନ



ପାରାଦ୍ୱୀପ, ୧୧/୧ (ନି.ପ୍ର): ପାରାଦ୍ୱୀପ ପୋର୍ଟ ହାଇସ୍କୁଲ ୨୦୦୩ ବ୍ୟାଚର ବନ୍ଧୁ ମିଳନ ଜାନୁଆରୀ ୧୧ ତାରିଖ ଦିନ ଅନୁଷ୍ଠିତ ହୋଇଥିଲା । ଏ ବର୍ଷ ବନ୍ଧୁ ମାନେ ପ୍ରତିକୂଳ ପାଗ ସତ୍ତ୍ୱେ ଭୁବନେଶ୍ୱରର ଜୟଦେବ ବଟିକା ଠାରେ ଏକତ୍ରିତ ହୋଇ ସ୍କୁଲ ଜୀବନର ସ୍ମୃତିକୁ ରୋମନ୍ତନ କରିଥିଲେ । ଏଥିରେ ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ବନ୍ଧୁ ଓ ବାନ୍ଧବୀ ମାନେ ଅଂଶଗ୍ରହଣ କରି ବିଦ୍ୟାଳୟରେ ଅଧ୍ୟୟନ ସମୟର ଅଭିଜ୍ଞତା ବାଣ୍ଟିଥିଲେ। ନିଜର କର୍ମମୟୀ ଜୀବନରୁ କିଛି ସମୟ ବାହାର କରି ବନ୍ଧୁ ଓ ବାନ୍ଧବୀ ମାନେ ନିଜ ପରିବାର ସହିତ କେବଳ ବନ୍ଧୁ ମିଳନକୁ ଉପଭୋଗ କରିବାକୁ ଆସିନଥିଲେ ବରଂ ସେମାନଙ୍କର ଏହି ମିଳନ ସେମାନଙ୍କ ପିଲା ମାନଙ୍କୁ ଏକ ନିବିଡ ସମ୍ପର୍କ ସମ୍ବନ୍ଧରେ ଶିକ୍ଷା ଦେଇଥିଲା। ଅତୀତର ସ୍ମୃତି ଓ ଭବିଷ୍ୟତର ସ୍ୱପ୍ନ ରୂପାୟିତ ହେବା ବୋଲି ବନ୍ଧୁ ମିଳନରେ ଆଶାପ୍ରକଟ କରାଯାଇଛି। ପ୍ରତି ବର୍ଷ ବନ୍ଧୁ ମିଳନ କାର୍ଯ୍ୟକ୍ରମକୁ ନିରନ୍ତର ଭାବରେ ଆୟୋଜନ କରିବା ପାଇଁ ନିଷ୍ପତି ନିଆଗଲା । ଦୀର୍ଘ ସମୟ ପର୍ଯ୍ୟନ୍ତ ବନ୍ଧୁ ମିଳନରେ ରହି ସନ୍ଧ୍ୟାରେ ଫେରିବା ବେଳକୁ ଚଳିତ ବର୍ଷ ସମ୍ଭାବନାର ବର୍ଷ ହେଉ ବୋଲି ଆଶା କରିବା ସହିତ ଆସନ୍ତା ବର୍ଷ ପୁଣି ଥରେ ଏକାଠି ହେବାର ପ୍ରତିଶ୍ରୁତି ଦେଇ ଲୋତକ ଭରା ଆଖିରେ ପରସ୍ପରକୁ ବିଦାୟ ଦେଇଥିଲେ । ବିଦାୟ ନେଲାବେଳେ ସତେ ଯେପରି ସେମାନେ ଅନିଚ୍ଛା ସତ୍ତ୍ୱେ ବିଦାୟ ନେଉଛନ୍ତି ଜଣାପଡୁଥିଲା । ଭୁବନେଶ୍ୱରଠାରେ ବନ୍ଧୁ ମିଳନ କାର୍ଯ୍ୟକ୍ରମକୁ ଅନିରୁଦ୍ଧ ବିଶ୍ୱାଳ,ବିଷ୍ଣୁ ପ୍ରିୟା ମଲ୍ଲିକ, ଦୀପ୍ତି ରଞ୍ଜନ ପ୍ରଧାନ, ପଲ୍ଲିଶ୍ରୀ ଦସ, ସଂଯୁକ୍ତା ସାହୁ, ସୁଧାଂଶୁ ଶେଖର ବଳ ଆଦି ବନ୍ଧୁ ମାନେ ଆୟୋଜନ କରିଥିଲେ ।

# ସାନପାଟପୁର ନୋଡାଲ୍ ଉଚ୍ଚ ବିଦ୍ୟାଳୟରେ ହୀରକ ଜୟନ୍ତୀ ଉଦ୍‌ଯାପିତ




ନୀଳଗିରି, ୧୧/୧ (ନି.ପ୍ର): ନୀଳଗିରି ଉପଖଣ୍ଡ ଔପଦା ବ୍ଲକ୍ ବାଉଁଶବଣିଆ ପଞ୍ଚାୟତ ଅଧୀନ ସାନପାଟପୁର ନୋଡାଲ୍ ଉଚ୍ଚ ବିଦ୍ୟାଳୟରେ ହୀରକଜୟନ୍ତୀ ସମାରୋହ ମହାଆଡ଼ମ୍ବରରେ ଉଦଯାପିତ ହୋଇଯାଇଛି । ଦୁଇଦିନ ଧରି ଅନୁଷ୍ଠିତ ଏହି ଉତ୍ସବରେ ବିଦ୍ୟାଳୟର ପୁରାତନ ଛାତ୍ରସଂସଦ ସଭାପତି ଡ. ଉପେନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ଉତ୍ସବର ଦ୍ୱିତୀୟ ତଥା ସାନ୍ଧ୍ୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ଓଡିଶା ସରକାରଙ୍କ ମାନ୍ୟବର ଉଚ୍ଚଶିକ୍ଷା, କ୍ରୀଡା, ଯୁବବ୍ୟାପାର ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟାବଂଶୀ ସୁରଜ ଯୋଗଦେଇ ଜଗନ୍ନାଥଙ୍କ ଫୋଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତସଂଗୀତ ପରିବେଷଣ କରାଯାଇଥିଲା। ପରେ ଶିକ୍ଷାନୁଷ୍ଠାନର ପୁରାତନ ଛାତ୍ରଙ୍କ ଦ୍ୱାରା ଅତିଥିପରିଚୟ ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ନିଜ ଅଭିଭାଷଣରେ ପିଲାଙ୍କ ଭବିଷ୍ୟତ ଉଜ୍ଜଳ କାମନା କରିଥିଲେ। ସମ୍ମାନିତ ଅତିଥିଭାବେ ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ, ସଂଗଠନ ସମ୍ପାଦକ ଜନ୍ମେଜୟ ପଟ୍ଟନାୟକ, ସାଂସ୍କୃତିକ ସମ୍ପାଦକ ଅମୃତାଂଶୁ ପଟ୍ଟନାୟକ ପ୍ରମୁଖ ମଞ୍ଚାସିନ ଥାଇ ନିଜନିଜର ମତ ରଖିଥିଲେ। ଅନୁରୂପ ଭାବେ ତୃତୀୟ ଅଧିବେଶନରେ ଚାନ୍ଦିପୁର ଡି.ଆର.ଡି.ଓ ର ବୈଜ୍ଞାନିକ ତଥା ଅତିରିକ୍ତ ନିର୍ଦ୍ଦେଶକ ଡ. ନୀଳାଦ୍ରି ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଜର ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ସୁବର୍ଣ୍ଣଶ୍ରୀ ପ୍ରକାଶନୀ ର ଡ. କାଳିପଦ ପଣ୍ଡା, ସମ୍ମାନୀତ ଅତିଥି ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ଚିତ୍ତରଞ୍ଜନ ଷଡ଼ଙ୍ଗୀ, ସୁକାନ୍ତ ନାୟକ, ମୁଖ୍ୟ ଉପଦେଷ୍ଟା ସ୍ଥାନୀୟ ସରପଞ୍ଚ ନିରଞ୍ଜନ ବାରିକ, ଉପସଭାପତି ଅନିରୁଦ୍ଧ ବେହେରା, ବିଶିଷ୍ଟ ଲେଖକ ତଥା କବି ଶରତ ଚନ୍ଦ୍ର ମହାପାତ୍ର ମଞ୍ଚାସିନ ଥାଇ ନିଜନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଡ. ଉପେନ୍ଦ୍ରନାଥ ପାତ୍ର ସଭାପତିତ୍ୱ କରିଥିଲା ବେଳେ ସଂପାଦକ ଦୀପକ କୁମାର ବେହେରା ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀକାନ୍ତ ମଲ୍ଲିକ ଓ ପୁରାତନ ଶିକ୍ଷକ ହୃଷିକେଶ ପଣ୍ଡା ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଉପେନ୍ଦ୍ର ସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ କପିଳେନ୍ଦ୍ର ଭୂୟାଁ, ଜନ୍ମେଜୟ ପଟ୍ଟନାୟକ, ବିଦ୍ୟାଧର ପ୍ରଧାନ, ଦେବାଶିଷ ପାଣି, ଶନୈଷ୍ଟ ରଞ୍ଜନ ବେହେରା, ମନୋରଞ୍ଜନ ମହାନ୍ତି, ଜ୍ୟୋତିଶ୍ରୀ ପାଣି ପ୍ରମୁଖ ବିଦ୍ୟାଳୟର ବହୁ ପୁରାତନଛାତ୍ର/ଛାତ୍ରୀ ଉପସ୍ଥିତ ଥାଇ ପରିଚାଳନାରେ ସହଯୋଗ କରିଥିଲେ।

# ମେଗା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ: ୨୫୦ ରୋଗୀଙ୍କୁ ମିଳିଲା ମାଗଣା ଚିକିତ୍ସା ସେବା ଓ ଔଷଧ



ବାଲେଶ୍ୱର, ୧୧/୧ (ନି.ପ୍ର): ବାଲେଶ୍ୱର ସହର ସ୍ଥିତ ଷ୍ଟେସନ କ୍ଲବ ପରିସରରେ ସ୍ୱର୍ଗତ ବିକ୍ରମ ମିଶ୍ର ଓ ସଞ୍ଜୀବ ନାରାୟଣ ନନ୍ଦଙ୍କ ସ୍ମୃତିରେ ରବିବାର ଏକ ମେଗା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଉତ୍କଳ ମେଡିକାଲ ଆଙ୍କୋଲୋଜି କେୟାର ଫାଉଣ୍ଡେସନ ଏବଂ ଚେରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଏହି ଶିବିର ଆୟୋଜିତ ହୋଇଥିଲା । ଏଥିରେ ବିଭିନ୍ନ ବିଭାଗ ପାଇଁ ୨୫୦ ଜଣ ରୋଗୀ ନାମ ପଞ୍ଜିକରଣ କରିଥିଲେ । ସେମାନଙ୍କୁ ମାଗଣା ଚିକିତ୍ସା ସେବା ସହ ଔଷଧ ପ୍ରଦାନ କରାଯାଇଥିଲା । ମୁଖ୍ୟଅତିଥି ଭାବେ ସମାଜସେବୀକା ମଞ୍ଜୁଳା ନନ୍ଦ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ । ଆଙ୍କୋଲୋଜି ବିଭାଗର ଡାକ୍ତର ସୌରଭ କୁମାର ମିଶ୍ର, କାର୍ଡିଓଲୋଜି ବିଭାଗର ଡାକ୍ତର ମାନଭଞ୍ଜନ ଜେନା, ଗ୍ୟାଷ୍ଟ୍ରୋଲୋଜି ବିଭାଗ ବିଭାଗର ଡାକ୍ତର ଆଲୋକ ମନ୍ତ୍ରୀ, ୟୁରୋ ନେଫ୍ରୋଲୋଜି ବିଭାଗ ବିଭାଗର ଡାକ୍ତର ଗୌତମ ମିଶ୍ର, ଇଏନ୍‌ଟି ବିଭାଗର ଡାକ୍ତର ଗିରିଜା ଶଙ୍କର ମହନ୍ତ, ଡେଣ୍ଟାଲ ବିଭାଗର ଡାକ୍ତର ନିଳାଦ୍ରୀ ବେହେରା, ଚକ୍ଷୁରୋଗ ବିଶେଷଜ୍ଞ ଡାକ୍ତର ଅଭିଷେକ ଗାଙ୍ଗୁଲି ପ୍ରମୁଖ ଏହି ଶିବିରରେ ଉପସ୍ଥିତ ରହି ସମସ୍ତ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ଦେଇଥିଲେ । ଅରୂପ ମହାନ୍ତିଙ୍କ ସମେତ ଟ୍ରଷ୍ଟର ସମସ୍ତ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ପୁନେରେ ଅନୁଷ୍ଠିତ ହେବାକୁ ଯାଉଛି ଉତ୍କଳ ପ୍ରିମିୟର ଲିଗ୍ ୟୁପିଏଲ ୬

ବୈଶିଙ୍ଗା , ୧୧/୧ (ନି.ପ୍ର): ବୈଶିଙ୍ଗା ମାଟିର ସୁଯୋଗ୍ୟ ସନ୍ତାନ ଦେବାଶିଷ ସେନାପତିଙ୍କ ପ୍ରମେଷ୍ଟାରେ ଓଡିଆ ଅସ୍ମିତା କୁ ଗୁରୁତ୍ୱ ଦେଇ ମହାରାଷ୍ଟ୍ର ପୁନେର କ୍ରିକେଟ ପ୍ରେମୀ ଯୁବକମାନଙ୍କୁ ନେଇ ଗଠିତ ଓଡ଼ିଶା ଜଗରନଟସ କ୍ରିକେଟ କ୍ଲବ୍ ଦ୍ୱାରା ଆସନ୍ତା ଜାନୁଆରୀ ୧୭ରୁ ୨୫ ତାରିଖ ମଧ୍ୟରେ ପୁନେ ସହରର ହଡପସର ଅଞ୍ଚଳରେ ଥିବା ୱାରିଆର୍ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବାକୁ ଯାଇଛି ଉତ୍କଳ ପ୍ରୀମିଅର୍ ଲିଗ୍ ବା ୟୁପିଏଲ୍ ସିଜନ୍ ୬ । ଏଥି ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଗତ ସମସ୍ତ ସିଜନ୍ ଅପେକ୍ଷା ଏଥର ବୃହତ୍ ଆକାରରେ ଏ ବର୍ଷର ଟୁର୍ଣ୍ଣାମେଣ୍ଟଟିକୁ ଆୟୋଜନ କରାଯିବ ବୋଲି ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି। ପୁନେ, ମୁମ୍ବାଇ, ସୁରଟ, ବେଙ୍ଗାଲୁରୁ ଏପରିକି ଓଡ଼ିଶାର ଅନେକ ସହରରେ ରହୁଥିବା ଓଡ଼ିଆ ଖେଳାଳୀ ମାନେ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେବେ ବୋଲି ଜଣା ପଡିଛି। ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ବିଭିନ୍ନ ପ୍ରମୁଖ ସହର ନାମରେ ନାମିତ ବ୍ରହ୍ମପୁର ବ୍ଲାଷ୍ଟରସ୍, ବାଲେଶ୍ୱର ବୁଲସ, ଭୁବନେଶ୍ୱର ସୁପର ଚାର୍ଜର୍ସ,ପୁରୀ ସ୍ଲଗରସ୍, ଖୋର୍ଦ୍ଧା ଲେଜେଣ୍ଡ୍ସ, ମୟୂରଭଞ୍ଜ ମାର୍ବଲସ, ଭଦ୍ରକ ଫାଇଟରସ୍, ଜଗତସିଂହପୁର ୱାରିୟରସ୍, ଯାଜପୁର ଯାଗୁଆରସ୍, କେନ୍ଦ୍ରାପଡ଼ା କିଙ୍ଗସ୍, କୋଣାର୍କ ସନ୍ ରାଇଜରସ, ମୁମ୍ବାଇ ଓଡ଼ିଶା କ୍ରେଜି ବଏସ, କଟକ କୋବ୍ରାସ୍, ରାଉରକେଲା ବ୍ଲାଷ୍ଟରସ୍, ବଲାଙ୍ଗୀର ଟାଇଟନସ୍, ବରଗଡ଼ ଡାଇମଣ୍ଡସ୍ ପ୍ରଭୃତି ୧୬ଟି ଦଳ ଅଂଶଗହଣ କରିବେ ବୋଲି ସୂଚନା ମିଳିଛି। ମହାରାଷ୍ଟ୍ର କ୍ରିକେଟ ଆସୋସିଏସନ ଦ୍ୱାରା ପ୍ରମାଣିତ ଅମ୍ପାୟାର ମାନଙ୍କ ଦ୍ୱାରା ପରିଚାଳିତ ହେବାକୁ ଥିବା ଏହି ମ୍ୟାଚ ଗୁଡ଼ିକ ଦିବାରାତ୍ର ଖେଳା ଯିବା ସହିତ ୟୁଟ୍ୟୁବ ମାଧ୍ୟମରେ ସିଧା ପ୍ରସାରଣ କରାଯିବ ବୋଲି ଅନୁଷ୍ଠାନ ତରଫରୁ ସୂଚନା ମିଳିଛି। ଓଡ଼ିଆ ଖେଳାଳି ମାନଙ୍କୁ ନେଇ ହେଉଥିବା ଏହି ଖେଳକୁ ଦେଖିବାପାଇଁ ପୁନେର ପ୍ରବାସୀ ଓଡିଆମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ସୃଷ୍ଟି ହେଉଥିବା ପରିଲକ୍ଷିତ ହୋଇଛି। ଓଡ଼ିଆ ଖେଳାଳିଙ୍କ ଖେଳକୁ ଉପଭୋଗ କରିବା ସହିତ ଓଡ଼ିଆ ଖାଦ୍ୟପଦାର୍ଥର ମଜା ନେବା ପାଇଁ ବିଭିନ୍ନ ଫୁଡ୍ ଷ୍ଟଲ୍ ଗୁଡ଼ିକର ମଧ୍ୟ ଆୟୋଜନ କରାଯିବ।

## ପୂର୍ବତନ ବିଧାୟକ ସ୍ୱର୍ଗତ ଅକ୍ଷୟ ଆଚାର୍ଯ୍ୟଙ୍କ ଏକାଦଶାହରେ ନୀଳଗିରି କଂଗ୍ରେସର ସ୍ମୃତି ଓ ଶ୍ରଦ୍ଧାଞ୍ଜଳି ସଭା



ନୀଳଗିରି , ୧୧/୧ (ନି.ପ୍ର): ନୀଳଗିରି କଂଗ୍ରେସର ବରିଷ୍ଠନେତା ତଥା ଦୁଇଦୁଇଥରର ବିଧାୟକ ସ୍ୱର୍ଗତ ଅକ୍ଷୟ କୁମାର ଆଚାର୍ଯ୍ୟଙ୍କ ଏକଦଶାହ ଅବସରରେ ଆଜି ଅପରାହ୍ନ ୩ ଘଟିକା ସମୟରେ ନୀଳଗିରି କଂଗେସଭବନ ପରିସରରେ କଂଗ୍ରେସର ଯୁବନେତା ତପନ ରାଉତଙ୍କ ଆବାହକତ୍ୱରେ ଏକ ସ୍ମୃତି ଓ ଶ୍ରଦ୍ଧାଞ୍ଜଳିସଭା ଅନୁଷ୍ଠିତ ହୋଇଯାଇଛି। ଏଥିସହ ବରିଷ୍ଠ କଂଗ୍ରେସନେତା ସ୍ୱର୍ଗତ ଲକ୍ଷ୍ମୀକାନ୍ତ ପରିଡ଼ାଙ୍କ ପାଇଁ ମଧ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।ପୂର୍ବତନ ନୀଳଗିରି କଂଗ୍ରେସ ବ୍ଲକ ସଭାପତି ମନୋରଞ୍ଜନ ପଣ୍ଡା ସଭାପତିତ୍ୱ କରିଥିଲାବେଳେ ପୂର୍ବତନ ସାଂସଦ ତଥା ବରିଷ୍ଠ କଂଗ୍ରେସ ନେତା ଅନନ୍ତ ପ୍ରସାଦ ସେଠୀ, ପୂର୍ବତନ ମନ୍ତ୍ରୀ ଯୁଧିଷ୍ଠିର ଜେନା ଯୋଗଦେଇ ନୀଳଗିରି ପାଇଁ ଅକ୍ଷୟବାବୁଙ୍କ ଦେହାନ୍ତ ଏକ ଅପୂରଣୀୟ କ୍ଷତିବୋଲି ବକ୍ତବ୍ୟ ରଖିଥିଲେ। ପୂର୍ବତନ ସାଂସଦ ଶ୍ରୀଯୁକ୍ତ ସେଠୀ ନିଜ ଅଭିଭାଷଣରେ ଜାନକୀବାବୁ ମୁଖ୍ୟମନ୍ତ୍ରୀ ସମୟରେ ଅକ୍ଷୟବାବୁ ନୀଳଗିରିକୁ ମୋ ଦୁଃଖିନୀ ନୀଳଗିରି କହି ସର୍ବାଙ୍ଗୀନ ଉନ୍ନତିର କଥା କହୁଥିଲେ। ତେଣୁ ତାଙ୍କର ନୀଳଗିରି ପ୍ରତି କେତେ ଦରଦଥିଲା ଏଥିରୁ ଅନୁମେୟ।ପୂର୍ବତନ ପି ସି ସି ସଭାପତି ତଥା ମନ୍ତ୍ରୀ ଜୟଦେବ ଜେନା ଅକ୍ଷୟବାବୁଙ୍କ ସ୍ମୃତିଚାରଣ କରି ନୀଳଗିରି ର ଯେତେ ଶିକ୍ଷାନୁଷ୍ଠାନ ହୋଇଛି,ତାହା ଅକ୍ଷୟବାବୁଙ୍କ ଜିଦ୍ଧି ପାଇଁ ସମ୍ଭବ ହୋଇଥିବା ଉଲ୍ଲେଖ କରିଥିଲେ। ସ୍ୱର୍ଗତ ଅକ୍ଷୟବାବୁଙ୍କ ପାଇଁ ନୀଳଗିରିର ବହୁବିଧ ଉନ୍ନତି ହୋଇଥିବା ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ମତପ୍ରକାଶ ପାଇଥିଲା। ତେଣୁ ତାଙ୍କୁ ବିକାଶପୁରୁଷ କହିବାର ଯଥାର୍ଥତା ରହିଛି। ଉକ୍ତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଯୁଧିଷ୍ଠିର ଜେନା, ରେମୁଣା ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ,ସୋର କଂଗ୍ରେସ ବିଧାୟକ ପ୍ରାଥୀ ସୁବ୍ରତ ଧଡ଼ା, ସୋରର ପୂର୍ବତନ ବ୍ଲକ ଅଧକ୍ଷ ନରନାରାୟଣ ଜେନା, ପୂର୍ବତନ ବିଧାୟକପ୍ରାର୍ଥୀ ଦୀପ୍ତିକାନ୍ତ ମହାପାତ୍ର, ସଦାଶିବ ରଥ, ବିଶ୍ୱନାଥ ଦାସ, ବୀଣା ଅପା, ଯୋଗେଶ୍ୱର ବେହେରା, ଉପେନ୍ଦ୍ରବେହେରା,ରଞ୍ଜନଦାସ ,ସୁରେନ୍ଦ୍ରଦାସ,ଯଶୋଦା ନନ୍ଦନ ସିଂହ, ଆଶିଷ ପଟ୍ଟନାୟକ,କିଷାନ କଂଗ୍ରେସର ଅରୁଣ ଜେନା, ରାମକୃଷ୍ଣ ଜେନା,ରାହାସ ବିହାରି ମହାପାତ୍ର , ଅଶ୍ୱିନୀ ପାତ୍ର, ଦୈତାରି ମହାଲିକ, ପ୍ରଦୀପ ବେହେରା, ପତିତ ପାବନ ଦାସ,ବସନ୍ତ ମହାପାତ୍ରଙ୍କ ସମେତ ଶତାଧିକ ବରିଷ୍ଠ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ସାଲିଆ ସାହିରେ ଅବକାରୀ ବିଭାଗର ବଡ଼ଧରଣର ରେଡ୍

ଭୁବନେଶ୍ୱର, ୧୧/୧ (ନି.ପ୍ର): ଭୁବନେଶ୍ୱର ସାଲିଆସାହିରେ ପୁଣି ବେଆଇନ୍ ଦେଶୀ ମଦ କାରଖାନା ଠାବ ହୋଇଛି । ପୋଚ ସାଙ୍ଗକୁ ମଦ ପ୍ରସ୍ତୁତ ସାମଗ୍ରୀ ବି ଜବତ ହୋଇଛି। ଭୁବନେଶ୍ୱର ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ଠାବ କରାଯାଇଛି ଏହି ମଦ ଫ୍ୟାକ୍ଟ୍ରି । ଚୋରା ଦେଶୀ ମଦ ଭାଟି ଉପରେ ରେଡ କରୁଛି ଅବକାରୀ ବିଭାଗ । ରେଡରେ ସାମିଲ ଅଛନ୍ତି ଅବକାରୀ ଥାନା ଅଧିକାରୀ, ସ୍ୱତନ୍ତ୍ର ଟିମ । ୬ହଜାରରୁ ଅଧିକ ପୋଚ ନଷ୍ଟ ଏବଂ ୧୦୦୦ଲିଟର ଦେଶୀ ମଦ ନଷ୍ଟ କରାଯାଇଛି । ୬ଟି ଦେଶୀ ମଦ କାରଖାନା ନଷ୍ଟ କରିଛି ଅବକାରୀ ବିଭାଗ ।

## ମଧୁପୁରା ଗ୍ରାମ ପଂଚାୟତର ପୂର୍ବତନ ସରପଞ୍ଚ ସ୍ୱର୍ଗତ ମହେଶ୍ୱର ନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ



ବାଲିଆପାଳ , ୧୧/୧ (ନି.ପ୍ର): ମଧୁପୁରା ପଂଚାୟତ ଅନ୍ତର୍ଗତ ଖାଳଡିହା ଗ୍ରାମ କେନ୍ଦ୍ରସ୍ଥଳୀରେ ଭଗବାନ ଚନ୍ଦ୍ର ଉପ୍ରା ବିଦ୍ୟାଳୟ ସାମ୍ନାରେ ସ୍ୱର୍ଗତ ମହେଶ୍ୱର ନାୟକଙ୍କ ପ୍ରତିମୂର୍ତ୍ତୀ ଆଜି ବସ୍ତା ବିଧାୟିକା ସୁବାସିନୀ ଜେନା ଉନ୍ମୋଚନ କରିଥିଲେ । ସ୍ୱର୍ଗତ ନାୟକ ବାଲିଆପାଳ ବ୍ଲକର ଜଣେ ଜଣାଶୁଣା ସମାଜସେବୀ ଖ୍ୟାତିସମ୍ପନ କଳାକାର ତଥା ଲୋକପ୍ରିୟ ସରପଂଚ ୧୯୭୫ ମସିହାରୁ ୧୯୮୦ ମସିହା ପର୍ଯ୍ୟନ୍ତ ସରପଂଚ ଥିଲେ । ସେ ତାଙ୍କ ଜୀବଦସାରେ ବହୁ ଜନପ୍ରିୟ କାର୍ଯ୍ୟ କରିଆସିଛନ୍ତି । ବାଲିଆପାଳର ଶାରୀରିକ ମହାବିଦ୍ୟାଳୟ,ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ, ମନ୍ଦିର, ମଠ,ଖାଳଡିହା ବିଦ୍ୟାଳୟର ସ୍ଥାପନ ମୂଳଧାର ଅଟନ୍ତି । ବାଲିଆପାଳରେ ପ୍ରଥମ ଚଉଦମାଦଳ, ଛପନ ମାଦଳ, ଯଜ୍ଞ, ମଧୁପୁରା ବାସୁଳୀ ମଣ୍ଡଳ ପରିସରରେ ରଥଯାତ୍ରା,ମଧୁପୁରା ପଂଚାୟତର ଯାତ୍ରା ମଂଚ, ସିମୁଳିଆ ମଇ ସ୍କୁଲରେ ବହୁ କାର୍ଯ୍ୟ କରିଆସିଥିଲେ । ଆଜି ତାଙ୍କର ଏକ ମାତ୍ର ପୁତ୍ର ପ୍ରସିଦ୍ଧ କଳାକାର ଯାତ୍ରା ନିର୍ଦ୍ଦେଶକ ବରେନ୍ଦ୍ର କୁମାର ନାୟକ ଏବଂ ତାଙ୍କ ପୁତ୍ର, ପୁତ୍ରବଧୂ, ଝିଅ ଜ୍ୱାଇଁ,ନାତି ନାତୁଣୀ ମାନେ ତାଙ୍କ ପ୍ରତିମୂର୍ତୀ ଖାଳଡିହାରେ ଉନ୍ମୋଚନ ହୋଇଥିଲା । ଏଥିରେ ଖାଳଡିହା ଗ୍ରାମର ମୁଖ୍ୟ ଶିଶିର କୁମାର ନାୟକ, ତ୍ରିଲୋଚନ ମୁଖୀ,କୁନା ବାଗସିଂ, ସୁନୀଲ ଦଳାଇ,ରବୀନ୍ଦ୍ର ଜେନା, ଝାଡେଶ୍ୱର ପ୍ରଧାନ, ଗୋବିନ୍ଦ ପ୍ରସାଦ ଦାସ,ମନ୍ମଥ ବାରିକ, ଶ୍ରୀପତି ସାହୁ, ମଧୁସୂଦନ ସାହୁ, ବାସନ୍ତୀ ମୁଖୀ, ରଘୁନାଥ ଦାସ, ଗୋପାଳ ଦାସ ପ୍ରମୁଖ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ । ଶେଷରେ ତାଙ୍କର ନାତି ପ୍ରଫୁଲ କୁମାର ନାୟକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ବ୍ଲକ ପରିସର ଉଦ୍ୟାନ ଓ ଓପନ ଜିମର ମଜା ନେବେ ସର୍ବସାଧାରଣ

ଖଇରା, ୧୧/୧ (ନି.ପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ବ୍ଲକ ପରିସରରେ ଏକ ଗ୍ରାମୀଣ ଉଦ୍ୟାନ ପ୍ରତିଷ୍ଠା ପାଇଁ ନିର୍ମାଣ କାର୍ଯ୍ୟ ଜୋର ସୋରରେ ଆଗେଇ ଚାଲିଛି । ବ୍ଲକ ପରିସରରେ ରାଜୀବଗାନ୍ଧୀ ସେବା କେନ୍ଦ୍ର ଓ ପୋଖରୀ ମଧ୍ୟରେ ଥିବା ଖାଲିପଡିଥିବା ସ୍ଥାନରେ ଏହି ଉଦ୍ୟାନ ଶୋଭା ବର୍ଦ୍ଧନ କରିବ । ବ୍ଲକକୁ ଆସୁଥିବା ସମସ୍ତ ଜନସାଧରଣ ଏହାର ମଜା ଓ ସୁବିଧା ନେଇ ପାରିବେ । ବୁଧବାର ଦିନ ଏହି ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଶିଳାନ୍ୟାସ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଦ୍ୱାରା



ଅନୁଷ୍ଠିତ ହୋଇ ଯାଇଛି । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ଓ ବିଡିଓ ନାରାୟଣ ସାହୁ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଗ୍ରାମୀଣ ଉଦ୍ୟାନ ପ୍ରତିଷ୍ଠା,ସୌନ୍ଦର୍ଯ୍ୟକରଣ,ଓପନ ଜିମ, ଯୋଗ ପିଣ୍ଡି, ବ୍ୟାଡମିଟନ କୋର୍ଟ ପାଇଁ ୨୫ଲକ୍ଷ ବ୍ୟୟ ବରାଦ କରିବାକୁ ଲକ୍ଷ ରଖାଯାଇଥିବା ସହକାରୀ ଯନ୍ତ୍ରୀ ବିଭୁତି ଭୁଷଣ ନାୟକ ପ୍ରକାଶ କରିଛନ୍ତି । ଶିତିକଣ୍ଠ ପଣ୍ଡା, ଦୋଲଗୋବିନ୍ଦ ମହାରଥା, ରାଧାକାନ୍ତ ପାତ୍ର, ଅନ୍ୟତମ ସହକାରୀ ଯନ୍ତ୍ରୀ ଉତ୍ତମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଜାତୀୟ ପ୍ରତିଯୋଗିତାରେ ଓଡ଼ିଆ ୱେଟଲିଫ୍ଟରଙ୍କ ସଫଳତା

ଭୁବନେଶ୍ୱର, ୧୧/୧ (ନି.ପ୍ର): ଜାତୀୟ ପ୍ରତିଯୋଗିତାରେ ଓଡ଼ିଆ ୱେଟଲିଫ୍ଟରଙ୍କ ସଫଳତା । ମୋଦି ନଗରରେ ଖେଳାଯାଉଥିବା ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ୱେଟ ଲିଫଟିଙ୍ଗ ଲିଗରେ ଓଡିଶାକୁ ତିନୋଟି ଗୋଲଡ ଏବଂ ଗୋଟିଏ ବ୍ରୋଞ୍ଜ ମିଳିଛି । ଓଡ଼ିଆ ପ୍ରତିଯୋଗୀ ଅଙ୍କିତା ପ୍ରଧାନ ୫୮ କେଜି ବାଳିକା ବର୍ଗରେ ସ୍ୱର୍ଣ୍ଣ ଏବଂ ୟୁଥ ଡିଭିଜନରେ ବ୍ରୋଞ୍ଜ ପଦକ ପଦକ ଜିତିଥିବା ବେଳେ ସ୍ୱାତଲିନା ମହାନ୍ତି ୬୩ କେଜି ବର୍ଗରେ ୟୁଥ ଏବଂ ଜୁନିଅରରେ ଡବଲ ଗୋଲଡ ଜିତିଛନ୍ତି ।

## ଉଦଳାରେ 'ମାତୃନିଳୟ' ପ୍ରତିଷ୍ଠା ଉତ୍ସବ

ଉଦଳା , ୧୧/୧ (ନି.ପ୍ର): ସ୍ଥାନୀୟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଅରୋବିହାର ପରିସରରେ ଚଳିତ ଜାନୁଆରି ୯ ତାରିଖ ଶୁକ୍ରବାର ଓ ୧୦ ତାରିଖ ଶନିବାର ୨ଦିନ ଧରି 'ମାତୃନିଳୟ'ର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇ ଯାଇଛି । ଏହି ଅବସରରେ ଭାରତର ଆଧ୍ୟାତ୍ମିକ ପତାକା ଉତୋଳନ, ମା' ନାମ ଜପ, ଧ୍ୟାନ ଓ ପ୍ରାର୍ଥନା ସହିତ ସାବିତ୍ରୀ ପଠନ ଓ ଆଲୋଚନାଚକ୍ରର ପର୍ବ ଅନୁଷ୍ଠିତ ହୋଇଯାଇଛି । ଅରୋବିହାରରେ କାର୍ଯ୍ୟରତ ସମସ୍ତ ଅପା ଓ ଭାଇ ମିଳିମିଶି ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ପୂର୍ଣ୍ଣ ସହଯୋଗ କରିଥିଲେ ।

## ଏମକେସିଜିରେ ବଢ଼ିବ ୧୯ ପିଜି ସିଟ୍

ଗଞ୍ଜାମ, ୧୧/୧ (ନି.ପ୍ର): ମହାରାଜା କୃଷ୍ଣଚନ୍ଦ୍ର ଗଜପତି(ଏମକେସିଜି) ମେଡିକାଲ କଲେଜରେ ବଢ଼ିବ୧୯ ପିଜି ସିଟ୍। ଏନେଇ ରାଜ୍ୟ ମେଡିକାଲ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ(ଡିଏମଇଟି) ପକ୍ଷରୁ ଚିଠି ମାଧ୍ୟମରେ ଏମକେସିଜି କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। କାର୍ଡିଓଲୋଜି, ବିଭାଗରେ୨, ଟିପିଜିସିଟ, ଏନ୍ ଡ୍ରୋକାଇନଲୋଜି ବିଭାଗରେ୨ ସିଟ୍, ଜେନେରାଲ ସର୍ଜରି ବିଭାଗରେ ୫ ସିଟ୍, ଚକ୍ଷୁ ବିଭାଗରେ ଗୋଟିଏ, ପାଥୋଲଜି ବିଭାଗରେ୨ଟି, ରେଡ଼ିଓ ଥେରାପି ବିଭାଗରେ୫ ଓ ରେସପିରୋଟାରୀ ମେଡିସିନ ବିଭାଗରେ ୨ ପିଜି ସିଟ୍ ବଢିବ ବୋଲି ଚିଠିରେ ଦର୍ଶାଯାଇଛି। ସମୁଦାୟ ୧୯ଟି ପିଜି ସିଟ୍ ବୃଦ୍ଧି ହେବା ନେଇ ଜଣାପଡିଛି।

## ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର 'ରଜତ ଜୟନ୍ତୀ' ପାଳନ ପାଇଁ ସ୍ୱତନ୍ତ୍ର ଅଧିବେଶନ

ଭଦ୍ରକ, ୧୧/୧ (ନି.ପ୍ର): ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର 'ରଜତ ଜୟନ୍ତୀ' ପାଳନ ଉପଲକ୍ଷେ ସ୍ୱତନ୍ତ୍ର ଅଧିବେଶନ ସଭାପତି ଅବସରପ୍ରାପ୍ତ କମିଶନର ଦିଗମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ସଂଘର ସମାବେଶ କେନ୍ଦ୍ର 'ନିତ୍ୟାନନ୍ଦ ଭବନ' କୁଆଁସ ଠାରେ ଅନୁଷ୍ଠିତ ହେଇଥିଲା। ସଭାପତି, କାର୍ଯ୍ୟକାରୀ ସଭାପତି ଉଦୟ ନାଥ ମହାନ୍ତି, ଉପସଭାପତି ଶାନ୍ତନୁ କୁମାର ରାଉତ, ଉପଦେଷ୍ଟା ଅନାଦି ଚରଣ ଦାସ, ବରିଷ୍ଠ ସଦସ୍ୟ ଡ. ମନୀନ୍ଦ୍ର ମହାନ୍ତି, ସାଧାରଣ ସଂପାଦକ ପ୍ରଭାକର ମଲ୍ଲିକ, ଯୁଗ୍ମ ସଂପାଦକ ଅଜିତ କୁମାର ନାୟକ, କରୁଣାକର ଉପାଧ୍ୟାୟ ମଞ୍ଚାସୀନ ଥିଲେ। ସଂଘ ୧୯୯୫ ମସିହାରୁ ପଞ୍ଜିକୃତ, ଅଦ୍ୟାବଧି ୨୫ ବର୍ଷ ଅତିକ୍ରମ କରିଥିବାରୁ କର୍ମକର୍ତ୍ତାଙ୍କ ଆଲୋଚନା ପରେ ସର୍ବ ସମ୍ମତିକ୍ରମେ ଆସନ୍ତ ଫେବୃୟାରୀ ୨୨ ତାରିଖରେ ସଂଘର 'ରଜତ ଜୟନ୍ତୀ' ଉତ୍ସବ ପାଳନ ହେବାର ସ୍ଥିର ହେଲା। ଉତ୍ସବରେ ଅତିଥି ଭାବରେ ଭଦ୍ରକର ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଓ ବିଶିଷ୍ଟ ବକ୍ତାଙ୍କୁ ଯୋଗଦାନ ପାଇଁ ଆମନ୍ତ୍ରଣ କରାଯିବାର ସ୍ଥିର ହେଲା। ଏହାସହ ଆସନ୍ତା ୩ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯିବ। ରଜତ ଜୟନ୍ତୀ ଉତ୍ସବକୁ ସରସ ସୁନ୍ଦର କରାଇବା ପାଇଁ ଉପସ୍ଥିତ କର୍ମକର୍ତ୍ତାଙ୍କ ପ୍ରସ୍ତାବମାନ ସର୍ବ ସମ୍ମତିକ୍ରମେ ଗୃହୀତ ହେଲା। ୨୦୨୫ ମସିହା ସୁଦ୍ଧା ପୂର୍ବରୁ ସମ୍ବର୍ଦ୍ଧିତ ହୋଇନଥିବା ଅଶୀବର୍ଷେ ଅତିକ୍ରମ କରିଥିବା ଆଜୀବନ ସଦସ୍ୟ ସଦସ୍ୟାଙ୍କୁ ସମ୍ବର୍ଦ୍ଧିତ କରାଯିବ। ଲକ୍ଷ୍ମଣ କୁମାର ମହାନ୍ତି ସେମାନଙ୍କର ନାମ ଘୋଷଣା କଲେ। ଦାତା କର୍ମକର୍ତ୍ତାଙ୍କ ସର୍ତ୍ତାନୁସାରେ ଜିଲ୍ଲାସ୍କୁଲ ଭଦ୍ରକର ଜଣେ ଶିକ୍ଷୟିତ୍ରୀ ଓ ସରକାରୀ ଉଚ୍ଚବିଦ୍ୟାଳୟର ଜଣେ ଶିକ୍ଷକଙ୍କୁ ସେମାନଙ୍କର ଉତ୍ତମ ସେବା ଓ କର୍ତ୍ତବ୍ୟ ନିଷ୍ଠାପାଇଁ ସମ୍ବର୍ଦ୍ଧିତ କରାଯିବ। ଦାତା ସଦସ୍ୟ ସଦସ୍ୟାଙ୍କ ପ୍ରଦତ୍ତ ରାଶିର ସ୍ଥାୟୀଜମା ସୁଧରୁ ସେମାନଙ୍କ ସର୍ତ୍ତାନୁସାରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨୦୨୫ ମସିହା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ଜିଲ୍ଲାସ୍ତରରେ ସର୍ବୋଚ୍ଚ ନମ୍ବର ରଖିଥିବା ଓ ବିଦ୍ୟାଳୟ ସ୍ତରରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯିବ। ନାରାୟଣ ଚନ୍ଦ୍ର ହାଇସ୍କୁଲ, ଜିଲ୍ଲାସ୍କୁଲ ଭଦ୍ରକ, ସରକାରୀ ଉଚ୍ଚ ବିଦ୍ୟାଳୟ ଭଦ୍ରକ, ମଞ୍ଜୁଳ ମଞ୍ଜରୀ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ନୂଆ ବଜାର, ବିନ୍ଦୁ ମାଧବ ନୋଡାଲ ହାଇସ୍କୁଲ ବାଗୁରାଇ, ସତ୍ୟସାଇ ବିଷ୍ଣୁମୋହନ ଉଚ୍ଚ ବିଦ୍ୟାଳୟ ଗରଦପୁରର ଛାତ୍ରଛାତ୍ରୀଙ୍କୁ ପ୍ରତିଭା ସମ୍ମାନ ପ୍ରଦାନ କରାଯିବ। ବିଦ୍ୟାଳୟ ସ୍ତରରେ ୨୦୨୫ ମସିହା ବାର୍ଷିକ ପରୀକ୍ଷାରେ ୭ମ ଓ ଅଷ୍ଟମ ଶେଣୀର ସର୍ବୋଚ୍ଚ ନମ୍ବର ରଖିଥିବା ହରିନାରାୟଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗରଦପୁରର, ୫ମ ଓ ୭ମ ଶ୍ରେଣୀ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ଭଦ୍ରକର ଛାତ୍ର/ଛାତ୍ରୀ, ୩ୟ ଓ ୫ମ ଶ୍ରେଣୀ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ମୂଳଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ର / ଛାତ୍ରୀଙ୍କୁ ପ୍ରତିଭା ସମ୍ମାନ ପ୍ରଦାନ କରାଯିବ। ପେନସନରଙ୍କ ବିଭିନ୍ନ ଦାବୀ ତଥା ବରିଷ୍ଠ ନାଗରିକ ଭାବରେ ବ୍ୟାଙ୍କ, ପୋଷ୍ଟ ଅଫିସ, ଡାକ୍ତରଖାନା, ରେଲୱେ ଷ୍ଟେସନ, ବସ୍‌ଷ୍ଟାଣ୍ଡରେ ଅଗ୍ରାଧିକାର ଭିତ୍ତିରେ ସେବା ପ୍ରଦାନ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଚିଠି ମାଧ୍ୟମରେ ଜଣାଇବା ପାଇଁ ସ୍ଥିର ହେଲା। ସଂଘ ଦ୍ୱାରା ସମାଜ କଲ୍ୟାଣ ପାଇଁ ସଂପାଦିତ କାର୍ଯ୍ୟକ୍ରମର ଆଲୋଚନା ସହ ଭବିଷ୍ୟତ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା ପରେ ସ୍ଥିର ହେଲା। ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ସଦସ୍ୟଙ୍କର ସାହାଯ୍ୟ, ସହଯୋଗ ଓ ଉପସ୍ଥିତି ଆବଶ୍ୟକ। ପ୍ରାରମ୍ଭରେ ଦିବଂଗତ ସଦସ୍ୟ ଭାଗବତ ବିଶ୍ୱାଳଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ସମୂହ ନୀରବ ପ୍ରାର୍ଥନା ସହ ତାଙ୍କର ସ୍ମୃତିଚାରଣ କରାଯାଇଥିଲା।

## ଓସିଏ ଆନ୍ତଃଜିଲ୍ଲା ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ମୟୁରଭଞ୍ଜ ଦଳ ଘୋଷିତ



ବାରିପଦା , ୧୧/୧ (ନି.ପ୍ର): କଟକ ଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଓ ସି ଏ ଆନ୍ତଃ ଜିଲ୍ଲା ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବା ପାଇଁ ମୟୁରଭଞ୍ଜ ଦଳ ଘୋଷିତ ହୋଇଯାଇଛି ଓ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନ ଦ୍ୱାରା ମନୋନୀତ ଦଳରେ ରାଜୀବ ସରକାର, ପ୍ରିୟାଂଶୁ କୁମାର ଜେନା, ଡି ଏସ ଅଜିତେଶ, ଲଳିତ କୁମାର ମହାପାତ୍ର, ରାଘବ ସାକୁନିଆ, ଜଷ୍ଟିସ ଦିବ୍ୟାଂଶୁ ବାରିକ, ମୋଦିରାସ ବେହେରା, ତାଜ ରୋଶନ ପରିଡା, ଗୌରବ ପଣ୍ଡା, ରଣବୀର ରାଉତ, ରିତେଶ ରାଜ ଭୂୟାଁ, ଶାଶ୍ୱତ ଗିରି, ଦେବାଂଶୁ ଅଗ୍ରୱାଲ, ଆଦିତ୍ୟ କେଶରୀ ଜେନା ଓ ରାଜଦୀପ ଜେନା ସାମିଲ ଅଛନ୍ତି ଓ କୋଚ ଓ ମ୍ୟାନେଜର ଭାବେ ସାଇବା ସିଂଙ୍କ ନେତୃତ୍ୱରେ ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବ ବୋଲି କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ଜଣାଇଛନ୍ତି ଓ ମୟୁରଭଞ୍ଜ ତାର ପ୍ରଥମ ମ୍ୟାଚ କିଟ, ଭୁବନେଶ୍ୱର ସହ ଖେଳିବ ବୋଲି ଅନ୍ୟତମ କ୍ରିକେଟ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ପ୍ରକାଶ କରିଛନ୍ତି ଓ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହଙ୍କ ସମେତ ସମସ୍ତ କାଉନସିଲ ସଦସ୍ୟ ଟୁର୍ଣ୍ଣାମେଣ୍ଟରେ ଦଳର ସଫଳତା କାମନା କରିଛନ୍ତି ।

## ବାଲିଆପାଳ ବସ୍ତିରୁ ବାରଜଣ ମକା ମଦିନାକୁ ଉମ୍ରା ହଜ ଯାତ୍ରା କଲେ

ବାଲିଆପାଳ, ୧୧/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବସ୍ତି ରୁ ଶନିବାର ରାତିରେ ବାର ଜଣ ମହିଳା ପୁରୁଷ ମକା ମଦିନାକୁ ଉମ୍ରା ହଜ ଯାତ୍ରାରେ ଯାଇଛନ୍ତି। ଏହି ଅବସରରେ ବାଲିଆପାଳ ବସ୍ତିର ଶତାଧିକ ବାସିନ୍ଦା, ମୌଲାନା ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ହଜ ଯାତ୍ରୀ ସେକ ସମିରୁଦ୍ଦିନ, ସକିନା ବିବୀ, ସେକ ରସିଦ, ବୁରାନ ଖାଁ, ଅଜୁମାନ ବିବି, ସେକ କମିରୁଦ୍ଦିନ, ସେକ ଇନତାଜ, ଅଜିମାନ ବିବି, ସ୍ୱଲେହା ବିବି, ଫାତେମା ବିବି, ଜାହରମାନ ବିବିଙ୍କ ସହିତ ବାଲିଆପାଳ ଜାମା ମସଜିଦରୁ ଏକ ଶୁଭା ଯାତ୍ରାରେ ବାହାରି କଚୁଆ ପଡ଼ା ବଦ୍ଦିରୁଦ୍ଦିନ ପିର ବାବାଙ୍କ ଆସ୍ଥାନ ପର୍ଯ୍ୟନ୍ତ ଯାଇଥିଲେ । ସେଠାରେ ଉପସ୍ଥିତ ବସ୍ତି ବାସିନ୍ଦା ହଜ ଯାତ୍ରା ଶୁଭଙ୍କର ହେଉ ବୋଲି ପିର ବାବାଙ୍କ ଠାରେ ଦୁହା ମାଗିଥିଲେ। ପରେ ସମସ୍ତଙ୍କୁ ହର୍ଷ ମନରେ ବିଦାୟ ଦେଇଥିଲେ। ହେଲେ ଏହି ଯାତ୍ରା ଦୁରାନ୍ତ ଯାତ୍ରା ହୋଇ ଥିବାରୁ ପାରିବାର ଆତ୍ମୀୟ ସୁଜନଙ୍କ ସାହିତ୍ ହଜ ଯାତ୍ରୀଙ୍କ ମଧ୍ୟରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ସେହି ପାରି ଗତ ୯ ତାରିଖ ସନ୍ଧ୍ୟା ରେ କାଚୁଆ ପଡ଼ା ବସ୍ତି ବାସିନ୍ଦା ସଦିର ଶାହା ଏବଂ ତାଙ୍କ ସ୍ତ୍ରୀ ସୁରାତୁନ ବିବି ମଧ ଉମ୍ରା ହଜ ଯାତ୍ରା କରୁଛନ୍ତି।

## ବସ୍ତା ବିଜେପି ତରଫରୁ ଈଶ୍ୱରବର୍ତୀ ଶିବ ମନ୍ଦିରରେ 'ସୋମନାଥ ସ୍ୱାଭିମାନ ପର୍ବ' ପାଳନ ଉପଲକ୍ଷେ ଦୀପ ପ୍ରଜ୍ଜଳନ

ବସ୍ତା , ୧୧/୧ (ନି.ପ୍ର): ଜିଲ୍ଲାସଭାପତି ପ୍ରଦୀପ କୁମାର ପଣ୍ଡାଙ୍କ ନେତୃତ୍ୱରେ ଶିବ ମନ୍ଦିରରେ ଦ୍ୱୀପ ପ୍ରଜ୍ଜ ଳନ କରାଯାଇଛି। ଜାନୁୟାରୀ ୧୦୨୬ ମସିହାରେ ଗଜନୀର ମହମୁଦ ସୋମନାଥ ମନ୍ଦିର ଉପରେ ଆକ୍ରମଣ କରି ମନ୍ଦିରକୁ ଧ୍ୱଂସ କରିଦେଇଥିଲେ। ବର୍ଷ ୨୦୨୬ ହେଉଛି ଆସ୍ତା ଏବଂ ସଭ୍ୟତାର ମହାନ ପ୍ରତୀକ ଉପରେ ବର୍ବରତା ସହିତ ଆକ୍ରମଣ କରିଥିବାର ୧୦୦୦ ବର୍ଷ ପୂର୍ଣ୍ଣ ହେଉଅଛି ।ସୋମନାଥ ମନ୍ଦିର ଏହି ୧୦୦୦ ବର୍ଷର ସହନଶୀଳତା,ପୁନରୁଦ୍ଧାର ଏବଂ ନିରନ୍ତ ରତାକୁ ରେଖାଙ୍କିତ କରିବା ପାଇଁ ଏହି ବର୍ଷକୁ ସୋମନାଥ ସ୍ୱାଭିମାନ ରୂପେ ପାଳନ କରାଯାଇଛି ଏବଂ ଦୀପ ପ୍ରଜ୍ଜଳନ କାର୍ଯ୍ୟକ୍ରମ ରେ ବସ୍ତା ବିଜେପି ନେତା ରବୀନ୍ଦ୍ରନାଥ ଅଣ୍ଡିଆ,ବରିଷ୍ଠ ବିଜେପି ନେତା ଶ୍ୟାମାପ୍ରସାଦ ବେହେରା,ଜିଲ୍ଲା ସାଧାରଣ ସମ୍ପା ଦକ କମଲ ଲୋଚନ ଦାସ,ଜିଲ୍ଲା ଉପସଭାପତି କୃଷ୍ଣଚନ୍ଦ୍ର ଦତ୍ତ,ବସନ୍ତ ବାରିକ, ରବିନ୍ଦ୍ର ଜୈନ,ଫରନାଲ ବିଶ୍ୱାଳ,ସୂର୍ଯ୍ୟ ନାରାୟଣ ସାହୁ, ଇଂ. ଦିବାକର ରାଉତ,ପ୍ରସନ୍ନ ପଣ୍ଡା,ସୁଶୀଲ ବେହେରା, ଧିରେନ ସେଠୀ,ବିଶ୍ୱନାଥ ସିଂ,ସରୋଜ କୁମାର ଗିରିଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା।

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida